# ଖ୍ରୀଷ୍ଟଙ୍କର

## ସଚିତ୍ର ଜୀବନ କାହାଣୀ

**The Life of Christ** ***Illustrated*** **- Oriya**



# The Life of Christ Illustrated

## Oriya Edition

Copyright 2015 Voice Media

info@VM1.global
Web home: www.VM1.global

All rights reserved. No part of the publication may be reproduced, distributed or transmitted in any form or by any means, including photocopying, recording, or other electronic, or mechanical methods, without the prior written permission of the publisher, except in the case of brief quotations embodied in critical reviews and certain other noncommercial uses permitted by copyright law. For permission requests, email the publisher, addressed “Attention: Permission Coordinator,” at the address above.

This publication **may not be sold, and is for free distribution** only.

# ଯୀଶୁଙ୍କର ଜୀବନ

## ମାଥିଉ, ମାର୍କ, ଲୂକ ଏବଂ ଯୋହନରୁ ଉଦ୍ଧୃତ

ନୂତନ ନିୟମର ପ୍ରଥମ ଚାରୋଟି ପୁସ୍ତକକୁ ସୁସମାଚାର କୁହାଯାଏ । ଏହାର ଅର୍ଥ ଯୀଶୁଙ୍କ ବିଷୟରେ ''ଉତ୍ତମ ସମ୍ବାଦ'' ଅଟେ । ଏଥିରେ ଯୀଶୁଙ୍କର ଜୀବନ, ଶିକ୍ଷା, ମୃତ୍ୟୁ ଏବଂ ପୁନରୁତ୍ଥାନ ବିଷୟ ଲେଖାଯାଇଛି । ଏହି ପୁସ୍ତକଗୁଡ଼ିକ ବହୁଭାବରେ ସମାନ ପ୍ରକାରର ହୋଇଥିବାରୁ ଏଗୁଡ଼ିକରେ ଥିବା ତଥ୍ୟଗୁଡ଼ିକ ଏକତ୍ର କରି ଏଠାରେ ଗୋଟିଏ କାହାଣୀ କୁହାଯାଇଛି ।




ଜଗତର ଯେଉଁ ସ୍ଥାନକୁ ଯୀଶୁ ଆସିଥିଲେ।
ପ୍ରାୟ ୬୦ ବର୍ଷ ଧରି ଯିହୁଦୀମାନଙ୍କର ଦେଶ, ପାଲେଷ୍ଟାଇନ ରୋମସାମ୍ରାଜ୍ୟ ଦ୍ୱାରା ଶାସିତ ହୋଇ ଆସୁଛି । ଏହି ଅଞ୍ଚଳକୁ ନିଜ ନିୟନ୍ତ୍ରଣରେ ରଖିବା ପାଇଁ ରୋମୀୟମାନେ ଜଣେ ଚତୁର ଓ ନିଷ୍ଠୁର ବ୍ୟକ୍ତି, ହେରୋଦଙ୍କୁ ଶାସନକର୍ତ୍ତା ଭାବେ ନିଯୁକ୍ତି ଦେଇଥିଲେ । ଯିହୁଦୀମାନେ ତାଙ୍କୁ ଏବଂ ତାଙ୍କ ଦରବାରକୁ ଆସୁଥିବା ରୋମୀୟ କର୍ମଚାରୀମାନଙ୍କୁ ଘୃଣା କରନ୍ତି ।
ବର୍ତ୍ତମାନ ଖ୍ରୀ:ପୂ: ୬...
ହେ ବୃଦ୍ଧ ବ୍ୟକ୍ତି, ମୋ ପାଇଁ ଏହାକୁ ବୋହି ନେଇଚାଲ ।
ବିଚରା ବୃଦ୍ଧ ବ୍ୟକ୍ତିଙ୍କୁ ବାକ୍ସଟି ଖୁବ୍ ଓଜନିଆ ଲାଗୁଥିବ !
ରୋମୀୟମାନେ ନିଷ୍ଠୁର ।
ବହୁ ସମୟ ପରେ ବୃଦ୍ଧ ବ୍ୟକ୍ତିଟି ଘରେ ପହଞ୍ଚିଲେ ।
ଜେଜେବାପା, କ'ଣ ହେଲା ?
ଜଣେ ରୋମୀୟ ସୈନିକ ତାଙ୍କ ଦ୍ୱାରା ଗୋଟିଏ ଭାରୀ ବାକ୍ସ ହେରୋଦଙ୍କ ପ୍ରାସାଦକୁ ନେଲେ ।


କିନ୍ତୁ 'କାହିଁକି ମା' ?
ଏହା ହିଁ ଆଇନ । ଜଣେ ରୋମୀୟ ସେନା ଏକ ମାଇଲ ପର୍ଯ୍ୟନ୍ତ ଜଣେ ଯିହୁଦୀକୁ ତାର ଜିନିଷ ବୋହିବା ପାଇଁ ବାଧ୍ୟ କରାଏ । ଏହା ଠିକ୍ ନୁହେଁ, କିନ୍ତୁ ରୋମୀୟମାନେ...
ରୋମୀୟମାନେ, ପ୍ରତ୍ୟେକ ବିଷୟ ପାଇଁ ଆମ ଉପରେ କର ବସାନ୍ତି । କିନ୍ତୁ ଆମ ସରକାର ନିକଟରେ ଆମେ ପ୍ରତିବାଦର ସ୍ୱର ଉଠାଇ ପାରୁ ନାହୁଁ । ବହୁଦିନ ତଳେ ଶ୍ରେଷ୍ଠ ରାଜା ଦାଉଦଙ୍କ ସମୟରେ ଆମେ ପ୍ରକୃତରେ ଶାସକ ଥିଲୁ ।
ଶଃ ! କେହି ହୁଏତ ଶୁଣିପାରେ ।
ହେ ପ୍ରଭୁ, ଜଣେ ତ୍ରାଣକର୍ତ୍ତାଙ୍କୁ ପଠାଇବ ବୋଲି ତୁମେ ପ୍ରତିଜ୍ଞା କରିଥିଲ; ସେ କେବେ ଆସିବେ ?
ଭାବବାଦୀ ମଲାଖି କହିଥିଲେ ଯେ ଆମକୁ ପ୍ରସ୍ତୁତ କରିବାକୁ ଈଶ୍ୱର ପ୍ରଥମେ ଜଣେ ବ୍ୟକ୍ତିଙ୍କୁ ପଠାଇବେ... ଆଉ ସେ ଏପର୍ଯ୍ୟନ୍ତ ଆସି ନାହାନ୍ତି ।

ସେହି ଦ୍ୱିପ୍ରହରରେ... ପ୍ରାର୍ଥନା ନିମନ୍ତେ ଯିହୁଦୀମାନେ ମନ୍ଦିରରେ ଏକତ୍ରିତ ହୋଇଥିବା ସମୟରେ ଜିଖରିୟ ନାମକ ଜଣେ ବୃଦ୍ଧ ଯାଜକ ପ୍ରାର୍ଥନା କରିବାକୁ ଓ ଧୂପ ଜ୍ୱଳାଇବାକୁ ପବିତ୍ରସ୍ଥାନ ମଧ୍ୟକୁ ପ୍ରବେଶ କଲେ ।




ସେ ସେହି ଗୁପ୍ତ କୋଠରୀରେ ଏତେ ସମୟ ରହିଗଲେ ଯେ ଲୋକମାନେ ଆଶ୍ଚର୍ଯ୍ୟ ହେଲେ ।




ଶେଷରେ ଜିଖରିୟ ବାହାରକୁ ଆସିଲେ ଏବଂ ଲୋକମାନଙ୍କର ସମ୍ମୁଖୀନ ହେଲେ ... ମାତ୍ର ସେ କଥା କହିପାରୁ ନ ଥିଲେ ।



# ଇଶ୍ୱରଙ୍କଠାରୁ ଆଗତ ଏକ ରହସ୍ୟ

ଲୂକ ୧ : ୨୩-୫୫ ରୁ ଉଦ୍ଧୃତ

ମନ୍ଦିରର ପବିତ୍ରସ୍ଥାନରେ ଧୂପ ଜ୍ୱଳାଇବା ନିମନ୍ତେ ବୃଦ୍ଧ ଜିଖରିୟ ଯେଉଁ ଦିନ ମନ୍ଦିରରେ ପ୍ରବେଶ କରିଥିଲେ, ସେହିଦିନଠାରୁ ସେ ଗୋଟିଏ ଶବ୍ଦ ସୁଦ୍ଧା କହି ପାରୁ ନ ଥିଲେ। ସେ ଗୋଟିଏ ଦର୍ଶନ ପାଇଛନ୍ତି ବୋଲି ଅଧିକାଂଶ ଲୋକ ବିଶ୍ୱାସ କରୁଥିଲେ। କିନ୍ତୁ ଜିଖରିୟ କୌଣସି ପ୍ରତ୍ୟୁତ୍ତର ଦେଉ ନ ଥିଲେ। ସେ ମନ୍ଦିରରେ ତାଙ୍କ ସେବା-ସମୟ ସମାପ୍ତ କରି ଯିହୁଦାର ପର୍ବତରେ ସ୍ଥିତ ତାଙ୍କ ଗୃହକୁ ପ୍ରତ୍ୟାବର୍ତ୍ତନ କଲେ। ତାଙ୍କ ସ୍ତ୍ରୀ, ଏଲିଶାବେଥ୍ ଦ୍ୱାର ନିକଟରେ ତାଙ୍କୁ ସାକ୍ଷାତ୍ କଲେ।









ଆନନ୍ଦର ଆତିଶଯ୍ୟାରେ ... ଏବଂ ସେମାନଙ୍କ ଉପରେ ଥିବା ଈଶ୍ୱରଙ୍କ ମହାଭରସା ଦ୍ୱାରା ଭୟଭୀତ ହୋଇ ଜିଖରିୟ ଏବଂ ଏଲିଶାବେଥ୍ ସେମାନଙ୍କ ପୁତ୍ର ଜନ୍ମ ନିମନ୍ତେ ପ୍ରସ୍ତୁତ ହୋଇଛନ୍ତି । ମାସସବୁ ଅତିକ୍ରାନ୍ତ ହେବା ସମୟରେ ସେମାନେ ଶାସ୍ତ୍ରର ସେହି ଅଂଶ ସବୁ ଏକତ୍ର ପଢ଼ିଛନ୍ତି, ଯେଉଁଠାରେ ନିଜ ଲୋକମାନଙ୍କ ପ୍ରତି ଈଶ୍ୱରଙ୍କ ପ୍ରତିଜ୍ଞା ବିଷୟ ଉଲ୍ଲେଖ ଅଛି ।




ମରିୟମ ସେହି ଦୂତଙ୍କ ବାର୍ତ୍ତା ସମ୍ବନ୍ଧରେ କାହାକୁ କିଛି କହି ନ ଥିଲେ । ମାତ୍ର କିଛି ଦିନ ପରେ ସେ ଯୋଷେଫଙ୍କୁ ସାକ୍ଷାତ୍ କରିବା ନିମନ୍ତେ ତାଙ୍କ ଦୋକାନକୁ ଗଲେ ।
ମୋର ଆତ୍ମୀୟ ଏଲିଶାବେଥ୍‌ଙ୍କୁ ଦେଖା କରିବାକୁ ଯିବି ବୋଲି ମୁଁ ଠିକ୍ କରିଛି ।
ଯିହୁଦାକୁ ? ମରିୟମ, ତୁମେ ସେଠାକୁ ଏକାକୀ ଯାଅ ବୋଲି ମୁଁ ଆଦୌ ପସନ୍ଦ କରୁ ନାହିଁ । ଆମର ନିର୍ବନ୍ଧ ସମୟ ସମାପ୍ତି ପରେ ଆମର ବିବାହ ହୋଇଗଲେ ମୁଁ ତୁମକୁ ସେଠିକୁ ନେଇପାରିବି ।
କିନ୍ତୁ ମରିୟମ ଏକାକୀ ନାଜରିତରୁ ଚାଲିଗଲେ ।
ଦୂତ କହିଥିଲେ ଯେ ଏଲିଶାବେଥ୍ ମଧ୍ୟ ଗୋଟିଏ ପୁତ୍ର ପ୍ରସବ କରିବାକୁ ଯାଉଛନ୍ତି । ତାଙ୍କ ସହିତ କଥାବାର୍ତ୍ତା କରିବା ଉତ୍ତମ ହେବ ।
ଆଉ ସେ ଭଉଣୀଙ୍କ ଗୃହରେ ପହଞ୍ଚିବା ପରେ...
ମରିୟମ, କେତେ ଆଶ୍ଚର୍ଯ୍ୟଜନକ ଭାବରେ ଈଶ୍ୱର ତୁମକୁ ଆଶୀର୍ବାଦ କରିଛନ୍ତି ! କିନ୍ତୁ, ମୋତେ କୁହ, କାହିଁକି ମୋ ପ୍ରଭୁଙ୍କ ମାତା ମୋ ନିକଟକୁ ଆସିଛନ୍ତି ?
ଏହି ଅଭିବାଦନରୁ ମରିୟମ ଜାଣି ପାରିଲେ ଯେ ଏଲିଶାବେଥ୍ ସେହି ଆଶ୍ଚର୍ଯ୍ୟଜନକ ଗୁପ୍ତ ବିଷୟଟି ଜାଣିଛନ୍ତି । ଆନନ୍ଦରେ ଓ ଉଚ୍ଚସ୍ୱରରେ ସେ ଈଶ୍ୱରଙ୍କ ପ୍ରଶଂସା କରିବାକୁ ଲାଗିଲେ ।
ମୋ ପ୍ରାଣ ସଦାପ୍ରଭୁଙ୍କର ଗୌରବ କରୁଅଛି ... କାରଣ ସେହି ସର୍ବଶକ୍ତିମାନ ମୋ ପ୍ରତି ମହତ୍‌କର୍ମ କରିଅଛନ୍ତି, ଆଉ ତାଙ୍କ ନାମ ପବିତ୍ର ଅଟେ ।

# ଗୋଟିଏ ପିତାଙ୍କର ଭାବବାଣୀ

## ଲୂକ ୧ : ୫୭-୮୦; ୨:୧-୫ ରୁ ଉଦ୍ଧୃତ

ସମୟ ଶୀଘ୍ର ଅତିକ୍ରାନ୍ତ ହୋଇଛି । ବୃଦ୍ଧ ଯାଜକ ଜିଖରିୟଙ୍କ ଗୃହରେ ତାଙ୍କ ପତ୍ନୀ ଏଲିଶାବେଥ୍ ଓ ଭଉଣୀ ମରିୟମ ସେମାନଙ୍କୁ ଈଶ୍ୱର ଯେଉଁ ପୁତ୍ରମାନଙ୍କୁ ଦେବେ ବୋଲି ପ୍ରତିଜ୍ଞା କରିଥିଲେ, ସେ ବିଷୟରେ ବହୁ ସମୟ ଧରି କଥାବାର୍ତ୍ତା କରିଥିଲେ ଯେତେବେଳେ ଜିଖରିୟ ଓ ଏଲିଶାବେଥ୍‌ଙ୍କ ପୁତ୍ର ଜନ୍ମ ହୋଇଛି, ସେତେବେଳେ ପ୍ରତିବେଶୀ ଓ ଆତ୍ମୀୟମାନେ ତାଙ୍କୁ ଦେଖିବାକୁ ଆସିଛନ୍ତି ।







ନିଜ ପୁତ୍ରଙ୍କ ଜନ୍ମ ସମ୍ବନ୍ଧରେ ଦୂତଙ୍କର ବାର୍ତ୍ତାକୁ ସଂଦେହ କରିବା ଦିନଠାରୁ ଜିଖରିୟ କିଛି କହିପାରୁ ନ ଥିଲେ । ସେ ଅତିଶୀଘ୍ର ନିଜର ଉତ୍ତର ଲେଖି ସେହି ସ୍ତ୍ରୀଟିକୁ ପଢ଼ିବାକୁ ଦେଲେ ।




ଆଉ ଶିଶୁଟିର ନାମ ଦୂତଙ୍କ ନିର୍ଦ୍ଦେଶ ଅନୁଯାୟୀ ଯୋହନ ରଖାଗଲା... ଆଉ ସେହି ମୁହୂର୍ତ୍ତରେ ଜିଖରିୟଙ୍କ ମୁଖ ଫିଟିଯିବାରୁ ସେ କଥା କହିବାକୁ ସମର୍ଥ ହେଲେ ।
ଇସ୍ରାଏଲର ସଦାପ୍ରଭୁ ପରମେଶ୍ୱର ଧନ୍ୟ ହୁଅନ୍ତୁ; କାରଣ ସେ ଆସି ନିଜ ଲୋକମାନଙ୍କୁ ଉଦ୍ଧାର କରିଛନ୍ତି..ଆଉ ହେ ଶିଶୁ, ତୁମେ ସର୍ବଶକ୍ତିମାନଙ୍କର ଭାବବାଦୀରୂପେ ବିଖ୍ୟାତ ହେବ, କାରଣ ତୁମେ ପ୍ରଭୁ ସମ୍ମୁଖରେ ତାଙ୍କର ପଥ ପ୍ରସ୍ତୁତ କରିବ ।
ବାଟରେ ଯାଉ ଯାଉ ଜିଖରିୟଙ୍କ ପୁତ୍ରଙ୍କ ଜନ୍ମ ସହିତ ସଂଯୁକ୍ତ ଅଦ୍ଭୁତ ଘଟଣାଗୁଡ଼ିକ ବିଷୟରେ ଲୋକମାନେ କଥାବାର୍ତ୍ତା ହେଉଥଲେ ।
ଯୋହନ 'ନାମର ଅର୍ଥ କ'ଣ ?
ଏହାରଅଥ 'ଈଶ୍ୱର ଅନୁଗ୍ରହ କରିଛନ୍ତି ।' ଏ ଶିଶୁଟି ନିମନ୍ତେ ଈଶ୍ୱରଙ୍କର କିଛି ବିଶେଷ ଯୋଜନା ଅଛି ।
ମରିୟମ ନାଜରିତସ୍ଥିତ ନିଜ ଗୃହକୁ ଫେରି ନିଜ ସନ୍ତାନ ନମନ୍ତେ ଥିବା ଈଶ୍ୱରଙ୍କ ଉଦ୍ଦେଶ୍ୟ ବିଷୟରେ ଚିନ୍ତା କରିଛନ୍ତି । ଜନ୍ମ ହେବାକୁ ଯାଉଥିବା ପୁତ୍ର ବିଷୟରେ ଦୂତ ମରିୟମଙ୍କୁ ଯାହା କହିଥିଲେ, ତାହା ଯୋଷେଫ ବୁଝିପାରୁ ନ ଥିଲେ । ଦିନେ ରାତିରେ ଜଣେ ସ୍ୱର୍ଗଦୂତ ତାଙ୍କ ନିକଟକୁ ଆସିଲେ ।
ଈଶ୍ୱର ନିଜ ପୁତ୍ରର ମାତା ହେବା ପାଇଁ ମରିୟମଙ୍କୁ ମନୋନୀତ କରିଛନ୍ତି । ତୁମେ ତାଙ୍କୁ ଯୀଶୁ ବୋଲି ଡାକିବ, କାରଣ ସେ ଲୋକମାନଙ୍କୁ ସେମାନଙ୍କ ପାପରୁ ରକ୍ଷା କରିବେ ।


ର ଦିନ ଅତି ପ୍ରତ୍ୟୁଷରୁ ଉଠି ଯୋଷେଫ ମରିୟମଙ୍କୁ ଭେଟିଛନ୍ତି ।
ହେ ମରିୟମ, ଗତ ରାତିରେ ଜଣେ ସ୍ୱର୍ଗଦୂତ ସ୍ୱପ୍ନରେ ଦେଖା ଦେଇ ମୋତେ କହିଲେ ଯେ, ତୁମେ ପ୍ରଭୁଙ୍କର ମାଁ ହେବାକୁ ଯାଉଛ । ମୁଁ ବର୍ତ୍ତମାନ ଜାଣିପାରୁଛି ଯେ ତୁମର ଓ ତୁମ ପୁତ୍ରର ଯତ୍ନ ନେବାପାଇଁ ଈଶ୍ୱର ମୋତେ ମନୋନୀତ କରିଛନ୍ତି ।
ମରିୟମ ଓ ଯୋଷେଫଙ୍କର ବିବାହ ହେଲା ଆଉ ମରିୟମ ଯୋଷେଫଙ୍କ ଦୋକାନ ନିକଟରେ ଥିବା ତାଙ୍କ ଗୃହରେ ରହିଲେ । ଦିନେ ସଂଧ୍ୟାରେ କାର୍ଯ୍ୟ ଶେଷ ହେବା ପରେ ସେମାନେ ଗୃହର ଛାତ ଉପରେ ବିଶ୍ରାମ ନେଉ ନେଉ ଆକାଶର ତାରାସବୁ ଦେଖୁଥିଲେ ଓ ମରିୟମ ପ୍ରତି ପ୍ରଦତ୍ତ ଈଶ୍ୱରଙ୍କ ପ୍ରତିଜ୍ଞା ବିଷୟରେ ଆଲୋଚନା କରୁଥିଲେ ।
ଦିନେ ଯୋଷେଫ ବଜାରରୁ ଗୋଟିଏ ଦୁଃସମ୍ବାଦ ନେଇ ଘରକୁ ଫେରିଲେ । ଅଗଷ୍ଟସ୍ ସିଜର୍ ଆଦେଶ ଦେଇଛନ୍ତି ଯେ, ପ୍ରତ୍ୟେକ ଜଣ ନିଜ ନାମ ଓ ସଂପତ୍ତିର ପରିମାଣ ଲେଖାଇବେ । ମରିୟମ ଏବଂ ଯୋଷେଫ ଉଭୟ ଦାଉଦ ବଂଶରୁ ଆସିଥିବାରୁ ସେମାନଙ୍କୁ ଦାଉଦନଗର ବେଥଲିହିମ ଯିବାକୁ ହେବ ।
ମାତ୍ର ମୁଁ ତୁମକୁ ଛାଡ଼ି ଯାଇପାରିବି ନାହିଁ
ଯୋଷେଫ, ତୁମକୁ ଯିବାକୁ ହେବ । ମୁଁ ତୁମ ସହିତ ଯିବି । ବ୍ୟସ୍ତ ହୁଅ ନାହିଁ । ଈଶ୍ୱର ଆମ ସହିତ ଅଛନ୍ତି ।
ଶୀଘ୍ର ନାମ ଲେଖାଇବା ନିମନ୍ତେ ସେମାନେ ବାହାରିଗଲେ । ଅନ୍ୟମାନେ ମଧ୍ୟ ବାଟରେ ସେମାନଙ୍କ ସହିତ ଯୋଗ ଦେଲେ । କିନ୍ତୁ ଦୀର୍ଘଦିନ ଯାତ୍ରା କରିବାକୁ ପଡ଼ିଲା, ଆଉ କିଛି ଦିନ ପରେ ମରିୟମ ଓ ଯୋଷେଫ ପଛରେ ରହିଗଲେ । ସେମାନେ ସର୍ବଶେଷରେ ବେଥଲିହିମରେ ପହଞ୍ଚିଲେ ।
ଆମେ ବହୁଦୂରରୁ ଆସିଅଛୁ । ମୋର ସ୍ତ୍ରୀ କ୍ଳାନ୍ତ ହୋଇପଡ଼ିଛି । ଆମକୁ ଗୋଟିଏ କୋଠରୀ ଆବଶ୍ୟକ ।
ମୁଁ ଦୁଃଖିତ, ବେଥଲିହିମରେ ଏବେ ବହୁତ ଭିଡ଼ । ଏଠାରେ ଆଉ କୋଠରୀ ନାହିଁ ।


ଦୂତମାନେ ଯେଉଁ ରାତ୍ରିରେ ଗୀତ ଗାଇଥିଲେ
ଲୂକ ୧ : ୨୩-୫୫ ରୁ ଉଦ୍ଧୃତ
ନାଜରିତରୁ ଏକ କ୍ଳାନ୍ତିକର ଯାତ୍ରା ପରେ ଯୋଷେଫ ଓ ମରିୟମ ବେଥଲିହିମରେ ପହଞ୍ଚିଲେ । କିନ୍ତୁ ସହରଟିରେ ଏତେ ଭିଡ଼ ଥିଲା ଯେ ପାନ୍ଥଶାଳାରେ ରହିବାକୁ ସ୍ଥାନ ନ ଥିଲା ।
ମୋର ସ୍ତ୍ରୀ ଆସନ୍ନପ୍ରସବା...ତାଙ୍କର ବିଶ୍ରାମ ନିମନ୍ତେ କିଛି ସ୍ଥାନ ମିଳିବ କି ?
ଏହି ରାତିରେ ମିଳିବ ନାହିଁ । ହଁ... ମୋର ଗୁହାଳରେ ଗୋଟିଏ ଖୋଲା ସ୍ଥାନ ଅଛି । ଯଦି...
ଯୋଷେଫ, ଏହାକୁ ନିଅ, ଅତିବିଳମ୍ବ ହେଲାଣି, ଆଉ ମୁଁ ଅତି କ୍ଳାନ୍ତ ।
ମରିୟମ, ତୁମ ପାଇଁ ଏ ସ୍ଥାନ ଉପଯୁକ୍ତ ନୁହେଁ ।
ଏହା ଠିକ୍, ଯୋଷେଫ, ଯେଉଁ ଆଶ୍ରୟସ୍ଥାନ ମିଳିଲେ ମଧ୍ୟ ମୁଁ ଇଶ୍ୱରଙ୍କୁ ଧନ୍ୟବାଦ ଜଣାଉଛି ।


ସେହି ରାତ୍ରିରେ କେତେକ ମେଷପାଳକ ସହର ବାହାରେ ସେମାନଙ୍କ ମେଷ ପଲ ଜଗୁଥିଲେ। ସେମାନେ ବେଥଲିହିମକୁ ଆସିଥିବା ଲୋକମାନଙ୍କ ବିଷୟରେ କଥାବାର୍ତ୍ତା କରୁଥିଲେ।
ମୁଁ ଶୁଣିଛି ଯେ ଅଗଷ୍ଟସ ସିଜର ଯେପରି ଅଧିକ କର ଆଦାୟ କରି ପାରିବେ, ଏଥିପାଇଁ ଏହି ନାମଲେଖା ଆଦେଶ ଦେଇଛନ୍ତି । ଆମେ ଏହି ବିଦେଶୀ ସ୍ୱେଚ୍ଛାଚାରୀମାନଙ୍କ ଠାରୁ କ'ଣ କେବେହେଲେ ମୁକ୍ତ ହେବା ନାହିଁ ।
ଈଶ୍ୱର ଆମକୁ ଗୋଟିଏ ଉଦ୍ଧାରକର୍ତ୍ତା ଦେବେ ବୋଲି ପ୍ରତିଜ୍ଞା କରିଛନ୍ତି, ଆଉ ମୋ ଜୀବନସାରା ମୁଁ ଏହି ପ୍ରାର୍ଥନା କରିଛି ଯେପରି ତାଙ୍କୁ ଦେଖିବା ନିମନ୍ତେ ବଞ୍ଚି ରହିବି।
ହଠାତ୍... ମେଷପାଳକମାନଙ୍କର ଚତୁର୍ଦ୍ଦିଗରେ ଗୋଟିଏ ବଡ଼ ଆଲୋକ ଝଲସି ଉଠିଲା ।
ଏହା କ'ଣ ?
ହେ ଈଶ୍ୱର, ଆମକୁ ରକ୍ଷା କରନ୍ତୁ ।
ଭୟ କର ନାହିଁ, କାରଣ ମୁଁ ସମସ୍ତ ଲୋକମାନଙ୍କ ନିମନ୍ତେ ଆନନ୍ଦଦାୟକ ସୁସମ୍ବାଦ ଆଣିଅଛି । ତୁମ୍ଭମାନଙ୍କ ନିମନ୍ତେ ଦାଉଦ ନଗରରେ ଜଣେ ତ୍ରାଣକର୍ତ୍ତା ଜନ୍ମଗ୍ରହଣ କରିଅଛନ୍ତି । ସେ ହେଉଛନ୍ତି ଖ୍ରୀଷ୍ଟ ପ୍ରଭୁ । ତୁମ୍ଭେମାନେ ଶିଶୁଙ୍କୁ ଗୋଟିଏ ଗୁହାଳକୁଣ୍ଡରେ ଶୋଇଥିବା ଦେଖିବ ।


ଏହାପରେ ଆକାଶରେ ସ୍ୱର୍ଗଦୂତମାନଙ୍କର ବାହିନୀ ଉପସ୍ଥିତ ହୋଇ ଈଶ୍ୱରଙ୍କ ପ୍ରଶଂସାଗୀତ ଗାନ କରିବାକୁ ଲାଗିଲେ ।
ଉର୍ଦ୍ଧ୍ୱଲୋକରେ ଈଶ୍ୱରଙ୍କ ମହିମା, ପୁଣି ପୃଥିବୀରେ ତାହାଙ୍କ ସନ୍ତୋଷପାତ୍ର ମନୁଷ୍ୟମାନଙ୍କ ମଧ୍ୟରେ ଶାନ୍ତି
ଦୂତମାନେ ଚାଲିଗଲେ...ସୁନ୍ଦର ଆଲୋକ ଅନ୍ତର୍ଦ୍ଧାନ ହେଲା । ପୁଣି ଥରେ ବେଥଲିହିମର ପର୍ବତ ଉପରେ ଅନ୍ଧକାର ଓ ନୀରବତା ଘୋଟିଗଲା ।
ମୁଁ ଯାହା ଦେଖିଲି ଓ ଶୁଣିଲି, ତାହା ସହଜରେ ବିଶ୍ୱାସ କରିପାରୁ ନାହିଁ । ଈଶ୍ୱରଆଜି ରାତିରେଆମର ଉଦ୍ଧାରକର୍ତ୍ତା ଓ ତ୍ରାଣକର୍ତ୍ତାଙ୍କୁ ପଠାଇଅଛନ୍ତି ।
ଆଉ, ଟିକେ ଚିନ୍ତା କର । ଆମ ପରି ଦରିଦ୍ର ମେଷପାଳକ ମାନଙ୍କୁ ଏହା ଜଣାଇବା ପାଇଁ ସେ ନିଜର ଦୂତମାନଙ୍କୁ ପ୍ରେରଣ କରିଥିଲେ ।
ଦୂତ କହିଲେ ଯେ, ଆମେ ସେହିତ୍ରାଣକର୍ତ୍ତାଙ୍କୁ ଗୋଟିଏ ଗୁହାଳକୁଣ୍ଡରେ ଶୋଇଥିବା ଦେଖିବୁ । ଚାଲ ବେଥଲିହିମକୁ ଯାଇ ତାଙ୍କୁ ଦେଖିବା
ଆଗ୍ରହ, ଭୟ ଓ ଆଶ୍ଚର୍ଯ୍ୟର ସହିତ ମେଷପାଳକମାନେ ଶୀଘ୍ର ବେଥଲିହିମ ଯାତ୍ରା କଲେ । ଦ୍ୱାର ନିକଟରୁ ସେମାନେ ପାନ୍ଥଶାଳା ଦିଗରେ ଚାଲିଲେ ।
ଦେଖ, ଗୁହାଳଘରେ ଗୋଟିଏ ଆଲୋକ !
ଆମର ତ୍ରାଣକର୍ତ୍ତା ଏଠାରେ ଅଛନ୍ତି । ଆଉ ମୁଁ ତାଙ୍କୁ ଦେଖିବାକୁ ଯାଉଛି ।

# ଜଣେ ରାଜା ଜନ୍ମ ହୋଇଛନ୍ତି

ଲୂକ ୨ : ୭; ୧୬-୨୦; ମାଥିଉ ୨ : ୧-୮ ରୁ ଉଦ୍ଧୃତ

ଏହା ଗୋଟିଏ ଅଦ୍ଭୁତ ଓ ପବିତ୍ର ରାତ୍ରି ଥିଲା । ଜନଗହଳିପୂର୍ଣ୍ଣ ବେଥଲିହିମ ଶୋଇଥିବା ସମୟରେ ଈଶ୍ୱରଙ୍କ ପୁତ୍ର ଜନ୍ମ ହୋଇଥିଲେ । ସ୍ନେହରେ, ମରିୟମ ଶିଶୁଙ୍କୁ କନାରେ ଗୁଡ଼ାଇ ଗୋଟିଏ ଗୁହାଳ କୁଣ୍ଡରେ ଶୁଆଇ ଦେଇଥିଲେ । ଆଉ ମେଷପାଳକମାନେ ତାଙ୍କୁ ଖୋଜି ଖୋଜି ସେଠାରେ ପହଞ୍ଚିଲେ ।




... ଆଉ ମେଷପଲ ନିକଟକୁ ଫେରିଯିବା ସମୟରେ ସେହି ରାତିରେ ଯାହା ଘଟିଥିଲା, ସେଥିନିମନ୍ତେ ଇଶ୍ୱରଙ୍କର ପ୍ରଶଂସା କରୁଥିଲେ । ଠିକ୍ ସେହି ସମୟରେ ଦୂର ପୂର୍ବ ଦେଶରେ ପଣ୍ଡିତମାନେ ଦେଖିଥିବା ଗୋଟିଏ ଅଦ୍ଭୁତ ବିଷୟ ସମ୍ବନ୍ଧରେ କଥାବାର୍ତ୍ତା କରୁଥିଲେ ।
ସେହି ନୂତନ ତାରା... ଏହା ଅନ୍ୟ ତାରାଗଣଠାରୁ ଅଧିକ ଉଜ୍ଜ୍ୱଳ । ଏହାର କିଛି ବିଶେଷ ଅର୍ଥ ରହିଛି ।
ଏହା ଇଶ୍ୱରଙ୍କର ଗୋଟିଏ ଚିହ୍ନ ଯେ ଯିହୁଦୀମାନଙ୍କର ଜଣେ ମହାନ୍ ରାଜା ଜନ୍ମଗ୍ରହଣ କରିଛନ୍ତି ।
ଚାଲ, ଆମେ ବେଥଲିହିମକୁ ଯାଇ ରାଜାଙ୍କୁ ଖୋଜିବା
ମାସ ମାସ ଧରି ଯାତ୍ରା କରିବା ପରେ ପଣ୍ଡିତମାନେ ଯିରୂଶାଲମରେ ପହଞ୍ଚିଲେ ।
ଆମେ ଯିହୁଦୀମାନଙ୍କର ରାଜା ହେବା ନିମନ୍ତେ ଜନ୍ମଗ୍ରହଣ କରିଥିବା ଶିଶୁଙ୍କୁ ପୂଜା କରିବାକୁ ଆସିଛୁ । ତାଙ୍କୁ କେଉଁଠାରେ ପାଇବୁ, ଦୟାକରି ଆମକୁ କହନ୍ତୁ ।
ତୁମ୍ଭମାନଙ୍କର ଗଣନା ଭୁଲ୍ । ଏଠାରେ କୌଣସି ରାଜା ଜନ୍ମି ନାହାନ୍ତି ।

ଯେତେବେଳେ ପଣ୍ଡିତମାନେ ରାଜପ୍ରାସାଦରେ ଅନ୍ୱେଷଣ କରିଛନ୍ତି, ସେତେବେଳେ ନିଜ ସିଂହାସନକୁ ରକ୍ଷା କରିବା ପାଇଁ ଏକାଧିକ ହତ୍ୟା କରିଥିବା ରାଜା ହେରୋଦ ଭୟଭୀତ ହେଲେ । ସେ ମହାଯାଜକ ଓ ଲେଖକମାନଙ୍କୁ ଡକାଇଲେ ।



# ରାତ୍ରିରେ ପଳାୟନ

## ାଥିଉ ୨ : ୯-୧୪ ରୁ ଉଦ୍ଧୃତ




ବେଥଲିହିମର ଲୋକେ ଏହି ବିଦ୍ୱାନ ଅପରିଚିତ ବ୍ୟକ୍ତିମାନଙ୍କୁ ଯୋଷେଫ ଓ ମରିୟମଙ୍କ ଗୃହ ନିକଟରେ ରହିବା ଦେଖି ଆଶ୍ଚର୍ଯ୍ୟ ହେଲେ । ଯେତେବେଳେ ପଣ୍ଡିତମାନେ ସେମାନଙ୍କର ଆସିବାର ଉଦ୍ଦେଶ୍ୟ ଜଣାଇଲେ, ସେମାନଙ୍କୁ ଭିତରକୁ ଡକାଗଲା ଓ ସେମାନେ ଶିଶୁ ଯୀଶୁଙ୍କୁ ପ୍ରଣାମ କଲେ ।




ସେହି ରାତିରେ, ପାନ୍ଥଶାଳାରେ ପଣ୍ଡିତମାନେ ସେମାନଙ୍କ ଗୃହ ପ୍ରତ୍ୟାବର୍ତ୍ତନ ବିଷୟରେ ଯୋଜନା କରୁଥିଲେ ।
ମୁଁ ଖୁସି ଯେ ଆମେ ଯିରୂଶାଲମକୁ ଫେରିଯାଇ ଶିଶୁଟିକୁ କେଉଁଠାରେ ପାଇବେ, ତାହା ରାଜା ହେରୋଦଙ୍କୁ କହିପାରିବା ।
ପରଦିନ ପ୍ରଭାତରେ...
ମୁଁ ଗୋଟିଏ ସ୍ୱପ୍ନ ଦେଖିଲି ।
ମୁଁ ମଧ୍ୟ ଦେଖିଲି ! ମୋ ସ୍ୱପ୍ନରେ ଈଶ୍ୱର ଆମକୁ ଯିରୂଶାଲମକୁ ନ ଫେରିବା ନିମନ୍ତେ ସତର୍କ କରିଥିଲେ, କାରଣ ହେରୋଦ ଈର୍ଷାଳୁ ଅଟନ୍ତି ଏବଂ ସେ ସେହି ଶିଶୁଙ୍କୁ ହତ୍ୟା କରିବାକୁ ଚାହାଁନ୍ତି ।
ମୁଁ ମଧ୍ୟ ସେହି ସମାନ ସ୍ୱପ୍ନ ଦେଖିଛି । ହେରୋଦ ଆମଠାରୁ କିଛି ବିଷୟ ଜାଣିପାରିବେ ନାହିଁ । ଆମେ ଅନ୍ୟ ପଥ ଦେଇ ଗୃହକୁ ଫେରିଯିବା ।


କିନ୍ତୁ କେବଳ ପଣ୍ଡିତମାନଙ୍କୁ ହେରୋଦଙ୍କ କ୍ରୋଧ ବିଷୟରେ
ସାବଧାନ କରାଯାଇ ନ ଥିଲା । ଈଶ୍ୱରଙ୍କର ଜଣେ ଦୂତ
ଯୋଷେଫଙ୍କ ନିକଟରେ ମଧ୍ୟ ଆବିର୍ଭାବ ହେଲେ ...


ମରିୟମ ! ଜଣେ ଦୂତ ମୋତେ କହିଛନ୍ତି ଯେ ଆମକୁ ଅତିଶୀଘ୍ର ମିଶରକୁ ପଳାୟନ କରିବାକୁ ହେବ । ହେରୋଦ ଯୀଶୁଙ୍କୁ ହତ୍ୟା କରିବାକୁ ଚାହୁଁଛନ୍ତି ।
ଯୀଶୁଙ୍କୁ ହତ୍ୟା ? ଓଃ, ନା !


ମଧ୍ୟ ରାତ୍ରରେ ଯୋଷେଫ ଏବଂ ମରିୟମ ଶିଶୁ ଯୀଶୁଙ୍କୁ ଧରି ସହରର ବାହାରକୁ ଧୀରେ ଧୀରେ ଚାଲିଗଲେ ।


ଯରୁଶାଲମରେ ହେରୋଦ ପଣ୍ଡିତମାନଙ୍କର ପ୍ରତ୍ୟାବର୍ତ୍ତନକୁ ଅପେକ୍ଷା କରିଥିଲେ । ଯେତେବେଳେ ସେମାନେ ଆସିଲେ ନାହିଁ, ସେତେବେଳେ ସେ ଭାବିଲେ ଯେ ସେମାନେ ତାଙ୍କ ହସ୍ତରୁ ... ଶିଶୁକୁ ରକ୍ଷା କରିବାକୁ ଚାହୁଁଛନ୍ତି ।
ମୋର ସିଂହାସନ ନେବାକୁ ଶିଶୁଟି କେବେହେଲେ ବଞ୍ଚି ରହିବ ନାହିଁ । ସେ ଖସି ଚାଲିଯିବା ପୂର୍ବରୁ ମୁଁ ବେଥଲିହିମର ସମସ୍ତ ଶିଶୁଙ୍କୁ ହତ୍ୟା କରିବି ।

# ମନ୍ଦିରରେ ବାଳକ ଯୀଶୁ

## ମାଥିଉ ୨ : ୧୬-୨୩, ଲୂକ ୨ : ୪୦-୫୨ ରୁ ଉଦ୍ଧୃତ

ଶୁ ଯୀଶୁ ଭବିଷ୍ୟତ୍‌ରେ ତାଙ୍କର ସିଂହାସନ ନେଇଯିବେ - ଏହି ଭୟ କରି ବେଥଲିହିମ୍‌ର ସମସ୍ତ ଶିଶୁଙ୍କୁ ହତ୍ୟା କରିବା ନିମନ୍ତେ ଆଦେଶ ଦେଲେ । କିନ୍ତୁ ଯୋଷେଫ ଓ ମରିୟମ ଯୀଶୁଙ୍କୁ ନେଇ ମିଶର ପଳାୟନ କରିଥିଲେ । କିଛି ମାସ ପରେ ଜଣେ ଦୂତ ଯୋଷେଫଙ୍କୁ କହିଲେ ଯେ ହେରୋଦ ରାଜା ମରିଗଲେଣି ଏବଂ ବର୍ତ୍ତମାନ ନାଜରିତରେ ଥିବା ଗୃହକୁ ଯୀଶୁଙ୍କୁ ନେଇଯିବା ନିରାପଦ ଅଟେ ।




ଯୋଷେଫ ନିଜର ବଢ଼େଇ କାର୍ଯ୍ୟ ନିମନ୍ତେ ଦୋକାନ କରିଛନ୍ତି.. ଆଉ ବର୍ଷ ପରେ ବର୍ଷ ଅତିବାହିତ ହେବା ସମୟରେ, ଯୀଶୁ ତାଙ୍କୁ ସାହାଯ୍ୟ କରିବା ଶିକ୍ଷା କରିଛନ୍ତି । ଦିନର କାର୍ଯ୍ୟ ସମାପ୍ତି ପରେ ଯୀଶୁ ନଗରର ପ୍ରାଚୀନମାନଙ୍କର କଥା ଶୁଣନ୍ତି ।
ଦାଉଦ ରାଜାଙ୍କ ସମୟରେ, ଆମେ ଶାସକ ଥିଲୁ ।
ହଁ, ସେତେବେଳେ ଲୋକେ ଈଶ୍ୱରଙ୍କ ଆଜ୍ଞା ପାଳନ କରୁଥିଲେ । ଆଜି, ଅନେକେ ତାଙ୍କ ଆଜ୍ଞା ପାଳୁ ନାହାନ୍ତି ।


କିନ୍ତୁ, ଯୋଷେଫ ଓ ମରିୟମ ଈଶ୍ୱରଙ୍କ ଆଜ୍ଞା ପାଳନ କରୁଥିଲେ ଏବଂ ସେଗୁଡ଼ିକୁ ପାଳନ କରିବା ନିମନ୍ତେ ଯୀଶୁଙ୍କୁ ଶିକ୍ଷା ଦେଉଥିଲେ । ପ୍ରତ୍ୟେକ ବର୍ଷ ମିଶରର ଦାସତ୍ୱରୁ ସେମାନଙ୍କ ପୂର୍ବ ପୁରୁଷମାନଙ୍କୁ ଉଦ୍ଧାର କରିଥିବାରୁ ଈଶ୍ୱରଙ୍କୁ ଧନ୍ୟବାଦ ଦେବା ନିମନ୍ତେ ଯିରୂଶାଲମର ନିସ୍ତାରପର୍ବର ଭୋଜରେ ଯୋଗ ଦେବାକୁ ସେମାନେ ସେହି ସ୍ଥାନକୁ ଯାତ୍ରା କରୁଥିଲେ ।


ଏହି ବର୍ଷ, ମନ୍ଦିରରେ ଉପାସନା କରୁଥିବା ସମୟରେ ଯିହୁଦୀ ଗୁରୁମାନଙ୍କୁ ପଚାରିବା ନିମନ୍ତେ ଯୀଶୁ ଅନେକ ପ୍ରଶ୍ନ ବିଷୟରେ ଚିନ୍ତା କରୁଥିଲେ ।


ଭୋଜ ସମାପ୍ତ ହେବାପରେ, ଲୋକମାନେ ଗୃହାଭିମୁଖରେ ଯାତ୍ରା କଲେ । ସେହି ରାତିରେ ତମ୍ବୁ ସ୍ଥାପନ କରିବା ସମୟରେ...
ଯୋଷେଫ, ଯୀଶୁ କାହାଁନ୍ତି ?
ସେ ବୋଧହୁଏ ତାଙ୍କର ସାଥୀମାନଙ୍କ ସହିତ ଅଛନ୍ତି । ମୁଁ ତାଙ୍କୁ ଖୋଜି ଆଣୁଛି ।


କିନ୍ତୁ କେହି ଯୀଶୁଙ୍କୁ ଦେଖି ନ ଥିଲେ । ପାଗଳ ପ୍ରାୟ, ଯୋଷେଫ ଓ ମରିୟମ ଯିରୂଶାଲମକୁ ଫେରିଗଲେ । ସେମାନେ ପାନ୍ଥଶାଳାରେ, ଜନଗହଳି ରାସ୍ତାରେ ଓ ଶେଷରେ ମନ୍ଦିରରେ ଖୋଜିଲେ ।
ଯୀଶୁ ! ଆମେ ତୁମକୁ ଚାରିଆଡ଼େ ଖୋଜିଛୁ ।
କିନ୍ତୁ, ମା' ଆପଣ କ'ଣ ଜାଣିନାହାନ୍ତି ଯେ ମୁଁ ପିତାଙ୍କ ଗୃହରେ ରହିଥିବି ?


ଆପଣଙ୍କ ପୁଅର ଶାସ୍ତ୍ର ସମ୍ବନ୍ଧୀୟ ଜ୍ଞାନ ଦେଖି ଆମେ ଆଶ୍ଚର୍ଯ୍ୟ ହୋଇଛୁ । ତାଙ୍କ ପ୍ରଶ୍ନରୁ ଜଣାଯାଉଛି ଯେ ସେ ଈଶ୍ୱରଙ୍କ ମନୁଷ୍ୟ ନିମନ୍ତେ ପ୍ରଦତ୍ତ ତାଙ୍କ ବ୍ୟବସ୍ଥା ବିଷୟରେ ଗଭୀର ଚିନ୍ତା କରିଛନ୍ତି ।
ଯୀଶୁ ଅନ୍ୟ କାହାରି ପରି ନୁହଁନ୍ତି । ଏପରିକି ତା'ର ମା ହୋଇ ମଧ୍ୟ ମୁଁ ତା' ବିଷୟରେ କିଛି ବୁଝିପାରେ ନାହିଁ ।


ଯୀଶୁ ଯୋଷେଫ ଓ ମରିୟମଙ୍କ ସହିତ ନାଜରତକୁ ଫେର ଆସିଥିଲେ । ସେଠାରେ ସେ ୩୦ ବର୍ଷ ବୟସ ପର୍ଯ୍ୟନ୍ତ ବାସ କରିଥିଲେ । ସେ ସୁଉଚ୍ଚ ଓ ଶକ୍ତିଶାଳୀ ହୋଇ ବୃଦ୍ଧି ପାଇଥିଲେ ଏବଂ ନାଜରିତର ଲୋକମାନେ ତାଙ୍କୁ ଭଲ ପାଉଥିଲେ । ଈଶ୍ୱର ମଧ୍ୟ ତାଙ୍କ ପ୍ରତି ସନ୍ତୁଷ୍ଟ ଥିଲେ । ନାଜରିତଠାରୁ ପ୍ରାୟ ୭୦ ମାଇଲ ଦୂରରେ ମୃତ ସାଗର ନିକଟସ୍ଥ ମରୁପ୍ରାନ୍ତରରେ ଯୀଶୁଙ୍କ ସମାନ ବର୍ଷ ବୟସ୍କ ଜଣେ ବ୍ୟକ୍ତି ଯୀଶୁଙ୍କ ନିମନ୍ତେ ଏପରିକି ତାଙ୍କ ଜନ୍ମପୂର୍ବରୁ... ଯୋଜନାବଦ୍ଧ କାର୍ଯ୍ୟାରମ୍ଭର ପ୍ରସ୍ତୁତି କରୁଥିଲେ ।

# ପରୀକ୍ଷା !

## ଲୂକ ୩ : ୧-୪:୪ ରୁ ଉଦ୍ଧୃତ

ଯୀଶୁଙ୍କର ଦୂର ସଂପର୍କୀୟ ଭାଇ ଯୋହନ ବୋଧଶକ୍ତି ପାଇବା ମାତ୍ରେ, ତାଙ୍କର ପିତା ତାଙ୍କୁ କହିଥିଲେ : "ତୁମେ ଜନ୍ମ ହେବା ପୂର୍ବରୁ ଏକ ବିଶେଷ ଉପାୟରେ ଈଶ୍ୱରଙ୍କ ସେବା କରିବା ନିମନ୍ତେ ଈଶ୍ୱର ଯୋଜନା କରିଥିଲେ । ଈଶ୍ୱରଙ୍କ ସେବା ନିମନ୍ତେ ପଥ ପ୍ରସ୍ତୁତ କରିବା ପାଇଁ ଯୋହନ ବୃଦ୍ଧି ପାଇଥିଲେ ଏବଂ ପିତାମାତାଙ୍କ ମୃତ୍ୟୁ ପରେ ସେ ମରୁପ୍ରାନ୍ତରକୁ ଯାଇ ସେଠାରେ ପ୍ରାର୍ଥନା ଓ ଅଧ୍ୟୟନ କରିଥିଲେ । ସେଠାରେ କାର୍ଯ୍ୟାରମ୍ଭ ପାଇଁ ଈଶ୍ୱର ତାଙ୍କୁ ଆହ୍ୱାନ କରିଥିଲେ ।







ଅତୀତର ଜଣେ ଭାବବାଦୀଙ୍କ ସଦୃଶ ଦିଶୁଥିବା ଓ କଥା କହୁଥିବା ଏହି ବ୍ୟକ୍ତିଙ୍କ ସମ୍ବନ୍ଧରେ ଚାରିଆଡ଼େ ସମ୍ବାଦ ପ୍ରଚାରିତ ହେଲା । ବହୁ ସଂଖ୍ୟକ ଲୋକ ତାଙ୍କ କଥା ଶୁଣିବାକୁ ଯିରୂଶାଲମରୁ ଆସୁଥିଲେ । ସେହି ବ୍ୟକ୍ତିଙ୍କୁ ବାପ୍ତିଜକ ଯୋହନ କୁହାଯାଉଥିଲା । କେତେକ କେବଳ କୌତୁହଳବଶତଃ ଆସୁଥିଲେ, ମାତ୍ର ଯୋହନ ସେମାନଙ୍କ ଭାବନା ଜାଣିପାରୁଥିଲେ ।
ତୁମ୍ଭେମାନେ କ'ଣ ଭାବୁଛ ଯେ କେବଳ ଯିହୁଦୀ ହୋଇଥିବାରୁ ତୁମ୍ଭେମାନେ ସ୍ୱର୍ଗରାଜ୍ୟର ଅଧିକାରୀ ହେବ ? ନା' ! ତୁମ୍ଭମାନଙ୍କୁ ଅନୁତାପ କରିବାକୁ ହେବ ।


ଉପହାସକମାନେ ଚାଲିଗଲେ, କିନ୍ତୁ ଅନେକ ଲୋକ ଆଗ୍ରହର ସହିତ ଶୁଣିଲେ । ଦିନେ ଗୋଟିଏ ମହାଜନତା ଯର୍ଦ୍ଦନ ନଦୀ ନିକଟରେ ଉପସ୍ଥିତ ହେଲେ ।
ତୁମ୍ଭେ କ'ଣ ଈଶ୍ୱରଙ୍କର ସେହି ପ୍ରତିଜ୍ଞାତ ତ୍ରାଣକର୍ତ୍ତା ?
ନା, ମୁଁ ଜଳରେ ବାପ୍ତିସ୍ମ ଦେଉଅଛି, କିନ୍ତୁ ସେ ପବିତ୍ରାତ୍ମାରେ ବାପ୍ତିଜିତ କରିବେ । ନିଜକୁ ପ୍ରସ୍ତୁତ କର । ତ୍ରାଣକର୍ତ୍ତା ଆସୁଅଛନ୍ତି ।


ଯୋହନଙ୍କ ଅଜାଣତରେ, ଯାହାଙ୍କ ବିଷୟରେ ସେ କହୁଥିଲେ, ସେ ସେହି ଜନତାଙ୍କ ମଧ୍ୟରେ ଥିଲେ । ତାଙ୍କ କଥା ଶୁଣିବା ପାଇଁ ଯୀଶୁ ନାଜରିତରୁ ଆସିଥିଲେ । ସେ ବାପ୍ତିସ୍ମ ଗ୍ରହଣ କରିବାକୁ ଚାହିଁଲେ ।
ତୁମ୍ଭେ କାହିଁକି ବାପ୍ତିସ୍ମ ନେବାକୁ ମୋ ନିକଟକୁ ଆସିଛ ? ମୁଁ ନିଜେ ତୁମ୍ଭଠାରୁ ବାପ୍ତିସ୍ମ ନେବା ଉଚିତ୍ ।
ଏହା ଉତ୍ତମ । ଯୋହନ, ଆମେ ଯେ ଈଶ୍ୱରଙ୍କର ରାଜ୍ୟର - ଏହା ଆମକୁ ଦେଖାଇବାକୁ ହେବ ।


ଏହିପରି, ଯୋହନ ଯୀଶୁଙ୍କୁ ବାପ୍ତିସ୍ମ ଦେଲେ । ଆଉ ଯୀଶୁ ଯେତେବେଳେ ଜଳ ମଧ୍ୟରୁ ବାହାରି ଆସିଲେ, ସେତେବେଳେ ଈଶ୍ୱରଙ୍କ ଆତ୍ମା କପୋତ ରୂପରେ ତାଙ୍କ ଉପରେ ଅବତରଣ କଲେ । ଏହାପରେ ସ୍ୱର୍ଗରୁ ଗୋଟିଏ ସ୍ୱର ଶୁଣାଗଲା ।
ଏ ଆମ୍ଭର ପ୍ରିୟ ପୁତ୍ର । ଏହାଙ୍କଠାରେ ଆମ୍ଭର ପରମ ସନ୍ତୋଷ ।
କ'ଣ ଘଟିଲା ... ଏହା ଲୋକମାନେ ଜାଣିପାରିଲେ ନାହିଁ । ସେମାନେ ଯେ ତ୍ରାଣକର୍ତ୍ତାଙ୍କୁ ଦେଖିଛନ୍ତି, ଏହା ଜାଣି ନ ପାରି ନିଜ ନିଜ ଗୃହକୁ ଫେରିଗଲେ ଯୋହନ ନିଜର ପ୍ରଚାର ଅବ୍ୟାହତ ରଖିଲେ ... ପାପ ନିମନ୍ତେ ଅନୁତାପ କର । କାରଣ ଈଶ୍ୱରଙ୍କ ରାଜ୍ୟ ସନ୍ନିକଟ ।
ଯୀଶୁଙ୍କ ନିମନ୍ତେ, ପିତାଙ୍କର ବାକ୍ୟ ଥିଲା ସମର୍ଥନର ଏକ ଚିହ୍ନ । ଆଉ ପବିତ୍ରଆତ୍ମାଙ୍କ ଦାନ ଥିଲା - ଈଶ୍ୱର ଯେଉଁ କାର୍ଯ୍ୟ ନିମନ୍ତେ ତାଙ୍କୁ ପ୍ରେରଣ କରିଥିଲେ, ସେଥି ନିମନ୍ତେ ସାହାଯ୍ୟ କରିବାର ଏକ ନିଶ୍ଚିତ ଭରସା । ସେ ଈଶ୍ୱରଙ୍କ ରାଜ୍ୟ ସ୍ଥାପନ ନିମନ୍ତେ ତାଙ୍କ ଯୋଜନା ବିଷୟରେ ଚିନ୍ତା କରିବାକୁ ଏକାକୀ ମରୁପ୍ରାନ୍ତରକୁ ଯାତ୍ରା କରିଥିଲେ ।
ଚାଳିଶ ଦିନ ଶେଷରେ ଯୀଶୁ କ୍ଷୁଧିତ ହେଲେ । ଖାଦ୍ୟ ବିଷୟରେ ଚିନ୍ତାକରିବା ସମୟରେ ସେ ଶୟତାନର ସ୍ୱର ଶୁଣିଲେ । ସେ କହୁଥିଲା ଯେ ନିଜର ଉପକାର ନିମନ୍ତେ ସେ ନିଜର ସ୍ୱର୍ଗୀୟ ଶକ୍ତି ବ୍ୟବହାର କରନ୍ତୁ । ଶୟତାନ କହିଲା, ''ତୁମ୍ଭେ ଯଦି ପ୍ରକୃତରେ ଈଶ୍ୱରଙ୍କର ପୁତ୍ର ଅଟ, ତେବେ ଏହି ପଥରଗୁଡ଼ିକୁ ରୋଟୀ କରିଦିଅ । ସର୍ବୋପରି ଈଶ୍ୱର ନିଜ ପୁତ୍ରକୁ କ୍ଷୁଧିତ ଦେଖିବାକୁ ଚାହାନ୍ତି ନାହିଁ ।''
ଧର୍ମଶାସ୍ତ୍ର କହେ, ''ମନୁଷ୍ୟ କେବଳ ରୋଟୀରେ ନୁହେଁ, ମାତ୍ର, ଈଶ୍ୱରଠାରୁ ଆଗତ ପ୍ରତ୍ୟେକ ବାକ୍ୟରେ ବଞ୍ଚିବ ।''
ଶୟତାନ ସହଜରେ ତାଙ୍କୁ ଛାଡ଼ିଲା ନାହିଁ... । ସେ ପୁଣିଥରେ ଚେଷ୍ଟା କଲା ଏବଂ ଏଥର ଅଧିକ ଶକ୍ତିଶାଳୀ ପ୍ରଲୋଭନ ଦେଖାଇ ...

# ପ୍ରାନ୍ତରରେ ବିଜୟ



ଯୀଶୁଙ୍କୁ ଈଶ୍ୱରଙ୍କ କାର୍ଯ୍ୟ ନିମନ୍ତେ ବାଧା ଦେବାକୁ ନିଜ ନିମନ୍ତେ ପାର୍ଥିବ କ୍ଷମତା ଅନ୍ୱେଷଣ କରିବା ପାଇଁ ଶୟତାନ ପ୍ରଲୋଭନ ଦେଖାଇଥିଲା । କିନ୍ତୁ ଯୀଶୁ ବାରଣ କରିଥିଲେ । ଶୟତାନ ପୁଣି ଚେଷ୍ଟା କରିଥିଲା... ଏଥର କିଛି ଗୋଟିଏ ଅଦ୍ଭୁତ କାର୍ଯ୍ୟ କରି ନିଜକୁ ଲୋକପ୍ରିୟ କରାଇବା ପାଇଁ ସେ ଯୀଶୁଙ୍କୁ ପ୍ରଲୁବ୍ଧ କରିଥିଲା ।
ଶୟତାନ କହିଥିଲା, "ଏହି ମନ୍ଦିର ଉପରୁ ନିଜକୁ ଫିଙ୍ଗି ଦେଇ ନିଜର ସ୍ୱର୍ଗୀୟ ଶକ୍ତି ଦେଖାଅ । କାରଣ ଯଦି ତୁମେ ଈଶ୍ୱରଙ୍କ ପୁତ୍ର, ତେବେ ଈଶ୍ୱରଙ୍କ ଦୂତ ତୁମକୁ ରକ୍ଷା କରିବେ ।
ଧର୍ମଶାସ୍ତ୍ରରେ ଲେଖାଅଛି, 'ତୁମେ ଈଶ୍ୱରଙ୍କୁ ପରୀକ୍ଷା କରିବ ନାହିଁ ।'"
ପ୍ରତ୍ୟେକ ପ୍ରଲୋଭନକୁ ଅଗ୍ରାହ୍ୟ କରି ଯୀଶୁ ମରୁପ୍ରାନ୍ତର ଛାଡ଼ି ଯର୍ଦ୍ଦନର ଅପର ପାର୍ଶ୍ୱରେ ଥିବା ବେଥନିୟାକୁ ଗଲେ ।


ଯୀଶୁ ବେଥନିଆରେ ପ୍ରବେଶ କରିବା ସମୟରେ ବାପ୍ତିଜକ ଯୋହନ ନିଜର ଦୁଇଜଣ ଶିଷ୍ୟ, ଆନ୍ଦ୍ରିୟ ଓ ଯୋହନଙ୍କୁ ତାଙ୍କ ପ୍ରତି ନିର୍ଦ୍ଦେଶ କରି କହିଲେ ...
ମୁଁ ଯାହାଙ୍କ ବିଷୟରେ ତୁମମାନଙ୍କୁ କହିଛି, ଏ ହେଉଛନ୍ତି ସେହି ତ୍ରାଣକର୍ତ୍ତା ।
ସେହି ଦୁଇଜଣ ଶୀଘ୍ର ତାହାଙ୍କର ଅନୁସରଣ କଲେ ।
ଗୁରୁ, ଆମେ ଆପଣଙ୍କ ସହିତ କଥାବାର୍ତ୍ତା କରିପାରୁ କି ?
ହଁ, ମୋର ବସାଘରକୁ ଆସ !
ଯୀଶୁଙ୍କ ବାକ୍ୟଶୁଣିବା କେତେ ସୁନ୍ଦର ଅନୁଭୂତି ସେହି ସମୟ ବିତିଗଲା । ହଠାତ୍ ଆନ୍ଦ୍ରିୟଙ୍କର ମନେ ପଡ଼ିଲା
ମୋର ଭାଇ ! ବାପ୍ତିଜକ ଯୋହନଙ୍କ କଥା ଶୁଣିବା ପାଇଁ କଫର୍ନାହୁମରୁ ଏଠାକୁ ଆସିଅଛି । ମୁଁ ତାଙ୍କୁ ଖୋଜି ଆପଣଙ୍କୁ ଦେଖା କରିବା ପାଇଁ ଆଣିବି ।
ଆନ୍ଦ୍ରିୟ ନିଜ ଭାଇଙ୍କ ସହିତ ରହୁଥିବା ଗୃହକୁ ଦୌଡ଼ିଲେ ।
ଶିମୋନ ! ମୁଁ ତ୍ରାଣକର୍ତ୍ତାଙ୍କୁ ପାଇଅଛି !


ଶିମୋନ ଆଗ୍ରହର ସହିତ ବେଥନିୟାର ପଥ ଦେଇ ଆନ୍ଦିୟଙ୍କ ଅନସରଣ କଲେ ।
ଏ ହେଉଛନ୍ତି ଶିମୋନ; ମୋର ଭାଇ ।
ହଁ, ତୁମେ ଶିମୋନ, କିନ୍ତୁ ଆଜିଠାରୁ ତୁମକୁ ପିତର କୁହାଯିବ, କାରଣ ତୁମେ ଗୋଟିଏ ପଥର ସଦୃଶ ଅଟ ।
ପରଦିନ, ଯୀଶୁ ଉତ୍ତରସ୍ଥ ଗାଲିଲୀକୁ ଯାତ୍ରା କଲେ । ସେ ଅନ୍ୟ ଜଣେ ଯୁବକ ଫିଲିପଙ୍କୁ ଯୀଶୁଙ୍କର ଶିଷ୍ୟ ହେବା ନିମନ୍ତେ ଡାକିଲେ ।
ଫିଲିପ ଯୀଶୁଙ୍କର ନିମନ୍ତ୍ରଣ ଗ୍ରହଣ କରିଥିଲେ । ଆନ୍ଦ୍ରିୟଙ୍କ ସଦୃଶ ସେ ମଧ୍ୟ ସୁସମ୍ବାଦ ଜଣାଇବାକୁ ଚାହିଁଥିଲେ, ସେଥିପାଇଁ ସେ ଜଣେ ବନ୍ଧୁଙ୍କ ନିକଟକୁ ଗଲେ ।
ନିଥନିୟେଲ ... ମୋ ସହିତ ଆସ ! ମୁଁ ତ୍ରାଣକର୍ତ୍ତାଙ୍କୁ ଦେଖିଛି । ସେ ନାଜରିତର ଯୀଶୁ ଅଟନ୍ତି ।
ନାଜରିତ ? ସେହ ନଗରରୁ କି କିଛି ଉତ୍ତମ ବିଷୟ ଆସିପାରେ ?
ଯଦି ତୁମେ ଯାହା କହୁଛ, ତାହା ସତ୍ୟ, ତେବେ ଲୋକମାନେ ତାଙ୍କର ଶିଷ୍ୟ ହେବା ପାଇଁ ସବୁକିଛି ପରିତ୍ୟାଗ କରିବେ ।
ନିଜେ ଆସି ଦେଖ ।
ନିଥନିୟେଲ ଯୀଶୁଙ୍କୁ ଦେଖିଲେ । କିନ୍ତୁ ସେ ତଥାପି ବିଶ୍ୱାସ କଲେ ନାହିଁ । ଏହା ପରେ ଯୀଶୁ କଥା କହିଲେ ।

# ଛ' ଟି ଜଳପାତ୍ର

ଯୋହନ ୧:୪୭-୫୧;୨:୧-୧୧,୨୩-୨୫;୩:୧,୨ ରୁ ଉଦ୍ଧୃତ




ଯେତେବେଳେ ସେମାନେ ସହରରେ ପହଞ୍ଚିଲେ, ସେମାନଙ୍କୁ ଯୀଶୁଙ୍କର ଜଣେ ବନ୍ଧୁ ଅଭିବାଦନ ଜଣାଇଲେ ।
ଦୟାକରି ମୋର ଆୟୋଜିତ ବିବାହ ଭୋଜକୁ ଆସନ୍ତୁ... ଆପଣଙ୍କ ମା' ମଧ୍ୟ ସେଠାରେ ଅଛନ୍ତି ।
ଧନ୍ୟବାଦ, ଆମେ ତୁମର ଆନନ୍ଦରେ ସହଭାଗୀ ହେବୁ ।
ଭୋଜ ସମୟରେ ମରିୟମ ଲକ୍ଷ୍ୟ କଲେ ଯେ କୌଣସି ଗୋଟିଏ ବିଷୟ ବରଙ୍କୁ ଲଜ୍ଜିତ କରିବ ... ଆଉ ଦ୍ରାକ୍ଷାରସ ନାହିଁ । ସେ ଯୀଶୁଙ୍କୁ ଏହା କହିଛନ୍ତି ଏବଂ ଏହାପରେ ଚାକରମାନଙ୍କ ନିକଟକୁ ଯାଇଛନ୍ତି ।
ସେ ତୁମ୍ଭମାନଙ୍କୁ ଯାହା କରିବାକୁ କହନ୍ତି, ତାହା କର ।
ଏହି ପାତ୍ରଗୁଡ଼ିକୁ ଜଳରେ ପରିପୂର୍ଣ୍ଣ କର ।
ଜଳ କାହିଁକି ? ଆମେ ତ ଦ୍ରାକ୍ଷାରସ ଚାହୁଁ ।
କିନ୍ତୁ ଦାସମାନେ ଯୀଶୁଙ୍କଠାରେ ଗୋଟିଏ ଅଦ୍ଭୁତ କର୍ତ୍ତୃତ୍ୱଭାବ ଲକ୍ଷ୍ୟ କରି ତାଙ୍କ ଆଜ୍ଞା ପାଳନ କଲେ ।
ବର୍ତ୍ତମାନ ଏଥିରୁ କିଛି ନେଇ ମୁଖ୍ୟ ଭୋଜକର୍ତ୍ତାଙ୍କୁ ଦିଅନ୍ତୁ ।
ଏଇଟା ତ ଦ୍ରାକ୍ଷାରସ ! ଏହା ଏକ ଅଲୌକିକ କର୍ମ ।
ଈଶ୍ୱରଙ୍କର ଜଣେ ଭାବବାଦୀ..କୌଣସି ସାଧାରଣ ବ୍ୟକ୍ତି ଏପ୍ରକାର କରିପାରି ନ ଥାନ୍ତେ ।




ଯୀଶୁ ଲୋକଗହଳି ପୂର୍ଣ୍ଣ ରାସ୍ତାରେ ଯିବା ସମୟରେ ଛୋଟା ଓ ଅସୁସ୍ଥମାନଙ୍କୁ ସୁସ୍ଥ କଲେ ।






# ଅଧ୍ୟକ୍ଷଙ୍କର ସମସ୍ୟା

## ଯୋହନ ୩ : ୩-୪ : ୬ ରୁ ଉଦ୍ଧୃତ





ତୁମେ ଥରେ ପାର୍ଥିବ ପିତା-ମାତାଙ୍କଠାରୁ ଜନ୍ମଲାଭ କରିଥିଲ । କିନ୍ତୁ ଈଶ୍ୱରଙ୍କ ରାଜ୍ୟରେ ପ୍ରବେଶ କରିବାକୁ ହେଲେ ଈଶ୍ୱରଙ୍କ ଆତ୍ମାରେ ପୁନର୍ବାର ଜନ୍ମ ହେବାକୁ ପଡ଼ିବ ।
ମୁଁ ବୁଝିପାରୁ ନାହିଁ ।




ତୁମେ ପବନକୁ ଦେଖିପାର ନାହିଁ । କିନ୍ତୁ ଏହାର କାର୍ଯ୍ୟ ଦେଖିପାର । ତୁମେ ଈଶ୍ୱରଙ୍କ ଆତ୍ମାଙ୍କୁ ଦେଖିପାରିବ ନାହିଁ । କିନ୍ତୁ ଯଦି ଜଣେ ଲୋକ ପୁନର୍ଜନ୍ମ ପାଇଛି ଓ ତା'ର ଅନ୍ତରରେ ଈଶ୍ୱରଙ୍କ ଆତ୍ମା ଅଛନ୍ତି, ତେବେ ସେହି ଲୋକର ଜୀବନ ଦେଖି ତାହା ତୁମେ ଜାଣି ପାରିବ । ଈଶ୍ୱର ଜଗତକୁ ପ୍ରେମ କରନ୍ତି, ଆଉ ମୋଠାରେ ଯେ ବିଶ୍ୱାସ କରେ, ତାକୁ ଏହି ନୂତନ ଜୀବନ ଦେବାକୁ ଈଶ୍ୱର ମୋତେ ପ୍ରେରଣ କରିଅଛନ୍ତି ।
ନୀକଦୀମ ଚାଲି ଯାଉଛନ୍ତି... ତଥାପି ସେ ଦ୍ୱନ୍ଦ୍ୱଗ୍ରସ୍ତ । କିନ୍ତୁ ଯୀଶୁ ଓ ତାଙ୍କ ଶିକ୍ଷା ସମ୍ବନ୍ଧରେ ସେ ଆହୁରି ଅଧିକ ଜାଣିବାକୁ ଚାହୁଁଥିଲେ ।




ଯୀଶୁ ଦେଖିଲେ ଯିରୂଶାଲମର ଅନେକ ଲୋକ ତାଙ୍କୁ ତ୍ରାଣକର୍ତ୍ତା ଭାବରେ ଗ୍ରହଣ କରିବାକୁ ପ୍ରସ୍ତୁତ ନ ଥିଲେ । ସେଥିପାଇଁ ସେ ସେହି ସହର ଛାଡ଼ି ଚାଲି ଆସିଲେ । ଯିହୁଦାରେ, ସେ ଲୋକମାନଙ୍କୁ ଈଶ୍ୱରଙ୍କ ରାଜ୍ୟ ସମ୍ବନ୍ଧରେ ଏବଂ ସେଥିରେ ପ୍ରବେଶ କରିବା ସମ୍ବନ୍ଧରେ ଜଣାଇଲେ । ଏଠାରେ ଲୋକମାନେ ଆଗ୍ରହରେ ତାଙ୍କ କଥା ଶୁଣିଲେ ।
ଏହିଶିକ୍ଷକ ଅନ୍ୟ ସମସ୍ତ ଭାବବାଦୀମାନଙ୍କଠାରୁ ଶ୍ରେଷ୍ଠତର ଅଟନ୍ତି ।




ଯିହୁଦାରେ ଯୀଶୁଙ୍କର ସଫଳ କାର୍ଯ୍ୟର ସମ୍ବାଦ ବାପ୍ତିଜକ ଯୋହନଙ୍କ ନିକଟରେ ପହଞ୍ଚିଲା ।
ମୁଁ ଶୁଣିଛି ଯେ ଯୀଶୁ ଦିନକୁ ଦିନ ଅଧିକ ଲୋକପ୍ରିୟ ହେବାରେ ଲାଗିଛନ୍ତି ।
ଈଶ୍ୱରଙ୍କୁ ଧନ୍ୟବାଦ, ତାଙ୍କ ନିମନ୍ତେ ପଥ ପ୍ରସ୍ତୁତ କରିବାର କାର୍ଯ୍ୟ ମୁଁ ସମାପ୍ତ କରିଛି । ଯୀଶୁଙ୍କର ପ୍ରଭାବ ବୃଦ୍ଧି ପାଇବ, ଆଉ ମୋର ପ୍ରଭାବ ହ୍ରାସ ପାଇବ ।


କିଛି ଦିନ ପରେ ଯୀଶୁ ନିଜର ବିଶ୍ୱସ୍ତ ବନ୍ଧୁଙ୍କ ସମ୍ବନ୍ଧରେ ସମ୍ବାଦ ପାଇଲେ ।
ଯୋହନ ଗୋଟିଏ ବିଦ୍ରୋହ ଆରମ୍ଭ କରୁଛନ୍ତି ବୋଲି ହେରୋଦ ତାଙ୍କୁ କାରାଗାରରେ ରଖିଛନ୍ତି ।
ବିଦ୍ରୋହ ? ନା', ପ୍ରକୃତ କାରଣ ହେଉଛି ଯେ ନିଜ ଭାଇଙ୍କ ସ୍ତ୍ରୀଙ୍କୁ ବିବାହ କରିଥିବାରୁ ଯୋହନ ତାଙ୍କୁ ଦୋଷୀ ବୋଲି କହୁଥିଲେ ।
ଠିକ୍ ଏହା ପରେ ପରେ ଯୀଶୁ ଅନ୍ୟ ଅଞ୍ଚଳ ମଧ୍ୟକୁ ଯିବାପାଇଁ ନିଷ୍ପତ୍ତି ନେଲେ ସେ ଶମିରୋଣର ଉତ୍ତରରେ ଥିବା ଗାଲିଲୀ ଅଭିମୁଖେ ଯାତ୍ରାରମ୍ଭ କଲେ ।
ସେ ଶମିରୋଣର ଗୋଟିଏ ସହର ନିକଟରେ ପହଞ୍ଚିବା ସମୟରେ ଯୀଶୁ ନିଜର ଶିଷ୍ୟମାନଙ୍କୁ କିଛି ଖାଦ୍ୟ କ୍ରୟ କରିବା ନିମନ୍ତେ ପ୍ରେରଣ କଲେ ।
ଶମିରୋଣ ପଥ ଦେଇ ଶୀଘ୍ର ଗାଲିଲୀରେ ପହଞ୍ଚି ହୁଏ, ମାତ୍ର ଏହା ବୁଦ୍ଧିମାନ୍‌ର କାର୍ଯ୍ୟ ନୁହେଁ । ଶମିରୋଣୀୟମାନେ ଆମ ପରି ଯିହୁଦୀମାନଙ୍କୁ ଘୃଣା କରନ୍ତି ।
ଯୀଶୁ କୂପ ନିକଟରେ ବିଶ୍ରାମ କରୁଥିବା ସମୟରେ ଜଣେ ସ୍ତ୍ରୀ ଗୋଟିଏ ଜଳ ପାତ୍ର ଧରି ଆସିଲା ।
ଜଣେ ଯିହୁଦୀ ! ସେ କ'ଣ ଜାଣିନାହାନ୍ତି ଯେ ଶମିରୋଣରେ ଯିହୁଦୀମାନଙ୍କୁ ଗ୍ରହଣ କରାଯାଏ ନାହିଁ ।

# ଶତ୍ରୁ ଅଞ୍ଚଳରେ ଯୀଶୁ

## ଯୋହନ୪ : ୬-୪୪; ଲୂକ ୪ : ୧୬-୨୮ ରୁ ଉଦ୍ଧୃତ

୪୦୦ ବର୍ଷ ଧରି ଯିହୁଦୀ ଓ ଶମିରୋଣୀୟମାନେ ପରସ୍ପରର ଶତ୍ରୁ ଥିଲେ । ସେଥିପାଇଁ ଯୀଶୁ ଯେତେବେଳେ ଜଣେ ଶମିରୋଣୀୟା ସ୍ତ୍ରୀକୁ ପିଇବା ପାଇଁ ଜଳ ମାଗିଲେ ସେ ଆଶ୍ଚର୍ଯ୍ୟ ହେଲା ।







ଯେତେବେଳେ ଯୀଶୁ ତାକୁ କହିଲେ ଯେ ସେ ହେଉଛନ୍ତି ଈଶ୍ୱରଙ୍କଠାରୁ ଆଗତ ତ୍ରାଣକର୍ତ୍ତା, ସେତେବେଳେ ସେ ତାଙ୍କଠାରେ ବିଶ୍ୱାସ କଲା ଓ ଫେରିଯାଇ ଲୋକମାନଙ୍କୁ ଏହି ଆଶ୍ଚର୍ଯ୍ୟଜନକ ସମ୍ବାଦ ଦେଲା ।
ଆସ ! ଏପରି ଜଣେ ବ୍ୟକ୍ତିଙ୍କୁ ଦେଖିବ ଯିଏ ମୋ ଜୀବନର ସବୁ ବିଷୟ କହିଦେଲେ ଯାହା ଜଣେ ଅପରିଚିତ ବ୍ୟକ୍ତି ଜାଣିବା ଅସମ୍ଭବ ଅଟେ । ସେ ପ୍ରତିଜ୍ଞାତ ମସିହ ଅଟନ୍ତି ! ସେ ତ୍ରାଣକର୍ତ୍ତା !
ସ୍ତ୍ରୀ ଟି ସହରରେ ଥିବା ସମୟରେ ଯୀଶୁଙ୍କର ଶିଷ୍ୟମାନେ ଫେରିଆସି ସେମାନେ କ୍ରୟ କରିଥିବା ଖାଦ୍ୟ ଖାଇବା ପାଇଁ ନିମନ୍ତ୍ରଣ ଜଣାଇଲେ ।
ଧନ୍ୟବାଦ, କିନ୍ତୁ ମୁଁ ବର୍ତ୍ତମାନ ଖାଇବି ନାହିଁ । ମୋ ନିକଟରେ ଏପରି ଖାଦ୍ୟ ଅଛି, ଯାହା ବିଷୟରେ ତୁମ୍ଭେମାନେ ଜାଣିନାହଁ ।
ଆପଣ କ'ଣ କହିବାକୁ ଚାହୁଁଛନ୍ତି ?
ମୋ ଖାଦ୍ୟ ହେଉଛି ମୋର ପ୍ରେରଣକର୍ତ୍ତାଙ୍କର ଇଚ୍ଛା ସାଧନ କରିବା । ସେହି ଲୋକମାନଙ୍କୁ ଦେଖ, ଯେଉଁ କଥା କହିବା ପାଇଁ ଈଶ୍ୱର ମୋତେ ପ୍ରେରଣ କରିଛନ୍ତି, ତାହା ଶୁଣିବା ନିମନ୍ତେ ସେମାନେ ଆଗ୍ରହୀ ଅଟନ୍ତି ।
ଯଦିଓ ଶମିରୋଣୀୟମାନେ ଯିହୁଦୀମାନଙ୍କୁ ଘୃଣା କରନ୍ତି, ତଥାପି ସେମାନଙ୍କ ମଧ୍ୟରୁ ଅନେକେ ଯୀଶୁଙ୍କୁ ସେମାନଙ୍କର ତ୍ରାଣକର୍ତ୍ତା ଭାବରେ ବିଶ୍ୱାସ କଲେ । ସେମାନେ ଅନୁରୋଧ କଲେ, "ଏଠାରେ କିଛିଦିନ ରହି ଆମ୍ଭକୁ ଈଶ୍ୱର ଓ ତାଙ୍କ ରାଜ୍ୟ ବିଷୟରେ ଅଧିକ କୁହନ୍ତୁ ।" ଯୀଶୁ ସେଠାରେ ଦୁଇଦିନ ରହିଲେ ... ଏହାପରେ ସେ ଗାଲିଲୀ ଅଞ୍ଚଳକୁ ପ୍ରସ୍ଥାନ କଲେ ।


ବିଶ୍ରାମବାରରେ, ନିଜ ଗ୍ରାମ ନାଜରିତରେ ସେ ସମାଜଗୃହକୁ ଗଲେ ସେଠାରେ ସେ ଯିଶାଇୟ ପୁସ୍ତକର ସେହି ଅଂଶ ପଢ଼ିଲେ, ଯେଉଁଠାରେ ମସିହଙ୍କ ଆଗମନ ସମ୍ବନ୍ଧରେ କୁହାଯାଇଥିଲା । ଏହାପରେ ସେ ଶିକ୍ଷା ଦେବାକୁ ବସିଲେ ।
ଆଜି ଏହି ଶାସ୍ତ୍ରାଂଶଟି ସଫଳ ହୋଇଛି ।
ତୁମେ... ମସିହ ? କାହିଁକି, ତୁମେ କ'ଣ ନାଜରିତର ଜଣେ ବଢ଼େଇର ପୁଅ ନୁହଁ ?
ନିଜ ସହରରେ କୌଣସି ଭାବବାଦୀ ଗ୍ରାହ୍ୟ ହୁଅନ୍ତି ନାହିଁ । ସ୍ମରଣ କର, ଇଲୀଶାୟଙ୍କ ସମୟରେ ଇସ୍ରାଏଲରେ ଅନେକ କୁଷ୍ଠୀ ଥିଲେ । କିନ୍ତୁ ଭାବବାଦୀ କେବଳ ଜଣେ ବିଦେଶୀୟ ନାମାନ୍‌ଙ୍କୁ ସୁସ୍ଥ କରିଥିଲେ ।
ସେମାନେ ଈଶ୍ୱରଙ୍କ ମନୋନୀତ ହେଲେ ସୁଦ୍ଧା ଈଶ୍ୱର ଯେ ସେମାନଙ୍କ ନିମନ୍ତେ ନୁହେଁ, ମାତ୍ର ବିଦେଶୀୟମାନଙ୍କ ପ୍ରତି ଅଧିକ ମହତ୍ କାର୍ଯ୍ୟ କରିବେ, ଏହି ଚିନ୍ତା ଯୋଗୁ ଯିହୁଦୀ ଉପାସକମାନେ କ୍ରୁଦ୍ଧ ହେଲେ ।
ତାଙ୍କୁ ନଗରରୁ ବାହାର କରିଦିଅ ।
ତାଙ୍କୁ ହତ୍ୟା କର!


କିନ୍ତୁ...ହଠାତ୍...ଯୀଶୁ ସେହି ପୁରୁଷ ଓ ସ୍ତ୍ରୀମାନଙ୍କର ମୁଖ ପ୍ରତି ଦୃଷ୍ଟି ପାତ କଲେ, ଯେଉଁମାନେ ତାଙ୍କୁ ତିରିଶ ବର୍ଷ ଧରି ଜାଣିଥିଲେ । ଏହାପରେ ସେ ଧୀରେ ଧୀରେ ସେମାନଙ୍କ ମଧ ଦେଇ ଚାଲିଗଲେ... ଆଉ ଆଶ୍ଚର୍ଯ୍ୟର ବିଷୟ ଯେ କେହି ଜଣେ ତାଙ୍କ ଶରୀର ସ୍ପର୍ଶ କରିବାକୁ ସାହସ କଲେ ନାହିଁ ।
ନାଜରିତରୁ ଯୀଶୁ କଫର୍ନାହୁମକୁ ଗଲେ । ଗାଲିଲୀ ସମୁଦ୍ରକୂଳରେ ସେ ସେହି ଦୁଇଭାଇଙ୍କୁ ଦେଖିଲେ, ଯେଉଁମାନଙ୍କୁ ସେ ଯର୍ଦ୍ଦନନଦୀ ନିକଟରେ ସାକ୍ଷାତ୍ କରିଥିଲେ ।
ପିତର ! ଆନ୍ଦ୍ରିୟ ! ମୋ ସହିତ ଆସ । ମୁଁ ତୁମ୍ଭମାନଙ୍କୁ ମନୁଷ୍ୟ ଧରିବା ଶିଖାଇବି ।
ସେମାନେ ନିଜ ନିଜର ଜାଲ ଛାଡ଼ି ଦେଇ ସଂଗେ ସଂଗେ ଯୀଶୁଙ୍କ ସହିତ ଚାଲିଲେ । କୂଳଠାରୁ କିଛି ଦୂରରେ ଆଉ ଦୁଇ ବନ୍ଧୁଙ୍କୁ ଭେଟିଲେ । ସେମାନେ ଥିଲେ ଯାକୁବ ଓ ଯୋହନ ।
ମୋ ସହିତ ଆସ ଆଉ ମୋର ଶିଷ୍ୟ ହୁଅ ।

# ଛାତ ମଧ୍ଯ ଦେଇ

## ମାର୍କ ୨ : ୧-୧୨ ରୁ ଉଦ୍ଧୃତ

ଯୀଶୁ ଯେଉଁ ଯେଉଁ ସ୍ଥାନକୁ ଗଲେ, ଲୋକମାନେ ତାଙ୍କ ପଛେ ପଛେ ଚାଲିଲେ । ଦିନେ କଫର୍ନାହୂମର ଗୋଟିଏ ଗୃହରେ ସେ ଶିକ୍ଷା ଦେଉଥିଲେ । ଆଉ ଏତେ ଭିଡ଼ ହୋଇଥିଲା ଯେ ଭିତରକୁ କେହି ପ୍ରବେଶ କରି ପାରୁ ନ ଥିଲେ । ଜଣେ ଅସୁସ୍ଥ ବନ୍ଧୁଙ୍କୁ କେତେଜଣ ବ୍ୟକ୍ତି ଯୀଶୁଙ୍କ ନିକଟକୁ ଆଣିଥିଲେ, ମାତ୍ର ସେମାନେ ଭିତରେ ପ୍ରବେଶ କରିପାରୁ ନ ଥିଲେ । ସେଥିପାଇଁ ସେମାନେ ତାଙ୍କୁ ଛାତ ଉପରକୁ ନେଇଗଲେ ।







ଲୋକମାନେ ଆଶ୍ଚର୍ଯ୍ୟ ହେଲେ । କିନ୍ତୁ ଯୀଶୁଙ୍କ କଥା ଶୁଣିବା ପାଇଁ କୌତୁହଳର ସହିତ ଆସିଥିବା ଫାରୂଶୀମାନେ କ୍ରୁଦ୍ଧ ହେଲେ ।
ଏହି ବ୍ୟକ୍ତି କିଏ ଯେ ପାପ କ୍ଷମା ଦେବାର ଛଳନା କରୁଅଛି ?
କେତେ ସାହସରେ ସେ ନିଜକୁ ଈଶ୍ୱର ସଦୃଶ କାର୍ଯ୍ୟ କରୁଅଛି ।
ଫାରୂଶୀମାନେ ଗୋଟିଏ ଯିହୁଦୀ ଦଳ ଥିଲେ । ସେମାନେ କେବଳ ମୋଶାଙ୍କ ଦ୍ୱାରା ପ୍ରଦତ୍ତ ଈଶ୍ୱରଙ୍କ ବ୍ୟବସ୍ଥା ପାଳନ ସମ୍ବନ୍ଧରେ ନୁହେଁ, ମାତ୍ର ସେମାନେ ନିଜେ ନିଜେ ଆରମ୍ଭ କରିଥିବା ଶହ ଶହ ନିୟମ ପାଳନ କରିବାରେ ବିଶ୍ୱାସ କରୁଥିଲେ, ଯଥା-ବିଶ୍ରାମବାରରେ ଜଣେ ବ୍ୟକ୍ତି କେତେଦୂର ଚାଲି ପାରିବ ଯେହେତୁ ସେମାନଙ୍କର ନିୟମ ପାଳନ ଅପେକ୍ଷା ଲୋକମାନଙ୍କୁ ସାହାଯ୍ୟ କରିବା ବିଷୟରେ ଯୀଶୁ ଅଧିକ ଚିନ୍ତିତ ଥିଲେ, ସେଥିପାଇଁ ଫାରୂଶୀମାନେ ତାଙ୍କ ବିରୁଦ୍ଧରେ ଉଠିଥିଲେ ।
ଯୀଶୁ ଫାରୂଶୀମାନଙ୍କର ଚିନ୍ତା ସବୁ ଜାଣୁଥିଲେ ।
"ତୁମର ପାପସବୁ କ୍ଷମା କରାଗଲା," କିମ୍ବା "ଉଠ, ତୁମ୍ଭର ଖଟିଆ ଘେନି ଚାଲ ।" ଅସୁସ୍ଥ ଲୋକଟିକୁ କେଉଁ କଥା କହିବା ସହଜ ।
କିନ୍ତୁ ଉଭୟ କାର୍ଯ୍ୟ କରିବା ନିମନ୍ତେ ମୋ ନିକଟରେ ଯେ ସ୍ୱର୍ଗୀୟ ଶକ୍ତି ରହିଛି, ଏହା ଯେପରି ସମସ୍ତେ ଜାଣିବେ, ଏଥିପାଇଁ ମୁଁ ତୁମକୁ କହୁଛି 'ଉଠ, ନିଜର ଖଟିଆ ଘେନି ଚାଲ ।'


ମୋର ପାପ କ୍ଷମା କରାଯାଇଛି ! ମୁଁ ସୁସ୍ଥ ହୋଇଛି ! ଈଶ୍ୱରଙ୍କର ଗୌରବ ହେଉ ।


ମୁଁ କେବେହେଲେ ଏପରି ଘଟଣା ଦେଖି ନ ଥିଲି ।
ମୁଁ ମଧ୍ୟ ଦେଖି ନ ଥିଲି । କିନ୍ତୁ ସେ ଯଦି ମସିହ ବୋଲି ଆମକୁ ଜଣାଇବାକୁ ଚାହୁଁଛନ୍ତି, ତେବେ କିଛି କାର୍ଯ୍ୟ ଦ୍ୱାରା ରୋମୀୟମାନଙ୍କୁ କାହିଁକି ପରାସ୍ତ କରୁନାହାନ୍ତି ?


ଯୀଶୁ ଯେଉଁଠାରେ ଶିକ୍ଷା ଦେଉଥିଲେ, ସେହି ଗୃହ ଛାଡ଼ି ଚାଲିଗଲେ ଏବଂ ନଗର ଦ୍ୱାରରେ ଥିବା କର ଆଦାୟକାରୀ ଗୃହ ନିକଟ ଦେଇ ଯାଉଥିବା ସମୟରେ...
ତୁମେ କର ଆଦାୟକାରୀମାନେ ଡକାୟତ ଅଟ । ମୁଁ ଏତେ ପରିମାଣର କର ଦେଇ ପାରିବି ନାହିଁ ବୋଲି ତମେ ଜାଣିଛ ।
ତୁମେ ଭଲରେ ଭଲରେ ଏହା ଦେଇଦିଅ । ମନେରଖ- ମୋ ପଛରେ ସମଗ୍ର ରୋମୀୟ ସାମ୍ରାଜ୍ୟର କ୍ଷମତା ଅଛି ।

# ଜଣେ ବ୍ୟକ୍ତିର ଉତ୍ତର

ମାଥିଉ ୯ ; ୯-୧୩; ୧୨ ; ୯-୧୪ ରୁ ଉଦ୍ଧୃତ

ରୋମ ନିମନ୍ତେ କର ଆଦାୟ କରୁଥିବା ମାଥିଉଙ୍କୁ କଫର୍ନାହୂମରେ ସମସ୍ତେ ଘୃଣା କରୁଥିଲେ । ଦିନେ ବିଭିନ୍ନ ଦ୍ରବ୍ୟ ଉପରେ ବସିଥିବା କର ବିଷୟରେ ଯେତେବେଳେ ସେ ଜଣେ ବ୍ୟବସାୟୀ ସହିତ ଯୁକ୍ତିତର୍କ କରୁଥିଲେ, ସେତେବେଳେ ଯୀଶୁ ସେହିବାଟ ଦେଇ ଯାଉଥିଲେ । ସେ ସେହି ଘୃଣ୍ୟ କରଗ୍ରାହୀର ଚକ୍ଷୁ ମଧ୍ୟକୁ ସିଧା ଦୃଷ୍ଟିପାତ କଲେ...



ଲୋକମାନଙ୍କୁ ଆଶ୍ଚର୍ଯ୍ୟାନ୍ୱିତ କରି ମାଥିଉ ନିଜ କାର୍ଯ୍ୟ ଛାଡ଼ି ଯୀଶୁଙ୍କର ଅନୁଗାମୀ ହେଲେ ।







ଯୀଶୁ ଶିଷ୍ୟମାନଙ୍କ ତରଫରୁ ଉତ୍ତର ଦେଉଛନ୍ତି ।







ବିଶ୍ରାମବାରରେ ସୁସ୍ଥ କରିବା ବିଧିସଙ୍ଗତ କି ?
ଯଦି ତୁମ୍ଭମାନଙ୍କ ମଧ୍ୟରୁ କାହାର ଗୋଟିଏ ମେଣ୍ଢା ବିଶ୍ରାମବାରରେ ଗାତ ମଧ୍ୟରେ ପଡ଼ିଯାଏ, ତେବେ ତୁମ୍ଭେମାନେ କ'ଣ ଏହାକୁ ବାହାର କରିବ ନାହିଁ ? ତେବେ ମନୁଷ୍ୟ କ'ଣ ମେଣ୍ଢାଠାରୁ ଅଧିକ ମୂଲ୍ୟବାନ ନୁହେଁ ? ତୁମ୍ଭମାନଙ୍କର ପ୍ରଶ୍ନର ଉତ୍ତର ହେଉଛି...ହଁ,ବିଶ୍ରାମବାରରେ ଉତ୍ତମକାର୍ଯ୍ୟ କରିବା ବିଧି ସଙ୍ଗତ ଅଟେ ।
ଏହାପରେ, ସମସ୍ତ ଫାରୂଶୀଙ୍କ ସାକ୍ଷାତ୍‌ରେ ସେ ସେହି ଲୋକକୁ ହାତ ବଢ଼ାଇବା ପାଇଁ କହିଲେ ଆଉ ସେ ଏହା କରିବା ସମୟରେ...
ମୋ'ହାତ...ଏହା ପୁଣି ସବଳ ହୋଇଗଲା ! ଈଶ୍ୱର ମୋ ପ୍ରାର୍ଥନାର ଉତ୍ତର ଦେଇଛନ୍ତି !
ପରାସ୍ତ ହେବାଦ୍ୱାରା କ୍ରୁଦ୍ଧ ହୋଇ ଫାରୂଶୀମାନେ ସମାଜଗୃହ ପରିତ୍ୟାଗ କଲେ ।
ସେହି ଲୋକକୁ ହତ୍ୟା କରିବା ଆବଶ୍ୟକ । ଯେତେ ଶୀଘ୍ର ଏହା ହେବ, ସେତେ ଭଲ ।
ହଁ, ଠିକ୍ କହୁଛ ! କିନ୍ତୁ ଆମକୁ ତାଙ୍କ ବିରୁଦ୍ଧରେ ଗୋଟିଏ ବଳିଷ୍ଠ ଅଭିଯୋଗ ଆଣିବାକୁ ହେବ, ନଚେତ୍ ଲୋକମାନେ ଆମ ବିରୁଦ୍ଧରେ ଉଠିବେ ।

# ପର୍ବତ ଉପରେ ଉପଦେଶ

ଲୂକ ୬ : ୧୨-୧୬; ମାଥିଉ ୫ : ୬,୭,୮ : ୫-୧୩; ୧୩: ୪୫,୪୬; ମାର୍କ ୪ : ୩୫-୩୭ ରୁ ଉଦ୍ଧୃତ




ପ୍ରଭାତରେ, ସେ ନିଜର ଶିଷ୍ୟମାନଙ୍କୁ ପାଖକୁ ଡାକିଲେ... ଆଉ ସେମାନଙ୍କ ମଧ୍ୟରୁ ୧୨ ଜଣଙ୍କୁ ନିଜର ପୂର୍ଣ୍ଣ-ସମୟ ସାହାଯ୍ୟକାରୀ ଭାବେ ମନୋନୀତ କଲେ । ଯଥା- ଶିମୋନ ପିତର, ଆନ୍ଦ୍ରିୟ, ଯାକୁବ, ଯୋହନ, ଫିଲିପ୍ପ, ନିଥନିୟେଲ, ବାର୍ଥଲୋମୀ, ମାଥିଉ, ଥୋମା, ଆଲଫୀଙ୍କ ପୁତ୍ର ଯାକୁବ, ଥଦ୍ଦିୟ, ଉଦ୍‌ଯୋଗୀ ଶିମୋନ ଏବଂ ଇଷ୍କାରିୟତ୍ ଯିହୁଦା । ଏମାନେ ୧୨ ଜଣ ପ୍ରେରିତ ଭାବରେ ପରିଚିତ ହେଲେ ।



ସେମାନେ ପର୍ବତରୁ ଓହ୍ଲାଇ ଅନେକ ଲୋକ ଯୀଶୁଙ୍କୁ ଅପେକ୍ଷା କରିଥିବା ଦେଖିଲେ, ସେଥିପାଇଁ ପର୍ବତ ପାର୍ଶ୍ୱରେ ଯୀଶୁ ଗୋଟିଏ ଉପଦେଶ ଦେଲେ । ସେଥିରେ ଈଶ୍ୱରଙ୍କ ରାଜ୍ୟର ଲୋକମାନେ କାହା ସଦୃଶ, ତାହା ସେ ବୁଝାଇଥିଲେ ।

"ଦୟାଳୁ ଲୋକେ ଧନ୍ୟ, କାରଣ ସେମାନେ ଦୟାପ୍ରାପ୍ତ ହେବେ ।
ଶୁଦ୍ଧଚିତ୍ତ ଲୋକେ ଧନ୍ୟ, କାରଣ ସେମାନେ ଈଶ୍ୱରଙ୍କ ଦର୍ଶନ ପାଇବେ ।
ଶାନ୍ତିକାରକ ଲୋକେ ଧନ୍ୟ, କାରଣ ସେମାନେ ଈଶ୍ୱରଙ୍କ ସନ୍ତାନ ବୋଲି ଖ୍ୟାତ ହେବେ ।...
ତୁମ୍ଭେମାନେ ଜଗତର ଜ୍ୟୋତିଃ... ତୁମ୍ଭମାନଙ୍କର ଆଲୋକ ଲୋକଙ୍କ ସାକ୍ଷାତରେ ପ୍ରକାଶ ପାଉ,
ଯେପରି ସେମାନେ ତୁମ୍ଭମାନଙ୍କ ସତ୍କର୍ମ ଦେଖି ତୁମ୍ଭମାନଙ୍କର ସ୍ୱର୍ଗସ୍ଥ ପିତାଙ୍କର ମହିମା କୀର୍ତ୍ତନ କରିବେ ।...
ତୁମ୍ଭମାନଙ୍କର ଶତ୍ରୁମାନଙ୍କୁ ପ୍ରେମ କର, ପୁଣି ଯେଉଁମାନେ ତୁମ୍ଭମାନଙ୍କୁ ତାଡ଼ନା କରନ୍ତି, ସେମାନଙ୍କ ନିମନ୍ତେ
ପ୍ରାର୍ଥନା କର, ଯେପରି ତୁମ୍ଭେମାନେ ତୁମ୍ଭମାନଙ୍କର ସ୍ୱର୍ଗସ୍ଥ ପିତାଙ୍କର ସନ୍ତାନ ହେବ; ସେ ତ ଦୁଷ୍ଟ
ଓ ସନ୍ଥ ଉଭୟଙ୍କ ଉପରେ ଆପଣା ସୂର୍ଯ୍ୟ ଉଦୟ କରାନ୍ତି, ପୁଣି ଧାର୍ମିକ ଓ
ଅଧାର୍ମିକମାନଙ୍କ ଉପରେବୃଷ୍ଟି ବର୍ଷାନ୍ତି ।...
ଅତଏବ, ଲୋକମାନେ ତୁମ୍ଭମାନଙ୍କ ପ୍ରତି ଯାହା ସବୁ କରନ୍ତୁ ବୋଲି ଇଚ୍ଛା କର,
ତୁମ୍ଭେମାନେ ମଧ୍ୟ ସେମାନଙ୍କ ପ୍ରତି ସେହିସବୁ କର, କାରଣ ଏହା ହିଁ ବ୍ୟବସ୍ଥା
ଓ ଭାବବାଦୀମାନଙ୍କର ଧର୍ମଶାସ୍ତ୍ରର ସାର ।"

(ସଂପୂର୍ଣ୍ଣ ଉପଦେଶ ମାଥିଉ
୫,୬,୭ ଅଧ୍ୟାୟରେ ଅଛି)




ଉପଦେଶ ଶେଷ ହେବାପରେ ଯୀଶୁ ଶିଷ୍ୟମାନଙ୍କୁ କଫର୍ନାହୂମ ଫେରାଇ ଆଣିଲେ । ସେମାନେ ନଗରରେ ପ୍ରବେଶ କରିବା ମାତ୍ରେ ଜଣେ ରୋମୀୟ ଶତ ସେନାପତି ସେମାନଙ୍କୁ ଅଟକାଇ ଦେଲେ ।
ଯୀଶୁ ! ମୋର ଚାକର ଅସୁସ୍ଥ ଅଛି, ଆପଣ ଦୟାକରି ତାକୁ ସୁସ୍ଥ କରିବେ କି ?
ମୁଁ ତୁମ ସହିତ ଯିବି !
ଆପଣ ଯେ ମୋ ଗୃହକୁ ଆସିବେ, ଏପରି ଯୋଗ୍ୟତା ମୋର ନାହିଁ । କିନ୍ତୁ ଆପଣ ପଦେ କଥା କହିଲେ ମୋ ଚାକର ସୁସ୍ଥ ହେବ ।
ସମଗ୍ର ଇସ୍ରାଏଲ ମଧ୍ୟରେ ମୁଁ ଏପରି ବିଶ୍ୱାସ ଥିବା ଜଣେ ବ୍ୟକ୍ତିକୁ ଦେଖି ନାହିଁ । ଗୃହକୁ ଫେରିଯାଅ...ଆଉ ତୁମର ବିଶ୍ୱାସ ଅନୁସାରେ ତୁମ ପ୍ରତି ଘଟିବ ।
ଶତସେନାପତି ଗୃହକୁ ଗଲେ ।
ପ୍ରଭୁ ! ଦେଖନ୍ତୁ, ମୁଁ ସୁସ୍ଥ । ଏହା ହଠାତ୍ ଘଟିଲା... ଠିକ୍ କିଛି ସମୟ ପୂର୍ବରୁ ।
ଆପଣଙ୍କୁ ଆଶ୍ଚର୍ଯ୍ୟ ଲାଗୁନାହିଁ ?
ନା', କାରଣ ମୁଁ ବିଶ୍ୱାସ କରୁଛି ଯୀଶୁ ତୁମକୁ ସୁସ୍ଥ କରିଥିବେ ।


ଯଦିଓ ଫାରୂଶୀମାନେ ତାଙ୍କ ହତ୍ୟାର ଷଡ଼ଯନ୍ତ୍ର କରୁଥିଲେ, ତଥାପି ଯୀଶୁ କଫର୍ନାହୂମରେ ଶିକ୍ଷା ଦେଇ ଚାଲିଥିଲେ । ଦିନେ ତାଙ୍କ କଥା ଶୁଣିବା ପାଇଁ ଏପରି ପ୍ରବଳ ଭିଡ଼ ହେଲା ଯେ ସେ ଖଣ୍ଡେ ନୌକା ପାଇ ସେଥିରେ ଚଢ଼ିଲେ ଓ ଶିକ୍ଷା ଦେବା ନିମନ୍ତେ ଏହାକୁ କୂଳରୁ କିଛି ଦୂର ନେଇଗଲେ ।
ଥରେ ଜଣେ ବ୍ୟବସାୟୀ ଗୋଟିଏ ବହୁମୂଲ୍ୟ ଓ ସୁନ୍ଦର ମୁକ୍ତା ଦେଖିଲେ । ସେ ଏହାକୁ ପାଇବା ପାଇଁ ଏତେ ଇଚ୍ଛୁକ ହେଲେ ଯେ ନିଜର ସର୍ବସ୍ୱ ବିକ୍ରୟ କରି ଏହା କ୍ରୟ କଲେ । ଈଶ୍ୱରଙ୍କ ରାଜ୍ୟ ଏହି ମୁକ୍ତା ସଦୃଶ ଅଟେ । ଏହା ପାଇବା ପାଇଁ ତୁମ୍ଭମାନଙ୍କର ସର୍ବସ୍ୱ ପରିତ୍ୟାଗ କରିବାକୁ ହେବ ।
ସଂଧ୍ୟା ହେବା ସମୟରେ ହ୍ରଦର ଆର କୂଳକୁ ଯିବା ପାଇଁ ଯୀଶୁ ନିଜର ଶିଷ୍ୟମାନଙ୍କୁ କହିଲେ ।
ଆଜି ରାତିରେ ଝଡ଼ ହୋଇପାରେ ।

# ସମୁଦ୍ର କୂଳରେ ଥିବା ପାଗଳ ବ୍ୟକ୍ତି

ମାର୍କ ୪ : ୩୭-୪୧; ୫ ; ୧-୨୪, ୩୫-୪୩ ରୁ ଉଦ୍ଧୃତ








ଭୟରେ ଶିଷ୍ୟମାନେ ନୌକାର ପଛ ପାଖକୁ ଦୌଡ଼ିଲେ ।
ଗୁରୁ, ଆମେ ବୁଡ଼ିବାକୁ ଯାଉଛୁ, ଆଉ ଆପଣଙ୍କର କିଛି ଚିନ୍ତା ନାହିଁ ?
ଯୀଶୁ ଉଠି ଝଡ଼ର ସମ୍ମୁଖୀନ ହେଲେ ।
ଶାନ୍ତ ହୁଅ, ସୁସ୍ଥିର ହୁଅ ।
ସଙ୍ଗେ ସଙ୍ଗେ ପବନ ବନ୍ଦ ହେଲା ଏବଂ ଢେଉସବୁ ଉଭେଇ ଗଲେ ।
ସେ କିଏ ଯେ ପବନ ଓ ସମୁଦ୍ର ମଧ୍ୟ ତାହାଙ୍କ ଆଜ୍ଞା ପାଳନ କରନ୍ତି ।
ସକାଳେ ନୌକା କୂଳରେ ପହଞ୍ଚିଲା ଏବଂ ଯୀଶୁ ଓ ତାହା
ଶିଷ୍ୟମାନେ ସମୁଦ୍ର କୂଳରେ ଯାଉଥିବା ସମୟରେ ଭୂତାତ୍ମାବି
ଜଣେ ବ୍ୟକ୍ତି ଯୀଶୁଙ୍କୁ ଦେଖା କରିବାକୁ ଦୌଡ଼ି ଆସିଲା ।
ସାବଧାନ, ସେ ଶିକ୍କୁଳି ଭାଙ୍ଗି ପକାଇଛି ।


ହେ ଅଶୁଚି ଆତ୍ମା, ଏହି ବ୍ୟକ୍ତିଠାରୁ ବାହାରି ଯା' ।
ଲୋକଟି ସୁସ୍ଥ ହୋଇଛି...ଯେଉଁମାନେ ଏହା ଦେଖିବେ, ସେମାନେ ଆଶ୍ଚର୍ଯ୍ୟ ହେବେ ଆଉ ଭାବିବେ ଯେ ଯୀଶୁଙ୍କର ଏତେ ଶକ୍ତି ଅଛି ଯେ ମନ୍ଦ ଆତ୍ମାଗୁଡ଼ିକ ମଧ୍ୟ ଯୀଶୁଙ୍କ ଆଜ୍ଞା ପାଳନ କରନ୍ତି ।
ମୁଁ ଆପଣଙ୍କ ସହିତ ଯିବି ।
ବରଂ ତୁମେ ଗୃହକୁ ଫେରିଯାଇ ତୁମ ପ୍ରତି ଈଶ୍ୱର ଯାହା କରିଅଛନ୍ତି, ତାହା ତୁମ ବନ୍ଧୁମାନଙ୍କୁ ଜଣାଅ ।
କିଛି ସମୟ ପରେ ଯୀଶୁ ଓ ତାଙ୍କର ଶିଷ୍ୟମାନେ କଫର୍ନାହୂମକୁ ଫେରିଗଲେ । ପୁଣି ଥରେ ତାଙ୍କ କଥା ଶୁଣିବା ପାଇଁ ଲୋକମାନେ ଏକତ୍ରିତ ହେଲେ । କିନ୍ତୁ ଶିକ୍ଷା ଦେବାକୁ ଆରମ୍ଭ କରୁଥିବା ସମୟରେ ସମାଜଗୃହର ପ୍ରଧାନ ଅଧ୍ୟକ୍ଷ, ଯାଇରସ ଭିଡ଼ ଠେଲି ଯୀଶୁଙ୍କ ନିକଟକୁ ଆସିଲେ ଓ ତାଙ୍କ ଚରଣ ତଳେ ପଡ଼ିଗଲେ ।
ମୋର ଛୋଟ ଝିଅ-ସେ ମୃତପ୍ରାୟ ! ୟାକରି ଆସନ୍ତୁ !
ଯୀଶୁ ଯାଇରସଙ୍କ ସହିତ ଗଲେ..କିନ୍ତୁ ବାଟରେ ଯାଇରସଙ୍କର ଜଣେ ଚାକର ଦୌଡ଼ି ଦୌଡ଼ି ଆସିଲା...
ବିଳମ୍ବ ହୋଇଗଲା... ଆପଣଙ୍କର କନ୍ୟା ମରିଗଲାଣି !

# ବିଦ୍ରୁପକାରୀ ଜନତା

ମାର୍କ ୫ : ୩୮ -୪୩; ମାଥିଉ ୯ : ୩୫-୧୧; ୧୪:୧-୧୨;
ଯୋହନ ୬ : ୧-୧୦ ରୁ ଉଦ୍ଧୃତ

ଯୀଶୁ ଓ ତାଙ୍କର ଶିଷ୍ୟମାନେ ଯାଇରସଙ୍କ ଗୃହରେ ପହଞ୍ଚିବା ସମୟରେ ବହୁତ ଲୋକ ସେଠାରେ ତାଙ୍କର ମୃତ କନ୍ୟା ନିମନ୍ତେ ରୋଦନ କରଥିଲେ ।




ଧୀର ପଦକ୍ଷେପରେ ଯୀଶୁ ଝିଅଟିର କକ୍ଷ ମଧ୍ୟକୁ ତାର ପିତାମାତାଙ୍କ ସହିତ ଗଲେ । ସେଠାରେ ସେ ଝିଅଟିର ହାତଧରି ତାକୁ କହିଲେ, ''ଉଠ''..ସଙ୍ଗେ ସଙ୍ଗେ ଝିଅଟି ଉଠି ପଡ଼ିଲା । ଆଉ ଯୀଶୁଙ୍କ ପ୍ରତି ଆଶ୍ଚର୍ଯ୍ୟ ଓ ଚକିତ ଭାବରେ ଦୃଷ୍ଟିପାତ କଲା ।
ତାକୁ କିଛି ଖାଇବାକୁ ଦିଅ... କିନ୍ତୁ ଏହି ଗୃହ ମଧ୍ୟରେ ଯାହାଘଟିଲା, ତାହା କାହାରିକୁ କୁହ ନାହିଁ ।
କିନ୍ତୁ ଯାଇରସ ଜଣେ ପ୍ରଧାନ ବ୍ୟକ୍ତି ଥିଲେ । ତାଙ୍କ କନ୍ୟା ବିଷୟକ ସମ୍ବାଦ ଅତିଶୀଘ୍ର ଚତୁର୍ଦ୍ଦିଗରେ ପ୍ରସାରିତ ହେଲା । ଆଉ ଗାଲିଲୀ ମଧ୍ୟ ଦେଇ ଯୀଶୁ ପ୍ରଚାର କରୁ କରୁ ଓ ସୁସ୍ଥ କରୁ କରୁ ଯାତ୍ରା କରିବା ସମୟରେ ତାଙ୍କର ଖ୍ୟାତି ବୃଦ୍ଧି ପାଇବାକୁ ଲାଗିଲା । ଫାରୁଶୀମାନେ କ୍ରୁଦ୍ଧ ହୋଇ ଏହା ଲକ୍ଷ୍ୟ କରୁଥିଲେ । କିନ୍ତୁ, ଏପର୍ଯ୍ୟନ୍ତ ଯୀଶୁଙ୍କ ବିରୁଦ୍ଧରେ ସେମାନେ କୌଣସି ପ୍ରକୃତ ଅଭିଯୋଗ ପାଉ ନ ଥିଲେ । ସେଥିପାଇଁ ତାଙ୍କୁ ଅନୁସରଣ କରୁଥିବା ଜନତାଙ୍କୁ ଉତ୍ତେଜିତ କରିବାକୁ ସେମାନେ ସାହସ କରିପାରୁ ନ ଥିଲେ ।
କିନ୍ତୁ ଯୀଶୁ ସେହି ଲୋକମାନଙ୍କ ବିଷୟରେ ଚିନ୍ତିତ ଥିଲେ, ଯେଉଁମାନେ ତାଙ୍କର ବାର୍ତ୍ତା ଶୁଣି ନ ଥିଲେ । ସେ ନିଜର ଶିଷ୍ୟମାନଙ୍କୁ ପାଖକୁ ଡାକିଲେ ।
ଲୋକମାନେ ପାଳକ ବିହୀନ ମେଷ ସଦୃଶ ଅଟନ୍ତି । ମୁଁ ଚାହେଁ ତୁମ୍ଭେମାନେ ଦୁଇ ଦୁଇ ଜଣ ହୋଇ ମୋ ପରି ପ୍ରଚାର କରିବାକୁ ଓ ସୁସ୍ଥ କରିବାକୁ ଯାଅ । କ'ଣ କହିବାକୁ ହେବ ସେଥିପାଇଁ ଚିନ୍ତିତ ହୁଅ ନାହିଁ । କାରଣ, ଈଶ୍ୱରଙ୍କ ଆତ୍ମା ତୁମ୍ଭମାନଙ୍କ ମାଧ୍ୟମରେ କଥା କହିବେ ।
ଶିଷ୍ୟମାନେ ଗାଲିଲୀ ଅଞ୍ଚଳରେ ପ୍ରଚାର କଲେ । ଯେତେବେଳେ ସେମାନେ ଫେରିଲେ, ସେତେବେଳେ ସେମାନଙ୍କ ବିଶ୍ରାମ ନିମନ୍ତେ ଓ ଭବିଷ୍ୟତ ଯୋଜନା ନିମନ୍ତେ ସେମାନଙ୍କୁ ଗୋଟିଏ ନିର୍ଜ୍ଜନ ସ୍ଥାନକୁ ନେବାକୁ ପ୍ରସ୍ତୁତ ହେଲେ । ଠିକ୍ ଯାତ୍ରାରମ୍ଭ କରିବା ସମୟରେ, ଯୋହନ ବାପ୍ତିଜକଙ୍କର ଜଣେ ଶିଷ୍ୟ ସେମାନଙ୍କୁ ଗୋଟିଏ ଦୁଃସମ୍ବାଦ ଦେଲେ ।
ରାଜା ହେରୋଦ ଯୋହନଙ୍କର ମସ୍ତକ ଛେଦନ କରିଛନ୍ତି ।
ହେରୋଦ ଜଣେ ଦୁଷ୍ଟ ବ୍ୟକ୍ତି । କିନ୍ତୁ ଏହା ତାଙ୍କର ସବୁଠାରୁ ବଡ଼ ପାପ ।


ଯୋହନଠାରୁ ଅଧିକ ଶ୍ରେଷ୍ଠ ଭାବବାଦୀ କେବେହେଲେ ଜନ୍ମି ନ ଥିଲେ । ସେ ଈଶ୍ୱରଙ୍କ ଇଚ୍ଛା ସାଧନ କରୁ କରୁ ସମଗ୍ରଜୀବନ କାଟି ଦେଲେ ।
ତୃଷ୍ଣରେ, ଯୀଶୁ ଓ ତାଙ୍କର ଶିଷ୍ୟମାନେ ଗାଲିଲୀ ହ୍ରଦର ଅପର ପାର୍ଶ୍ୱରେ ଥିବା ଗୋଟିଏ ପର୍ବତକୁ ଗଲେ । ସେମାନେ ଏକାକୀ ରହିବେ ବୋଲି ଆଶା କରିଥିଲେ, ମାତ୍ର ବହୁସଂଖ୍ୟକ ଲୋକ ସେମାନଙ୍କୁ ଅନୁସରଣ କଲେ ଏବଂ ଯୀଶୁ ସେମାନଙ୍କୁ ଶିକ୍ଷା ଦେବାକୁ ଓ ସୁସ୍ଥ କରିବାକୁ ରହିଗଲେ । ଦ୍ୱିପ୍ରହର ସମୟରେ...
ଫିଲିପ... ଏହି ଲୋକମାନଙ୍କ ନିମନ୍ତେ ଆମେ କେଉଁଠାରୁ ଖାଦ୍ୟକ୍ରୟ କରିପାରିବା ?
ସମସ୍ତଙ୍କ ନିମନ୍ତେ ? ଏଠାରେ ସ୍ତ୍ରୀ ଓ ପିଲାମାନଙ୍କୁ ଛାଡ଼ିଦେଲେ ପ୍ରାୟ ୫୦୦୦ ପୁରୁଷ ଅଛନ୍ତି ।
ଏଠାରେ ଗୋଟିଏ ବାଳକ ନିକଟରେ ପାଞ୍ଚଗୋଟି ରୋଟୀ ଓ ଦୁଇଟି ମାଛ ଭଜା ଅଛି...କିନ୍ତୁ ଏତେ ଲୋକଙ୍କ ପାଇଁ ଏତେ ଅଳ୍ପ ଖାଦ୍ୟର କି ମୂଲ୍ୟ ଅଛି ?
ଲୋକମାନଙ୍କୁ ବସିବାକୁ କୁହ ଏବଂ ସେହି ଖାଦ୍ୟଟି ମୋତେ ଦିଅ ।

# କୌଣସି ପାର୍ଥିବ ସିଂହାସନ ନୁହେଁ

ଯୋହନ ୬ ; ୧୦-୧୫; ମାଥିଉ ୧୪ : ୨୩-୩୦ ରୁ ଉଦ୍ଧୃତ












କିନ୍ତୁ ଈଶ୍ୱର ଯୀଶୁଙ୍କୁ ତ୍ରାଣକର୍ତ୍ତା ହେବା ନିମନ୍ତେ ପ୍ରେରଣ କରିଥିଲେ । ସୈନ୍ୟବାହିନୀର ନେତୃତ୍ୱ ନେଇ ସିଂହାସନ ହାସଲ କରିବା ନିମନ୍ତେ ନୁହେଁ, ମାତ୍ର ମନୁଷ୍ୟମାନଙ୍କ ମଧ୍ୟରେ ଈଶ୍ୱରଙ୍କ ରାଜ୍ୟ ଆଣିବା ନିମନ୍ତେ ସେ ଆସିଥିଲେ । ଯେତେବେଳେ ଯୀଶୁ ଦେଖିଲେ ଯେ ତାଙ୍କୁ ରାଜା କରିବାକୁ ଲୋକମାନେ ଇଚ୍ଛା କରୁଛନ୍ତି, ସେତେବେଳେ ସେ ଶୀଘ୍ର ଶିଷ୍ୟମାନଙ୍କୁ ଡାକିଲେ ।






ଶୀଘ୍ର ଝଡ଼ ଆସିଗଲା ।




ହଠାତ୍ ସେମାନେ ଗୋଟିଏ ବ୍ୟକ୍ତିକୁ ସମୁଦ୍ର ଉପରେ ଚାଲ ଚାଲ ଆସୁଥିବା ଦେଖିଲେ, ''ଗୋଟିଏ ଭୂତ !'' ସେମାନେ ଭୟରେ ଚିତ୍କାର କଲେ । ତରଙ୍ଗ ମଧ୍ୟ ଦେଇ ଗୋଟିଏ ଶାନ୍ତ ସ୍ୱର ଶୁଣାଗଲା, ''ଏ ତ ମୁଁ ! ଭୟ କର ନାହିଁ !''







ସମୁଦ୍ର ଉପରେ ଅଲୌକିକତା
ମାଥିଉ ୧୪ : ୩୦-୩୬; ଯୋହନ ୬ : ୨୨-୭୧; ମାର୍କ ୭ : ୧-୨୩;
ମାଥିଉ ୧୬ : ୧୩-୨୬; ୧୭ : ୧,୨ ରୁ ଉଦ୍ଧୃତ
ଗୋଟିଏ ବଡ଼ ରାତ୍ରିଝଡ଼ କ୍ଷୁବ୍ଧ ତରଙ୍ଗକୁ ଉତ୍ତେଜିତ କରୁଥିଲା । ଗାଲିଲୀ ସମୁଦ୍ରରେ, ଯୀଶୁଙ୍କର ଶିଷ୍ୟ ଅତି କଷ୍ଟରେ ନୌକା ବାହୁଥିଲେ... ହଠାତ୍ ସେମାନେ ଗୋଟିଏ ମନୁଷ୍ୟାକୃତିକୁ ସମୁଦ୍ର ଉପରେ ଚାଲି ଚାଲି ଆସୁଥିବା ଦେଖିଲେ । ସେମାନେ ଭୟଭୀତ ହେଲେ... ଶେଷରେ ସେମାନେ ଜାଣିପାରିଲେ ସେହି ବ୍ୟକ୍ତି ଯୀଶୁ ଅଟନ୍ତି । ପିତର ନୌକାମଧ୍ୟରୁ ବାହାରି ଯୀଶୁଙ୍କ ଆଡ଼କୁ ଚାଲିବାକୁ ଲାଗିଲେ...କିନ୍ତୁ ବଡ଼ ବଡ଼ ତରଙ୍ଗ ସବୁ ଦେଖି ସେ ବିଶ୍ୱାସ ହରାଇଲେ...
ହେ ପିତର, କାହିଁକି ସନ୍ଦେହ କଲ ?
ପ୍ରଭୋ, ରକ୍ଷା କରନ୍ତୁ ।







ପରେ, ସେହିଦିନ ଯୀଶୁ କଫର୍ନାହୁମର ସମାଜଗୃହକୁ ଗଲେ । ଦିନକ ପୂର୍ବରୁ ଯେଉଁ ଲୋକମାନଙ୍କୁ ସେ ଭୋଜନ କରାଇଥିଲେ, ସେମାନେ ପୁନର୍ବାର ସେମାନଙ୍କୁ ଭୋଜନ କରାଇବା ପାଇଁ ଯୀଶୁଙ୍କୁ କହିଲେ । ଯେତେବେଳେ ଯୀଶୁ ସେମାନଙ୍କ ଆତ୍ମିକ ଆବଶ୍ୟକତା ବିଷୟରେ ଶିକ୍ଷା ଦେଲେ, ସେମାନଙ୍କ ମଧ୍ୟରୁ ଅନେକେ ଅସନ୍ତୁଷ୍ଟ ହୋଇ ଚାଲିଗଲେ ।




ନିଜର ଶିଷ୍ୟମାନଙ୍କୁ ସମର୍ଥନ କରୁଥିବା ଦେଖି ଫାରୁଶୀମାନେ ଚାଲିଗଲେ, ମାତ୍ର ଯୀଶୁଙ୍କୁ ହତ୍ୟା କରିବା ନିମନ୍ତେ ଦୃଢ଼ ପରିକର ହେଲେ ।
ଆପଣ କ'ଣ ଜାଣନ୍ତି ନାହିଁ ଯେ ଫାରୁଶୀମାନେ କ୍ରୁଦ୍ଧ ହୋଇଛନ୍ତି ?
ଫାରୁଶୀମାନେ ଈଶ୍ୱରଙ୍କ ଇଚ୍ଛା ପ୍ରତି ଅନ୍ଧ ଅଟନ୍ତି...ଆଉ ସେମାନେ ଯେପରି ଅନ୍ଧ, ସେହିପରି ଲୋକମାନଙ୍କୁ ଅନ୍ଧ ହେବା ନିମନ୍ତେ ପଥ ଦେଖାଉଛନ୍ତି ।
ଯେହେତୁ ଅଧିକାଂଶ ଲୋକ ତାଙ୍କୁ ଜଣେ ରାଜା ଭାବରେ ଦେଖିବାକୁ ଚାହୁଁଥିଲେ, ସେଥିପାଇଁ ସେ ଗାଲିଲୀ ପରିତ୍ୟାଗ କଲେ । ସେ ଶିଷ୍ୟମାନଙ୍କୁ ଫେନିସିଆ ଅଞ୍ଚଳକୁ ଏବଂ ପରେ କାଇସରିଆ ଫିଲିପ୍ପୀକୁ ନେଇଗଲେ । ସେଠାରେ ସେ ସେମାନଙ୍କୁ ଗୋପନରେ ଶିକ୍ଷା ଦେଲେ । ଦିନେ ସେଠାରେ ସେ ସେମାନଙ୍କୁ ପ୍ରଶ୍ନ କଲେ, "ମୁଁ କିଏ ବୋଲି ଲୋକମାନେ କହନ୍ତି ?"
ବାପ୍ତିଜକ ଯୋହନ... ଏଲିୟ...
କିନ୍ତୁ ମୁଁ କିଏ ବୋଲି ତୁମ୍ଭେମାନେ କହୁଅଛ ?"
ଆପଣ ଖ୍ରୀଷ୍ଟ, ଜୀବିତ ଈଶ୍ୱରଙ୍କ ପୁତ୍ର ।
ତୁମେ ଧନ୍ୟ, ପିତର । କାରଣ ମୋର ସ୍ୱର୍ଗସ୍ଥ ପିତା ଏହା ତୁମ ନିକଟରେ ପ୍ରକାଶ କରିଛନ୍ତି ।
ଏଇଁମାନ ଯେତେବେଳେ ଶିଷ୍ୟମାନେ ପ୍ରକୃତରେ ବୁଝିପାରିଲେ ଯେ ସେ ହେଉଛନ୍ତି ପ୍ରତିଜ୍ଞାତ ମସିହ, ସେତେବେଳେ ସେ ଯିରୂଶାଲମ ଗଲେ ସେଠାରେ ଯାହା ଘଟିବ, ତାହା ସେ ସେମାନଙ୍କୁ କହିଲେ ।
ଫାରୁଶୀ ଏବଂ ଯାଜକମାନେ ବିଶ୍ୱାସ କରନ୍ତି ନାହିଁ ଯେ ମୁଁ ମସିହ ଅଟେ । ସେମାନେ ମୋତେ ହତ୍ୟା କରିବେ ମାତ୍ର ମୁଁ ତିନିଦିନ ପରେ ପୁନର୍ବାର ଉଠିବି ।


ହତ୍ୟା ? ନା' ଆଦୌ ନୁହେଁ ।
ପିତର, ତୁମେ ମୋ ନିମନ୍ତେ ଈଶ୍ୱରଙ୍କ ଯୋଜନା ବୁଝୁ ନାହଁ । ମୁଁ ତୁମ୍ଭମାନଙ୍କୁ ସାବଧାନ କରି ଦେଉଛି, ଯଦି ତୁମ୍ଭେମାନେ ମୋର ଅନୁଗାମୀ ହେବାକୁ ଚାହଁ, ତେବେ ମୋପରି ଦୁଃଖଭୋଗ କରିବାକୁ ପ୍ରସ୍ତୁତ ରୁହ ।
ଯୀଶୁ ଏହା କହିବା ସତ୍ତ୍ୱେ, ଶିଷ୍ୟମାନେ ବିଶ୍ୱାସ କଲେ ନାହିଁ ଯେ ତାଙ୍କୁ ହତ୍ୟା କରାଯିବ । ସେମାନେ ବିଶ୍ୱାସ କରୁଥିଲେ ଯେ ସେ ଅନ୍ୟମାନଙ୍କୁ ସାହାଯ୍ୟ କରିଛନ୍ତି, ଆଉ ନିଜକୁ ମଧ୍ୟ ରକ୍ଷା କରିବେ । ଅନେକ ଦିନ ପରେ, ଯୀଶୁ ପିତର, ଯାକୁବ ଓ ଯୋହନଙ୍କୁ କହିଲେ...
ମୋ ସହିତ ପର୍ବତ ଉପରକୁ ଆସ ।
ମୁଁ ଭାବୁଛି କାହିଁକି...
କିଛୁଦୂର ଚଢ଼ିବା ପରେ ସେମାନେ ପର୍ବତର ଶୀର୍ଷ ଦେଶରେ ପହଞ୍ଚିଲେ । ଯୀଶୁ ଅଳ୍ପ ଦୂରକୁ ଯାଇ ପ୍ରାର୍ଥନା କଲେ । ଶିଷ୍ୟମାନେ ବିଶ୍ରାମ ନେଉଥିବା ସମୟରେ ଶୋଇ ପଡ଼ିଲେ । ଯେତେବେଳେ ସେମାନେ ଜାଗ୍ରତ ହେଲେ, ସେତେବେଳେ ଗୋଟିଏ ଅଦ୍ଭୁତ ଓ ଅଲୌକିକ ବିଷୟ ଦେଖିଲେ...

# ଗୋଟିଏ ବାଳକ - ଏବଂ ତା'ର ପିତାଙ୍କର ଇଚ୍ଛା

ମାଥିଉ ୧୭ : ୩-୧୩; ମାର୍କ ୯ : ୩୩, ଲୂକ ୯ : ୩୭-୪୫ ରୁ ଉଦ୍ଧୃତ








ଶିଷ୍ୟମାନେ ଏତେ ଭୟଭୀତ ହେଲେ ଯେ ସେମାନେ ଭୂମିରେ ପଡ଼ିଗଲେ, କିନ୍ତୁ ଯୀଶୁ ନଇଁ ପଡ଼ି ସେମାନଙ୍କୁ ସ୍ପର୍ଶ କଲେ ।
ଭୟ କର ନାହିଁ ।
ପରଦିନ ପ୍ରଭାତରେ,... ପର୍ବତରୁ ଓହ୍ଲାଇବା ସମୟରେ ଯୀଶୁ ନିଜର ପୁନରୁତ୍ଥାନ ନ ହେବା ପର୍ଯ୍ୟନ୍ତ ଏହି ରୂପାନ୍ତର ବିଷୟରେ କାହାରିକୁ କିଛି ନ କହିବା ପାଇଁ ଶିଷ୍ୟମାନଙ୍କୁ ସତର୍କ କରିଦେଲେ । ଏହା ଦେଖିବା ପରେ ଶିଷ୍ୟମାନେ ବିଶ୍ୱାସ କରିପାରୁ ନ ଥିଲେ ଯେ ଯୀଶୁ ମୃତ୍ୟୁବରଣ କରିବେ । ସେଥିପାଇଁ ଯୀଶୁ ମୃତମାନଙ୍କ ମଧ୍ୟରୁ ଉଠିବା ବିଷୟ କହିବାରୁ ସେମାନେ ଦ୍ୱନ୍ଦ୍ୱଗ୍ରସ୍ତ ହେଲେ । ପର୍ବତରୁ ତଳଭୂମିକୁ ଆସି ସେମାନେ ଦେଖିଲେ ଯେ ଅନ୍ୟ ଶିଷ୍ୟମାନଙ୍କ ଚତୁର୍ଦ୍ଦିଗରେ ବହୁସଂଖ୍ୟକ ଲୋକ ଏକତ୍ରିତ ହୋଇଥିଲେ ।
ଯୀଶୁଙ୍କୁ ଦେଖିବା ମାତ୍ରେ ଲୋକମାନେ ତାଙ୍କୁ ଘେରିଗଲେ ।
ମୋର ପୁଅ ମୂର୍ଚ୍ଛା ହୋଇ ବାରମ୍ବାର ଅଗ୍ନିରେ ପଡ଼ିଯାଉଛି । ଆମେ ଆପଣଙ୍କର ଶିଷ୍ୟମାନଙ୍କ ନିକଟକୁ ତାକୁ ଆଣିଥିଲୁ । ମାତ୍ର ସେମାନେ ସୁସ୍ଥ କରିପାରିଲେ ନାହିଁ ।
ତୁମ ପୁଅକୁ ମୋ ନିକଟକୁ ଆଣ ।
ପିତା ଆଜ୍ଞା ପାଳନ କଲେ...ମାତ୍ର ପିଲାଟି ମୂର୍ଚ୍ଛା ହୋଇ ତଳେ ପଡ଼ିଗଲା ।
ଦୟାକରି ଆମକୁ ସାହାଯ୍ୟ କରନ୍ତୁ ।
ବିଶ୍ୱାସୀ ପକ୍ଷରେ ସବୁ କିଛି ସମ୍ଭବ ।
ମୁଁ ବିଶ୍ୱାସ କରୁଛି ! ଦୟାକରି ମୋର ବିଶ୍ୱାସ ବଢ଼ାଇ ଦିଅନ୍ତୁ ।
ହେ ଅଶୁଚି ଆତ୍ମା, ଏହି ପିଲାଠାରୁ ବାହାରି ଆସ !







ଯେତେବେଳେ ସେମାନେ ଏକାକୀ ରହିଲେ, ଶିଷ୍ୟମାନେ ଯୀଶୁଙ୍କୁ ପଚାରିଲେ...




ପରେ କଫର୍ନାହୁମକୁ ଯିବା ପଥରେ ଯୀଶୁ ଶୀଘ୍ର ସ୍ଥାପନ କରିବାକୁ ଯାଉଥିବା ରାଜ୍ୟ ସମ୍ବନ୍ଧରେ ଶିଷ୍ୟମାନେ କଥାବାର୍ତ୍ତା କରୁଥିଲେ । ହଠାତ୍, ସେହି ରାଜ୍ୟରେ କିଏ ଶ୍ରେଷ୍ଠତମ ହେବ, ଏହି ବିଷୟ ନେଇ ସେମାନେ ଯୁକ୍ତିତର୍କ କରିବାକୁ ଲାଗିଲେ ।



# ସତୁରି ଗୁଣ ସାତ

ମାଥିଉ ୧୮ : ୧-୧୪; ୨୧,୨୨;
ଯୋହନ ୭ : ୧୧-୫୨; ୮ ; ୨୧-୫୯ ରୁ ଉଦ୍ଧୃତ

କଫର୍ନାହୁମ ପଥରେ ଯୀଶୁ ସ୍ଥାପନ କରିବାକୁ ଯାଉଥିବା ରାଜ୍ୟରେ କିଏ ଶ୍ରେଷ୍ଠତମ ବ୍ୟକ୍ତି ହେବ, ଏ ବିଷୟରେ ଶିଷ୍ୟମାନେ କଳହ କଲେ । ସହରରେ ପହଞ୍ଚିବା ପରେ ସେମାନେ କାହିଁକି କଳହ କରୁଥିଲେ ବୋଲି ଯୀଶୁ ପ୍ରଶ୍ନ କଲେ ଏବଂ ସେମାନେ ଉତ୍ତର ଦେବାକୁ ଲଜ୍ୟା ଅନୁଭବ କଲେ । ସେ ଗୋଟିଏ ଛୋଟ ବାଳକକୁ ପାଖକୁ ଡାକିଲେ ।




ଯଦି ତୁମ୍ଭମାନଙ୍କର କାହାରି ବିରୁଦ୍ଧରେ କିଛି କଥା ଥାଏ, ତେବେ ତତ୍କ୍ଷଣାତ୍ ତା' ସହିତ ସେ ବିଷୟରେ କଥାବାର୍ତ୍ତା କର । ଯଦି ସେ ଶୁଣେ, ତେବେ ତୁମ୍ଭେମାନେ ଗୋଟିଏ ବନ୍ଧୁକୁ ପୁନର୍ବାର ଲାଭ କରିବ ।


ଯେଉଁ ବ୍ୟକ୍ତି ମୋତେ ମନ୍ଦ ବ୍ୟବହାର ଦେଖାଇଥିବ, ତାକୁ ମୁଁ କେତେଥର କ୍ଷମା କରିବି ? ସାତ ଥର ?
ନା' ପିତର ! ସତୁରୀଗୁଣ ସାତଥର କିମ୍ବା ଯେତେଥର ତାକୁ କ୍ଷମା କର ବୋଲି ଈଶ୍ୱର ଚାହାଁନ୍ତି ।


କପର୍ନାହୂମରୁ ଯୀଶୁ ଦକ୍ଷିଣକୁ ଯାଇ ଯିହୁଦାରେ ପ୍ରଚାର କରିବା ଉଦ୍ଦେଶ୍ୟରେ ଯିରୂଶାଲମରେ ପହଞ୍ଚିଲେ । ସେହି ସମୟରେ ଗୋଟିଏ ବଡ଼ ପର୍ବ ପାଳିତ ହେଉଥିଲା । ତାଙ୍କ ଶିକ୍ଷା ଶୁଣି ଲୋକମାନେ ଆଶ୍ଚର୍ଯ୍ୟ ହେଲେ ।
ଯୀଶୁ କ'ଣ ମସିହ ଅଟନ୍ତି ?
ମୁଁ ଦେଖୁଛି ସେ ଏପରି କାର୍ଯ୍ୟ କରୁଛନ୍ତି ଯାହା କୌଣସି ମନୁଷ୍ୟ ଏହା ପୂର୍ବରୁ ସେପରି କରି ନାହିଁ ।



ଯେତେବେଳେ ପ୍ରଧାନଯାଜକ ଓ ଫାରୂଶୀମାନେ ଲୋକମାନଙ୍କର କଥା ଶୁଣିଲେ, ସେତେବେଳେ ସେମାନେ ଯୀଶୁଙ୍କ ବିରୁଦ୍ଧରେ ସୈନ୍ୟ ପ୍ରେରଣ କଲେ ।
ଯଦି ଆମେ ତାଙ୍କଠାରୁ ମୁକ୍ତି ନ ପାଇବା, ତେବେ ଲୋକମାନେ ତାଙ୍କୁ ମସିହ ଭାବରେ ଗ୍ରହଣ କରି ନେବେ ।
ମୁଁ ତାଙ୍କୁ ବନ୍ଦ କରିବି । ମନ୍ଦିର ରକ୍ଷୀମାନଙ୍କୁ ଡାକ ।
ଯୀଶୁଙ୍କୁ ବନ୍ଦୀ କର ! କିନ୍ତୁ ଏହା ଏପରି ସମୟରେ କର, ଯେତେବେଳେ ବେଶୀ ଅସୁବିଧା ହେବ ନାହିଁ ।
ଭୋଜର ଶେଷ ଦିନ ରକ୍ଷୀମାନେ ଯାଜକ ଓ ଫାରୁଶୀମାନଙ୍କ ନିକଟକୁ ଫେରି ଆସିଲେ ।
ଯୀଶୁ କାହାଁନ୍ତି ?
ଆମେ କୌଣସି ଲୋକଙ୍କୁ କେବେ ଏହାଙ୍କ ପରି କଥା କହୁଥିବା ଶୁଣି ନାହୁଁ । ଆମେ ତାଙ୍କୁ ବନ୍ଦୀ କରି ପାରିଲୁ ନାହିଁ ।
ମହାଯାଜକ ଓ ଫାରୁଶୀମାନେ କ୍ରୋଧରେ ଜର୍ଜ୍ଜରିତ ହେଲେ... ମାତ୍ର ନିସ୍ତାର ପର୍ବ ପାଳନ ପାଇଁ ଜନ ସମାଗମ ସମୟରେ ଏହି ପ୍ରସଙ୍ଗ ଉତ୍ଥାପନ କରିବାକୁ ଡରିଲେ । କିନ୍ତୁ ପରଦିନ...
ପ୍ରଚାର କରିବା ନିମନ୍ତେ ଯୀଶୁ ମନ୍ଦିରକୁ ଫେରି ଆସିଲେ । ଉପଦେଶ ଦେବା ସମୟରେ ସେ କେବଳ ଯାଜକ ଓ ଫାରୁଶୀମାନଙ୍କର ପାପ ଦର୍ଶାଇଲେ ନାହିଁ, ମାତ୍ର ଘୋଷଣା କଲେ ଯେ ସେ ସେମାନଙ୍କ ପିତୃପୁରୁଷ, ଅବ୍ରାହାମଙ୍କ ସମୟ ପୂର୍ବରୁ ସେ ଈଶ୍ୱରଙ୍କ ସହିତ ଥିଲେ ।
ସେ କେତେ ସାହସରେ ଈଶ୍ୱରଙ୍କ ସହିତ ଏପରି ସଂପର୍କ ଦାବୀ କରୁଛି !
ତାକୁ ପଥର ମାର ! ପଥର ମାର !

# ଯିରୁଶାଲମର ଗୋଟିଏ ଭିକ୍ଷୁକର ଈଶ୍ୱରଙ୍କ ପୁତ୍ରଙ୍କୁ ସାକ୍ଷାତ୍

ଯୋହନ ୯ : ୧-୧୦; ୨୧; ଲୂକ ୧୦ : ୨୫ ରୁ ଉଦ୍ଧୃତ





କିନ୍ତୁ ମୁଁ ସେହି ଅନ୍ଧ ଅଟେ । ଯୀଶୁ ମୋତେ ମୋର ଦୃଷ୍ଟି ଶକ୍ତି ଦେଇଛନ୍ତି ।
ପ୍ରତିବେଶୀମାନେ ଚିନ୍ତିତ ହେଲେ, କାରଣ ଲୋକଟି ବିଶ୍ରାମବାରରେ ସୁସ୍ଥ ହୋଇଥିଲା । ସେମାନେ ତାକୁ ଫାରୁଶୀମାନଙ୍କ ନିକଟକୁ ନେଇଗଲେ; କାରଣ ବିଶ୍ରାମବାରରେ କ'ଣ କରିବାକୁ ହୁଏ, ତାହା ଫାରୁଶୀମାନେ ବ୍ୟାଖ୍ୟା କରୁଥିଲେ ।
ଯେଉଁ ଯୀଶୁଙ୍କ ବିଷୟରେ ତୁମେ କହୁଛ, ସେ ଜଣେ ପାପୀ । ସେ ବିଶ୍ରାମବାରର ନିୟମ ପାଳନ କରନ୍ତି ନାହିଁ ।
ସେ ଜଣେ ପାପୀ କିମ୍ବା ନିଷ୍ପାପ, ତାହା ମୁଁ ଜାଣେ ନାହିଁ । କିନ୍ତୁ ମୁଁ ଏତିକି ଜାଣେ, ମୁଁ ଅନ୍ଧଥିଲି, ବର୍ତ୍ତମାନ ଦେଖିପାରୁଛି ।
ଫାରୁଶୀମାନେ ଲୋକଟିକୁ ଯୀଶୁଙ୍କ ବିରୁଦ୍ଧରେ ଯିବା ପାଇଁ ପ୍ରବର୍ତ୍ତାଇଲେ, କିନ୍ତୁ ସେମାନେ ପାରିଲେ ନାହିଁ । ସେଥିପାଇଁ ସେମାନେ ତାକୁ ସମାଜଗୃହରୁ ବାହାର କରି ଦେଲେ । ଯୀଶୁ ଏହା ଶୁଣି ଲୋକଟିର ଅନୁସନ୍ଧାନ କଲେ । ଯେତେବେଳେ ସେ ତାର ଦେଖା ପାଇଲେ, ସେତେବେଳେ ଫାରୁଶୀମାନେ ସେଠାରେ ଏକତ୍ରିତ ହେଲେ ।
ତୁମେ କ'ଣ ଈଶ୍ୱରଙ୍କ ପୁତ୍ରଙ୍କୁ ବିଶ୍ୱାସ କରୁଅଛ ?
ସେ କିଏ...ଯେପରି ମୁଁ ତାହାଙ୍କଠାରେ ବିଶ୍ୱାସ କରିପାରେ ?
ତୁମେ ଯାହା ସହିତ କଥା କହୁଛ, ମୁଁ ସେହି ।
ପ୍ରଭୋ, ମୁଁ ବିଶ୍ୱାସ କରୁଛି !


ମୁଁ ଉତ୍ତମ ମେଷପାଳକ; ଉତ୍ତମ ମେଷପାଳକ ନିଜ ମେଷଗୁଡ଼ିକ ନିମନ୍ତେ ନିଜର ପ୍ରାଣ ଦିଏ । କେହି ମୋଠାରୁ ମୋ ଜୀବନ ନେଇ ପାରେ ନାହିଁ; କିନ୍ତୁ ମୁଁ ଏହା ଆପେ ଦିଏ । ଏହା ଦେବାକୁ ଓ ପୁନର୍ବାର ଗ୍ରହଣ କରିବାକୁ ମୋର କ୍ଷମତା ଅଛି । କାରଣ ଏହି କ୍ଷମତା ମୁଁ ମୋର ପିତା ଈଶ୍ୱରଙ୍କଠାରୁ ପାଇଅଛି ।
ଏହି ଲୋକ ପାଗଳ ଓ ଗୋଟିଏ ଭୂତ ଏହାକୁ ଧରିଛି । ତା'ର କଥା କାହିଁକି ଶୁଣୁଛ ?
କିନ୍ତୁ ଗୋଟିଏ ମନ୍ଦ ଆତ୍ମା କ'ଣ ଜଣେ ବ୍ୟକ୍ତିର ଚକ୍ଷୁ ଫିଟାଇ ପାରିବ ?
ଫାରୁଶୀ ଏବଂ ଯାଜକମାନେ ଯୁକ୍ତିତର୍କ କରିବାକୁ ଲାଗିଲେ । କେତେକ ଭାବିଲେ ଯେ ଯୀଶୁ ଶୟତାନ ଦ୍ୱାରା ଚାଳିତ ହୋଇ କାର୍ଯ୍ୟ କରୁଛନ୍ତି । ଅନ୍ୟମାନେ ଏହା ଅସ୍ୱୀକାର କଲେ ସୁଦ୍ଧା ସେ ଯେ ଈଶ୍ୱରଙ୍କ ପୁତ୍ର ଏହା ବିଶ୍ୱାସ କଲେ ନାହିଁ । କିଛି ଦିନ ପରେ ଯୀଶୁ ଏବଂ ତାଙ୍କର ଶିଷ୍ୟମାନେ ଯିହୁଦା ମଧ୍ୟ ଦେଇ ଏକ ଯାତ୍ରାରେ ଯିବା ପାଇଁ ଯିରୂଶାଲମ ପରିତ୍ୟାଗ କଲେ ।
ଯୀଶୁ ଗୋଟିଏ ସହରରେ ପ୍ରଚାର କରୁଥିବା ସମୟରେ ଲୋକମାନଙ୍କ ମଧ୍ୟରେ ଥିବା ଜଣେ ବ୍ୟବସ୍ଥା ଶାସ୍ତ୍ରଜ୍ଞ ତାଙ୍କୁ ପରୀକ୍ଷା କରିବାକୁ ସୁଯୋଗ ଖୋଜୁଥିଲେ ।
ମୁଁ ନିଜେ ଦେଖିବି ଯେ ଏହି ଯୁବ ଶିକ୍ଷକ କିପରି ଗୋଟିଏ ଜଟିଳ ପ୍ରଶ୍ନର ଉତ୍ତର ଦେଉଛି ।

# ଯିରୀହୋ ନଗରୀକୁ ଚାରିଜଣ ଯାତ୍ରୀ

ଲୂକ ୧୦ : ୨୫-୩୯ ରୁ ଉଦ୍ଧୃତ









ଯୀଶୁ ଗୋଟିଏ କାହାଣୀ ଦ୍ୱାରା ଏହାର ଉତ୍ତର ଦେଲେ; ଫଳରେ ବ୍ୟବସ୍ଥାଶାସ୍ତ୍ରଙ୍କୁ ପୁନର୍ବାର ନିଜ ପ୍ରଶ୍ନର ଉତ୍ତର ନିଜେ ଦେବାକୁ ହେଲା :




ଦୈବାତ୍, ଜଣେ ଯାଜକ ସେହି ବାଟ ଦେଇ ଯାଉଥିଲେ... ସେ ସେହି ଆହତ ଲୋକଟିକୁ ଦେଖିଲେ, ମାତ୍ର ଶୀଘ୍ର ଅତିକ୍ରମ କରି ଚାଲିଗଲେ ।








କାହାଣୀ ସମାପ୍ତ କରି ଯୀଶୁ ପ୍ରଶ୍ନ କଲେ : ଏହି ତିନିଜଣଙ୍କ ମଧ୍ୟରୁ କିଏ ସେହି ଆହତ ବ୍ୟକ୍ତିର ପ୍ରକୃତ ପ୍ରତିବାସୀ ?




ଡାଙ୍କ ପ୍ରଶ୍ନର ଉତ୍ତର ଯୀଶୁ କିପରି କୌଶଳର ସହିତ ପ୍ରଦାନ କରିଥିଲେ, ତାହା ଭାବି ଆଶ୍ଚର୍ଯ୍ୟ ହେଉ ହେଉ ସେ ଚାଲିଗଲେ ।




ଯୀଶୁ ନିଜର ପ୍ରଚାର ଯାତ୍ରା ଅବ୍ୟାହତ ରଖିଲେ । ବେଥନିୟାରେ ସେ ନିଜର ବନ୍ଧୁ ମରିୟମ, ମାର୍ଥା ଓ ଲାଜାରଙ୍କୁ ଭେଟିବା ପାଇଁ ରହିଗଲେ । ମରିୟମ ସବୁକାର୍ଯ୍ୟ ଛାଡ଼ି ଯୀଶୁଙ୍କ କଥା ଶୁଣିବାରେ ଲାଗିଲେ...



# ପ୍ରଭୁଙ୍କ ପ୍ରାର୍ଥନା

ଲୂକ ୧୦ : ୪୦-୧୧:୨; ମାଥିଉ ୬ : ୯-୧୩;
ଯୋହନ ୧୦ : ୨୨-୪୦; ଲୂକ ୧୫ : ୧-୧୯ ରୁ ଉଦ୍ଧୃତ

ଯେତେବେଳେ ଯୀଶୁ ମରିୟମ, ମାର୍ଥା ଓ ଲାଜାରଙ୍କ ଗୃହକୁ ଭ୍ରମଣରେ ଗଲେ, ସେତେବେଳେ ମରିୟମ ସବୁ କାର୍ଯ୍ୟ ଛାଡ଼ି ଯୀଶୁଙ୍କ କଥା ଶୁଣିବାରେ ଲାଗିଲେ । କିନ୍ତୁ ମାର୍ଥା କିଛି ଖାଦ୍ୟ ପ୍ରସ୍ତୁତ କରିବାକୁ ରନ୍ଧନଶାଳାକୁ ଗଲେ । କାର୍ଯ୍ୟ କରୁଥିବା ସମୟରେ ସେ ବିଚଳିତ ହେଲେ, କାରଣ ମରିୟମ ତାଙ୍କୁ ସାହାଯ୍ୟ କରୁ ନ ଥିଲେ । ଶେଷରେ ସେ ଯୀଶୁଙ୍କ ନିକଟରେ ଅଭିଯୋଗ କଲେ ।







ଯାତ୍ରା ସମୟରେ ଯୀଶୁ ପ୍ରାର୍ଥନା କରିବା ନିମନ୍ତେ ପ୍ରାୟ ଅଟକି ଯାଉଥିଲେ । ତାଙ୍କ ଶିଷ୍ୟମାନେ ଯୀଶୁଙ୍କ ଜୀବନରେ ପ୍ରାର୍ଥନାର ଶକ୍ତି ଦେଖିଥିଲେ ଏବଂ ଦିନେ ଜଣେ ଶିଷ୍ୟ ଏ ବିଷୟରେ ତାଙ୍କ ସହିତ କଥାବାର୍ତ୍ତା କଲେ ।
ଆମକୁ ପ୍ରାର୍ଥନା କରିବାକୁ ଶିଖାନ୍ତୁ !


ଯୀଶୁ ଉତ୍ତର ଦେଲେ : ପ୍ରାର୍ଥନା କରିବା ସମୟରେ କୁହ—
ହେ ଆମ୍ଭମାନଙ୍କର ସ୍ୱର୍ଗସ୍ଥ ପିତା; ତୁମ୍ଭ ନାମ ପବିତ୍ର ବୋଲି ମାନ୍ୟ ହେଉ । ତୁମ୍ଭ ରାଜ୍ୟ ଆସୁ । ଯେପରି ସ୍ୱର୍ଗରେ, ସେହିପରି ପୃଥିବୀରେ ତୁମ୍ଭ ଇଚ୍ଛା ସଫଳ ହେଉ । ଆଜି ଆମ୍ଭମାନଙ୍କୁ ପ୍ରୟୋଜନୀୟ ଆହାର ଦିଅ । ଆମ୍ଭେମାନେ ଯେପରି ନିଜ ନିଜ ଅପରାଧୀମାନଙ୍କୁ କ୍ଷମା କରିଅଛୁ, ସେହିପରି ଆମ୍ଭମାନଙ୍କର ଅପରାଧସବୁ କ୍ଷମା କର । ପରୀକ୍ଷାରେ ଆମ୍ଭମାନଙ୍କୁ ଆଣ ନାହିଁ, ମାତ୍ର ସମସ୍ତ ମନ୍ଦରୁ ରକ୍ଷା କର । ଯେଣୁ ରାଜ୍ୟ, ପରାକ୍ରମ ଓ ଗୌରବ ଯୁଗେ ଯୁଗେ ତୁମ୍ଭର ହେଉ, ଆମେନ୍ ।
କିଛି କ୍ଷଣ ନିମନ୍ତେ କେହି କିଛି କହିପାରିଲେ ନାହିଁ । ଏହାପରେ ସେହି ସରଳ ପ୍ରାର୍ଥନା ପାଇଁ ଶିଷ୍ୟମାନେ ଧୀରେ 'ଆମେନ୍' କହିଲେ । ଏହା ଈଶ୍ୱରଙ୍କ ପ୍ରତି ସେମାନଙ୍କର ଭବିଷ୍ୟତ୍ ପ୍ରାର୍ଥନା ନିମନ୍ତେ ଏକ ଆଦର୍ଶ ସ୍ୱରୂପ ହେଲା । ଏହାପରେ, ଯୀଶୁ ଏବଂ ତାଙ୍କର ଶିଷ୍ୟମାନେ ଯିହୁଦାରେ ପ୍ରଚାର ଓ ସୁସ୍ଥତାର କାର୍ଯ୍ୟ ଅବ୍ୟାହତ ରଖିଲେ । ଯୀଶୁ ଯିରୂଶାଲମକୁ ଫେରିବା ସମୟରେ ସହରଟି ଗୋଟିଏ ପର୍ବ ନିମନ୍ତେ ଲୋକାରଣ୍ୟ ହୋଇଥିଲା । ସେମାନେ ଯୀଶୁଙ୍କ ବିଷୟରେ କଥାବାର୍ତ୍ତା କରି ଚକିତ ହେଉଥିଲେ ।


ଯୀଶୁ ମନ୍ଦିରସ୍ଥିତ ଶଲୋମନଙ୍କ ମଣ୍ଡପ ଉପରେ ଭ୍ରମଣ କରୁଥିବା ସମୟରେ ଲୋକମାନେ ତାଙ୍କୁ ଘେରିଗଲେ ।
ତୁମେ କେତେ କାଳ ଆମକୁ ଅପେକ୍ଷାରେ ରଖିବ ? ଯଦି ତୁମେ ମସିହ, ତେବେ ତାହା ଆମକୁ ଜଣାଅ ।
ମୁ ତୁମ୍ଭମାନଙ୍କୁ କହିଛି, ମାତ୍ର ତୁମ୍ଭେମାନେ ବିଶ୍ବାସ କରିନାହିଁ । ମୋ ପିତାଙ୍କ ନାମରେ ମୁଁ ଯେଉଁସବୁ କାର୍ଯ୍ୟ କରିଛି ସେଗୁଡ଼ିକ ତୁମ୍ଭମାନଙ୍କ ନିମନ୍ତେ ପ୍ରମାଣ ଅଟେ ।
ସେ ଈଶ୍ବରଙ୍କୁ ନିଜ ପିତା ବୋଲି କହୁଥିବାର ତୁମ୍ଭେମାନେ ଶୁଣିଲ କି ?
ତାକୁ ପଥର ଫୋପାଡ଼ !
ଯୀଶୁ ବୁଲିପଡ଼ି ଧୀରେ ଚାଲିଗଲେ । ଆଉ... ଆଶ୍ଚର୍ଯ୍ୟର ବିଷୟ ଯେ କେହି ତାଙ୍କୁ ଅଟକାଇ ପାରିଲେ ନାହିଁ ।
ଯୀଶୁ ଯିରୁଶାଲମରୁ ଫିରିଆକୁ ଯାତ୍ରା କଲେ । ସେଠାରେ ସେ ପ୍ରଚାର ଓ ସୁସ୍ଥତାର କାର୍ଯ୍ୟ ଅବ୍ୟାହତ ରଖିଲେ । ଫାରୂଶୀମାନେ ପୁନର୍ବାର ଅଭିଯୋଗ କଲେ, କାରଣ ସେ ପାପୀମାନଙ୍କ ସହିତ ମିଶୁଥିଲେ । ଯୀଶୁ ସେମାନଙ୍କୁ ଗୋଟିଏ କାହାଣୀ କହିଲେ ।
ଜଣେ ବ୍ୟକ୍ତିର ଦୁଇଟି ପୁତ୍ର ଥିଲେ । ଦିନେ ସାନ ପୁଅ ତାଙ୍କ ନିକଟକୁ ଆସିଲା..
ବାପା, ମୁଁ ମୋ ନିଜ ଇଚ୍ଛାରେ ଜୀବନ କାଟିବାକୁ ଚାହେଁ । ଦୟାକରି ଆପଣଙ୍କ ସଂପତ୍ତିରୁ ମୋ ଭାଗ ମୋତେ ଦେଇ ଦିଅନ୍ତୁ ।
ମୁଁ ଭାବିଥିଲି ତୁ ଘରେ ରହି ଏଠିକାର କାର୍ଯ୍ୟରେ ମୋତେ ସାହାଯ୍ୟ କରିବୁ ।...କିନ୍ତୁ ଯଦି ତୁ ଅର୍ଥ ଚାହୁଁଛୁ, ତେବେ ତାହା ନେଇପାରୁ ।
ଯୁବକଟି ଅନ୍ୟ ସହରକୁ ଚାଲି ଗଲା । ସେଠାରେ ସେ ଦୁଷ୍ଟ ସାଥୀମାନଙ୍କ ସହିତ ଭୋଜନ ପାନରେ ସବୁ ଅର୍ଥ ବ୍ୟୟ କରିଦେଲା । ଶେଷରେ ତା'ର ସର୍ବସ୍ୱ ଚାଲିଗଲା । ଆଉ କେବଳ ଜଣେ କୃଷକର ଘୁଷୁରୀ ଚରାଇବା ବ୍ୟତୀତ ଅନ୍ୟ କୌଣସି କାର୍ଯ୍ୟ ତାକୁ ମିଳିଲା ନାହିଁ ।
ମୋର ପିତାଙ୍କର ଚାକରମାନେ ଏହାଠାରୁ ଅଧିକ ଉତ୍ତମ ଜୀବନ କାଟୁଛନ୍ତି । ମୁଁ ଗୃହକୁ ଯାଇ ତାଙ୍କ ନିମନ୍ତେ କାର୍ଯ୍ୟ କରିବା ପାଇଁ ପିତାଙ୍କୁ ଅନୁମତି ମାଗିବି । ମୁଁ ପୁତ୍ର ଭାବରେ ନୁହେଁ... ଚାକର ଭାବରେ ତାଙ୍କର କାର୍ଯ୍ୟକରିବି ।

# ଅପବ୍ୟୟୀପୁତ୍ରର ପ୍ରତ୍ୟାବର୍ତ୍ତନ

ଲୂକ ୧୫ : ୨୦-୩୨; ଯୋହନ ୧୧ : ୧-୮ ରୁ ଉଦ୍ଧୃତ

ଯୀଶୁ ପାପୀମାନଙ୍କ ସହିତ ମିଶୁଥିବାରୁ ଫାରୂଶୀମାନେ ଅଭିଯୋଗ କଲେ । ସେଥିପାଇଁ ଯୀଶୁ ଜଣେ ଗୃହତ୍ୟାଗୀ ପୁତ୍ର ବିଷୟରେ ଗୋଟିଏ କାହାଣୀ କହିଲେ । ଯୁବକଟି ମୂର୍ଖଭାବରେ ସବୁ ଅର୍ଥ ବ୍ୟୟ କରି ଦେଇ ଶେଷରେ ଗୋଟିଏ କୃଷକର ଘୁଷୁରୀ ଚରାଇବା କାର୍ଯ୍ୟ କଲା । ଏପରି ଦୁଃସମୟରେ ସେ ନିଜ ଗୃହକୁ ଫେରିଯାଇ ପୁତ୍ରଭାବରେ ନୁହେଁ, ମାତ୍ର ଚାକର ଭାବରେ ପିତାଙ୍କ ନିମନ୍ତେ କାର୍ଯ୍ୟ କରିବାକୁ ନିଷ୍ପତ୍ତି ନେଲା । ଯେତେବେଳେ ସେ ଗୃହରେ ପହଞ୍ଚିଲା, ତାର ପିତା ତାକୁ ସାକ୍ଷାତ୍ କରିବାକୁ ଦୌଡ଼ିଗଲେ ।




ମୋର ପୁଅ ପାଇଁ ଗୃହର ସବୁଠାରୁ ଭଲ ପୋଷାକ ଆଣ । ଆଉ ଗୋଟିଏ ଭୋଜି ପ୍ରସ୍ତୁତ କର, କାରଣ ମୋ ପୁଅ ହଜି ଯାଇଥିଲା, ଆଉ ମିଳିଲା ।
ରାତ୍ରି ପୂର୍ବରୁ କାର୍ଯ୍ୟ ଶେଷ କରିବା ନିମନ୍ତେ ବଡ଼ପୁଅ କ୍ଷେତରେ ଥିଲା ।
ଯଦି ମୋ ସାନଭାଇ ଏଠାରେ ମୋତେ ସାହାଯ୍ୟ କରିବାକୁ ଥା'ନ୍ତା, ତେବେ ମୋତେ ଏତେ ପରିଶ୍ରମ କରିବାକୁ ପଡ଼ନ୍ତା ନାହିଁ ।
ଦିନର କାର୍ଯ୍ୟ ସମାପ୍ତି ପରେ, ସେ ଗୃହକୁ ଗଲା ।, ଦୂରରୁ ସେ ସଂଗୀତର ସ୍ୱର ଶୁଣିଲା...
କ'ଣ ଚାଲିଛି ?
ତୁମ ଭାଇ ଫେରି ଆସିଛି, ଆଉ ତୁମ ବାପା, ତା'ନିମନ୍ତେ ଗୋଟିଏ ଭୋଜି ଦେଉଛନ୍ତି ।
କ୍ରୋଧରେ ବଡ଼ପୁଅ ଗୃହ ଭିତରକୁ ଯିବାକୁ ରାଜି ହେଲା ନାହିଁ । ସଙ୍ଗେ ସଙ୍ଗେ ପିତା ବାହାରି ଆସିଲେ ।
ମୁଁ ଗୃହରେ ରହି ଆପଣଙ୍କୁ ସାହାଯ୍ୟ କରୁଥିଲେ ସୁଦ୍ଧା ଆପଣ ମୋ ପାଇଁ କେବେହେଲେ ଗୋଟିଏ ଭୋଜି ପ୍ରସ୍ତୁତ କରିନାହାନ୍ତି । ମାତ୍ର ମୋର ଭାଇ...
ପୁଅରେ, ମୋର ଯାହା ଅଛି, ସେହିସବୁ ତୋର ଅଟେ । କିନ୍ତୁ ତୋ ଭାଇର ପ୍ରତ୍ୟାବର୍ତ୍ତନ ନିମନ୍ତେ ଆନନ୍ଦ କରିବା ଆମ ପାଇଁ ଯଥାର୍ଥ ଅଟେ । ସେ ମୃତ ହୋଇଥିଲା, ବର୍ତ୍ତମାନ ଜୀବିତ ଅଟେ ।


ଯୀଶୁ କାହାଣୀଟିକୁ ସମାପ୍ତ କରିବାପରେ ଲୋକମାନେ ଆଶ୍ଚର୍ଯ୍ୟରେ ଏକକୁ ଆରେକ ଦେଖିଲେ ।
ସେ କ'ଣ କହିବାକୁ ଚାହୁଁଛନ୍ତି ଈଶ୍ୱର ସେହି ପିତା ସଦୃଶ ଅଟନ୍ତି ।
ହଁ... ମୁଁ ଏହା ଦେଖୁଛି । ଯଦି ଆମ ଭଳି ପାପୀ ତାଙ୍କ ନିକଟକୁ ଫେରିଯିବା, ତେବେ ଈଶ୍ୱର ଆମକୁ କ୍ଷମା କରିବେ ।
ଲୋକମାନଙ୍କର ପ୍ରତିକ୍ରିୟା ଦେଖି ଫାରୁଶୀମାନେ କ୍ରୋଧରେ ଚାଲିଗଲେ । ଯୀଶୁ ଶିକ୍ଷା ଦେବାରେ ଲାଗିଲେ, ମାତ୍ର ଶୀଘ୍ର ଗୋଟିଏ ପ୍ରତିବନ୍ଧକ ଦେଖାଦେଲା ।
ଯୀଶୁ ! ମାର୍ଥା ଓ ମରିୟମ ମୋତେ ଏହି ବାର୍ତ୍ତା ଦେବା ପାଇଁ ପ୍ରେରଣ କରିଛନ୍ତି ଯେ ସେମାନଙ୍କ ଭାଇ, ଲାଜାର ଅସୁସ୍ଥ ଅଛନ୍ତି । ବେଥନିୟାକୁ ଆସିବା ପାଇଁ ସେମାନେ ଆପଣଙ୍କୁ ଅନୁରୋଧ ଜଣାଇଛନ୍ତି ।
ବେଥନିୟା ? ଯିରୂଶାଲମରେ ଥିବା ତାଙ୍କର ଶତ୍ରୁମାନଙ୍କର ଅତି ନିକଟବର୍ତ୍ତୀ ସ୍ଥାନ । ସେମାନେ ତାଙ୍କ ହତ୍ୟା କରିବେ ।

6

# କବର ମଧ୍ୟକୁ ଆହ୍ୱାନ

ଯୋହନ ୧୧ : ୩୮-୫୪; ଲୂକ ୧୮ ; ୧୫-୨୩; ୧୯ : ୧-୩ ରୁ ଉଦ୍ଧୃତ

ଯୀଶୁ ଓ ତାଙ୍କର ଶିଷ୍ୟମାନେ ବେଥନିୟାରେ ପହଞ୍ଚିବା ବେଳକୁ ମାର୍ଥା ଓ ମରିୟମଙ୍କ ଭାଇ ଲାଜାର ଚାରିଦିନ ହେଲାଣି ମୃତ୍ୟୁବରଣ କରିଥିଲେ । କବର ନିକଟରେ ଠିଆ ହୋଇ ଯୀଶୁ ପଥର ଗଡ଼ାଇ ଦେବାକୁ କହିଲେ । ଏହାପରେ ସେ ବଡ଼ ପାଟିରେ ଈଶ୍ୱରଙ୍କୁ ପ୍ରାର୍ଥନା କଲେ ଏବଂ ଦୃଢ଼ ସ୍ୱରରେ ଡାକିଲେ...



ି ଲାକମାନଙ୍କୁ ଆଶ୍ଚର୍ଯ୍ୟ କରି ଲାଜାର ବାହାରି
ସିଲେ ।




ମୃତ୍ୟୁରୁ ଜଣେ ଲୋକ ଉଠିଲା ! ଲୋକମାନେ ଯାହା ଦେଖିଲେ, ତାହା ବିଶ୍ୱାସ କରିପାରିଲେ ନାହିଁ । ଅନେକେ ଯୀଶୁଙ୍କୁ କହିଲେ, ''ମସିହ ! ଈଶ୍ୱରଙ୍କ ପୁତ୍ର ! କିନ୍ତୁ ଆଉ କେତେକ ଯୀଶୁ ଯାହା କରିଥିଲେ ତାହା ଫାରୁଶୀମାନଙ୍କୁ ଜଣାଇବା ପାଇଁ ଯିରୁଶାଲମ ଯାତ୍ରା କଲେ ।






ତୁମ୍ଭେମାନେ କ'ଣ ଜାଣୁ ନାହଁ ? ସମଗ୍ର ଦେଶକୁ ବିପଦରେ ପକାଇବା ଅପେକ୍ଷା ବରଂ ଯୀଶୁଙ୍କୁ ହତ୍ୟା କରିବା ଶ୍ରେୟସ୍କର ।
କେୟଫା ଜଣେ କୁଟିଳ ବ୍ୟକ୍ତି । ଯୀଶୁଙ୍କୁ ହତ୍ୟା କରିବା ନିମନ୍ତେ ତାଙ୍କୁ ଗୋଟିଏ କାରଣ ମିଳିଛି...ଆଉ ସେ ଗୋଟିଏ ଉପାୟ ମଧ୍ୟ ବାହାର କରିବେ ।
ଯେତେବେଳେ ଯୀଶୁ ତାଙ୍କ ବିରୁଦ୍ଧରେ କରାଯାଉଥିବା ଏହି ନୂଆ ଷଡଯନ୍ତ୍ର ବିଷୟରେ ଜାଣିଲେ, ସେତେବେଳେ ସେ ଗୋଟିଏ ନିର୍ଜନ ସ୍ଥାନକୁ ଯାଇ ଶତ୍ରୁମାନଙ୍କର ସମ୍ମୁଖୀନ ହେବାର ସମୟ ନ ଆସିବା ଯାଏ ସେଠାରେ ରହିଲେ ।
ନିସ୍ତାରପର୍ବ ସମୟ ନିକଟବର୍ତ୍ତୀ ହେବାରୁ ପାଲେଷ୍ଟାଇନର ସମଗ୍ର ଜନତା ଯିରୁଶାଲମ ଅଭିମୁଖେ ଯାତ୍ରା କଲେ... ଆଉ ଯୀଶୁ ସେମାନଙ୍କ ସହିତ ଯୋଗ ଦେଲେ ।
ପଥ ମଧ୍ୟରେ ଲୋକମାନେ ଯୀଶୁଙ୍କୁ ଦେଖିବାକୁ ଓ ତାଙ୍କ କଥା ଶୁଣିବାକୁ ଚେଷ୍ଟା କଲେ ।
ନା'..ନା' ପିଲାମାନଙ୍କୁ ଆଣ ନାହିଁ । ଯୀଶୁ ବ୍ୟସ୍ତ ଅଛନ୍ତି ।
କିନ୍ତୁ, ମୁଁ ଚାହେଁ ଯୀଶୁ ମୋର ଛୋଟ ପୁଅଟିକୁ ଆଶୀର୍ବାଦ କରନ୍ତୁ ।
ଛୋଟ ପିଲାମାନଙ୍କୁ ମୋ ନିକଟକୁ ଆସିବାକୁ ଦିଅ... କାରଣ ସ୍ୱର୍ଗରାଜ୍ୟ ଏମାନଙ୍କ ସଦୃଶ ପ୍ରେମ ଓ ବିଶ୍ୱାସ ରଖୁଥିବା ବ୍ୟକ୍ତିମାନଙ୍କୁ ନେଇ ଗଠିତ ।



ପଥ ମଧ୍ୟରେ ଯାଉ ଯାଉ ଜଣେ ଯୁବକ ଯୀଶୁଙ୍କୁ ସାକ୍ଷାତ୍ କଲେ ।
ଗୁରୁ, ଅନନ୍ତ ଜୀବନ ପାଇବା ପାଇଁ ମୁଁ କ'ଣ କରିବି ?
ଈଶ୍ୱରଙ୍କ ଆଜ୍ଞା ସବୁ ପାଳନ କର ।
କିନ୍ତୁ ବାଲ୍ୟକାଳରୁ ମୁଁ ଆଜ୍ଞା ପାଳନ କରି ଆସିଛି ।
ତୁମେ ଆଉ ଗୋଟିଏ ବିଷୟ କରିବା ଆବଶ୍ୟକ । ତୁମର ସମସ୍ତ ସଂପତ୍ତି ବିକ୍ରୟ କରି ଦରିଦ୍ରମାନଙ୍କୁ ଦାନ କର ଓ ଏହା ପରେ ମୋର ଅନୁସରଣ କର ।
କିନ୍ତୁ ଯୁବକଟି ନିଜ ସଂପତ୍ତି ବିଷୟରେ ଅଧିକ ଚିନ୍ତିତ ଥିଲା... ସେ ଧୀରେ ଧୀରେ ପଛକୁ ଫେରି ଚାଲିଗଲା ।
ଯାତ୍ରୀମାନେ ଯିରୂଶାଲମ ଅଭିମୁଖେ ଯାତ୍ରା କରୁଥିଲେ । ସେମାନେ ଯିରୀହୋରେ ପହଞ୍ଚିବା ସମୟରେ ଯୀଶୁ ଦଳେ ଆନନ୍ଦିତ ଜନତାର ମଧ୍ୟସ୍ଥଳରେ ଥିଲେ ।
ମୋତେ ଟିକେ ଯିବାକୁ ଦିଅ !
ହେଃ...ଜକ୍ଷିୟ, ନିଷ୍ଠୁର ବାଙ୍ଗରା କରଗ୍ରାହୀ ଯୀଶୁଙ୍କୁ ଦେଖିବାକୁ ଚାହୁଁଛି ।
ମୋତେ ଯୀଶୁଙ୍କୁ ଦେଖିବାକୁ ହେବ...ଆଉ ମୁଁ ତାଙ୍କୁ ଦେଖିବି !

# ଗଛରେ ଚଢ଼ିଥିବା ବ୍ୟକ୍ତି

ଲୂକ ୧୯:୪-୧୦; ଯୋହନ ୧୨ : ୧-୮; ଲୂକ ୧୯ : ୨୯-୩୫

ଧନୀ କରଗ୍ରାହୀ ଜଖିୟ ଏତେ ବାଙ୍ଗରା ଥିଲେ ଯେ
ସେ ଲୋକମାନଙ୍କ ଉପର ଦେଇ ଯୀଶୁଙ୍କୁ ଦେଖିପାରି ନ ଥିଲେ ।
ପାଗଳ ପରି ସେ ଲୋକମାନଙ୍କର ଆଗକୁ ଦୌଡ଼ିଲେ ଏବଂ ଗୋଟିଏ
ଗଛରେ ଚଢ଼ି ଯୀଶୁଙ୍କୁ ଅପେକ୍ଷା କଲେ ।
ଯୀଶୁ ତାଙ୍କୁ ଦେଖିବା କ୍ଷଣି ରହିଗଲେ ।






ଜକ୍ଷିୟ ମଧ୍ଯ ଆଶ୍ଚର୍ଯ୍ୟ ହେଲେ, କିନ୍ତୁ ସେ ଶୀଘ୍ର ବୁଝି ପାରିଲେ ଯେ ଯୀଶୁଙ୍କ ଉପସ୍ଥିତି ସେ କରିଥିବା ସମସ୍ତ ଭୁଲ କାର୍ଯ୍ୟ ନିମନ୍ତେ ଲଜ୍ଜା ଅନୁଭବ କରୁଛନ୍ତି । ସେ କ୍ଷମା ପାଇବା ପରେ ଗୋଟିଏ ନୂଆ ଜୀବନ ଆରମ୍ଭ କରିବାକୁ ଚାହୁଁଥିଲେ ।




ନିସ୍ତାର ପର୍ବର ବଡ଼ ଭୋଜ ନିମନ୍ତେ ଲୋକମାନେ ଯିରୀହୋରୁ ଯିରୁଶାଲମ ଅଭିମୁଖେ ଚାଲିଲେ । ପର୍ବ ନିମନ୍ତେ ଆହୁରି ଛ'ଦିନ ଥିଲା । ସେଥିପାଇଁ ଯୀଶୁ ନିଜର ବନ୍ଧୁ ମାର୍ଥା, ମରିୟମ ଓ ଲାଜାରଙ୍କୁ ଭେଟିବା ପାଇଁ ବେଥନିୟାରେ ଅଟକି ଗଲେ । ଶିମୋନ କୁଷ୍ଠୀଙ୍କ ଗୃହରେ ଗୋଟିଏ ରାତ୍ରିଭୋଜ ସମୟରେ ମରିୟମ ଯୀଶୁଙ୍କ ଚରଣ ତଳେ ବସି ତାଙ୍କ ପାଦରେ ବହୁମୂଲ୍ୟ ତୈଳ ଢ଼ାଳିଲେ ଏବଂ ଏହାପରେ ନିଜ କେଶରେ ଏହା ପୋଛି ଦେଲେ ।







ଯିହୁଦା ଏହି ଶାସନରେ କ୍ଷୁବ୍ଧ ହେଲା ଏବଂ ଗୋଟିଏ ମନ୍ଦ ଭାବନା ତା' ମନ ମଧ୍ୟକୁ ଆସିଲା ।
ଉଚିତ୍ ସମୟରେ ମୁଁ ଧର୍ମଯାଜକ ଓ ଫାରୁଶୀମାନଙ୍କ ନିକଟକୁ ଯିବି । ସେମାନେ ମୋ କଥା ଶୁଣିଲେ ଖୁସି ହେବେ ।
ପରଦିନ ଯୀଶୁ ଓ ଶିଷ୍ୟମାନେ ଯିରୁଶାଲମ ଯାତ୍ରା କରୁଥିବା ଲୋକମାନଙ୍କ ସହିତ ଯୋଗ ଦେଲେ । ନିସ୍ତାରପର୍ବ ଭୋଜ ପାଇଁ ପ୍ରସ୍ତୁତ ହେବାକୁ-ପଥ ମଧ୍ୟରେ...
ସେହି ଗ୍ରାମକୁ ଯାଅ । ସେଠାରେ ଗୋଟିଏ ଗଧଛୁଆ ଦେଖିବ, ତାକୁ ମୋ ନିକଟକୁ ଆଣ । ଯଦି କେହି ପ୍ରଶ୍ନ କରେ, ତେବେ କହିବ ଏହାଠାରେ ପ୍ରଭୁଙ୍କର ପ୍ରୟୋଜନ ଅଛି ଆଉ ସେ ଏହାକୁ ଫେରାଇ ଦେବେ ।
ଦ୍ୱନ୍ଦ୍ୱର ସହିତ ଦୁଇ ଜଣ ଶିଷ୍ୟ ଗ୍ରାମ ଭିତରକୁ ଗଲେ ଓ ସେଠାରେ ଗୋଟିଏ ଗଧଛୁଆକୁ ଦେଖିଲେ । ତା'ର ଦଉଡ଼ି ଖୋଲିବା ସମୟରେ
ତୁମ୍ଭେମାନେ ମୋର ପଶୁଟିକୁ କାହିଁକି ନେଇ ଯାଉଛ ?
ଯୀଶୁ ଏହାକୁ ଆବଶ୍ୟକ କରୁଛନ୍ତି ବୋଲି ସେ ତୁମକୁ ଜଣାଇଛନ୍ତି ।
ଯୀଶୁଙ୍କ ନାମ ଶୁଣିବା ମାତ୍ରେ ଲୋକଟି ଖୁସି ହୋଇ ରାଜି ହେଲା ।
ମୁଁ ଭାବୁଛି କାହିଁକି ଯୀଶୁ ମୋର ଗଧ ଛୁଆଟିକୁ ନେଲେ । ଏହା ଉପରେ କେହି କେବେ ଚଢ଼ି ନାହିଁ..ଏହା ଛଡ଼ା ଯୀଶୁଙ୍କ ସଦୃଶ ଜଣେ ମହାନ୍ ବ୍ୟକ୍ତିଙ୍କ ନିମନ୍ତେ ଏହା ଆଦୌ ଶୋଭନୀୟ ପଶୁ ନୁହେଁ ।

# ବିଜୟ ଯାତ୍ରା

ଲୂକ ୧୯ : ୩୬-୩୮ ; ମାଥିଉ ୨୧ : ୧୦-୧୭



ଏହା ସପ୍ତାହର ପ୍ରଥମ ଦିବସ ଥିଲା । ଯିହୂଦୀମାନଙ୍କର ନିସ୍ତାର ପର୍ବ ଯୋଗୁ ଯିରୂଶାଲମର ରାସ୍ତା ଲୋକାରଣ୍ୟ ହୋଇଥିଲା । ଯୀଶୁ ଅନୁରୋଧ କରିଥିବାରୁ ଶିଷ୍ୟମାନେ ତାଙ୍କ ପାଇଁ ଗୋଟିଏ ଗଧଛୁଆ ଆଣି ଦେଇଥିଲେ । ସେ ଏହା ଉପରେ ଚଢ଼ି ଅସଂଖ୍ୟ ତୀର୍ଥ ଯାତ୍ରୀଙ୍କ ସହିତ ଯୋଗଦେଲେ । ଆଗ୍ରହର ସହିତ ସେମାନେ ତାଙ୍କୁ ବାଟ ଛାଡ଼ି ଦେଲେ । ଖଜୁରୀ ବାହୁଙ୍ଗା ହଲାଇଲେ ଏବଂ ନିଜ ନିଜର ବସ୍ତ୍ର ତାଙ୍କ ସମ୍ମୁଖରେ ବିଛାଇ ଦେଲେ । ଆଉ ତାଙ୍କୁ ସୁରକ୍ଷା ଦେଉ ଦେଉ ବିଜୟର ସହିତ ସେମାନଙ୍କ ପ୍ରଶଂସା ଧ୍ୱନି ରାସ୍ତାରେ ଏବଂ ସହର ମଧ୍ୟକୁ ପ୍ରତିଧ୍ୱନିତ ହେଉଥିଲା : "ହୋଶାନ୍ନା ! ପ୍ରଭୁଙ୍କ ନାମରେ ଯେଉଁ ରାଜା ଆସୁଛନ୍ତି, ସେ ଧନ୍ୟ !"


ଯିରୂଶାଲମ ନିଜର ଦୀର୍ଘ ଇତିହାସରେ ଏତେ ବଡ଼ ଶୋଭାଯାତ୍ରା ଏହାର ଦ୍ୱାର ମଧ ଦେଇ ପ୍ରବେଶ କରିଥିବା ଦେଖି ନ ଥିଲା.. ରାଜାମାନେ ଅଶ୍ୱ ପୃଷ୍ଠରେ ଏବଂ ଆକ୍ରମଣକାରୀମାନେ ସଶସ୍ତ୍ର ସୈନ୍ୟ ସହ ଆସିଥିଲେ-ମାତ୍ର ଏହାଙ୍କ ପରି କେହି ଆସି ନ ଥିଲେ ।
ଏହି ବ୍ୟକ୍ତି କିଏ ?
ଯୀଶୁ, ନାଜରିତର ଭାବବାଦୀ !


କିନ୍ତୁ ଯୀଶୁ ଆସିଥିବା ସମ୍ବାଦ ସହରର ଚତୁର୍ଦ୍ଦିଗରେ ବ୍ୟାପିଗଲା । ସେ ମନ୍ଦିରରେ ପହଞ୍ଚିବା ସମୟରେ ଅନ୍ଧ, ଛୋଟା ଏବଂ ରୋଗୀମାନେ ତାଙ୍କୁ ସେଠାରେ ଅପେକ୍ଷା କରି ରହିଥିଲେ ।
ହେ ମୋର ପୁତ୍ର, ଠିଆ ହୁଅ ଓ ଚାଲ !
ଈଶ୍ୱରଙ୍କ ପୁତ୍ରଙ୍କ ପ୍ରତି ହୋଶାନ୍ନା ।


ପିଲାମାନଙ୍କର ପ୍ରଶଂସାଧ୍ୱନି ଯାଜକ ଓ ଫାରୂଶୀମାନଙ୍କୁ କ୍ରୁଦ୍ଧ କଲା ।
ସେମାନେ ଯାହା କହୁଛନ୍ତି, ତାହା ତୁମେ ଶୁଣୁଛ କି ?
ହଁ, ଆଉ ତୁମେ ଗୀତସଂହିତା ପୁସ୍ତକରେ କ'ଣ ପଢ଼ିନାହଁ ଯେ ପିଲାମାନଙ୍କ ମୁଖରେ ଈଶ୍ୱର ଯଥାର୍ଥ ପ୍ରଶଂସା ଧ୍ୱନି ପ୍ରଦାନ କରିବେ ?


ସେହି ରାତିରେ ଯୀଶୁ ବେଥନିୟାକୁ ଚାଲିଗଲେ । କିନ୍ତୁ ସୋମବାର ଦିନ ଯେତେବେଳେ ସେ ଯିରୂଶାଲମ ମନ୍ଦିରକୁ ଫେରିଲେ...
ମୁଁ ଈଶ୍ୱରଙ୍କ ଉଦ୍ଦେଶ୍ୟରେ ବଳିଦାନ ଦେବା ପାଇଁ ଏତେ ଦୂରରୁ ଆସିଛି, ମାତ୍ର ଏତେ ଦାମ୍ ଦେଇ କାପ୍ତା କିଣି ପାରିବି ନାହିଁ
ଅନ୍ୟ କେହି ଏ କିଣିବ.. ସେଥିପାଇଁ ଘୁଞ୍ଚିଯାଅ ।


ନ୍ୟାୟୋଚିତ କ୍ରୋଧରେ ଯୀଶୁ ମନ୍ଦିର ମଧ୍ୟରୁ ବ୍ୟବସାୟୀମାନଙ୍କୁ ବାହାର କରି ଦେଲେ ।
ଶାସ୍ତ୍ରରେ କ'ଣ ଲେଖାଯାଇ ନାହିଁ ଯେ ମୋ ଗୃହ ପ୍ରାର୍ଥନାଗୃହ ଭାବରେ ବିଖ୍ୟାତ ହେବ ? କିନ୍ତୁ ତୁମ୍ଭେମାନେ ଏହାକୁ ଚୋରମାନଙ୍କର ଗହ୍ୱର କରୁଅଛ ?




ଯୀଶୁ ପ୍ରଚାର ଆରମ୍ଭ କରିବା ସମୟରେ ତାଙ୍କ କଥା ଶୁଣିବା ପାଇଁ ଲୋକମାନେ ଏକତ୍ରିତ ହେଲେ । କିନ୍ତୁ ବନ୍ଦ ଦ୍ୱାର ଭିତରେ ଯାଜକ ଓ ଫାରୁଶୀମାନେ ଷଡ଼ଯନ୍ତ୍ର ଚଳାଇଥିଲେ । ମଙ୍ଗଳବାର ବେଳକୁ ସେମାନେ ପ୍ରସ୍ତୁତ ହୋଇଗଲେ...



# ଶ୍ରେଷ୍ଠ ଆଜ୍ଞା

ଲୂକ ୨୦ : ୨୩-୨୬; ମାର୍କ ୧୨ : ୨୮-୩୪; ୩୮-୪୪; ୧୩; ମାଥିଉ ୨୬ : ୧୪-୧୬

ଯୀଶୁ ମନ୍ଦିରର ଗୋଟିଏ ପ୍ରାଙ୍ଗରେ ଶିକ୍ଷା ଦେଉଥିଲେ, ଆଉ ତାଙ୍କୁ ଅସୁବିଧାରେ ପକାଇବା ନିମନ୍ତେ ଫାରୂଶୀମାନେ ପ୍ରଶ୍ନ କଲେ : "କାଇସରଙ୍କୁ କର ଦେବା ଯଥାର୍ଥ କି ?" ଯୀଶୁ ଜାଣିଥିଲେ ଯେ ଏହା ଗୋଟିଏ ଚତୁର ପ୍ରଶ୍ନ ଥିଲା, ଯଦି ସେ "ହଁ" ବୋଲି ଉତ୍ତର ଦେବେ, ତେବେ ଲୋକମାନେ ତାଙ୍କ ବିରୁଦ୍ଧରେ ଉଠିବେ । ଯଦି ସେ "ନାଁ" ବୋଲି ଉତ୍ତର ଦେବେ, ତେବେ ରୋମୀୟମାନେ ରାଜଦ୍ରୋହ ଅପରାଧରେ ତାଙ୍କୁ ବନ୍ଦୀ କରିବେ । ସେ ଗୋଟିଏ ରୋମୀୟ ମୁଦ୍ରା ଦେଖାଇବାକୁ କହିଲେ ।



ଯୀଶୁ ଧୀର ଭାବରେ ମୁଦ୍ରାଟି ଫେରାଇ ଦେଲେ ।




ପୁନର୍ବାର ପରାସ୍ତ ହେବାରୁ ଫାରୂଶୀମାନେ କ୍ରୁଦ୍ଧ ହେଲେ; କିନ୍ତୁ ସେମାନଙ୍କର ଚତୁର ପ୍ରଶ୍ନଗୁଡ଼ିକର ଯୀଶୁ ଯେପରି କୌଶଳର ସହିତ ଉତ୍ତର ଦେଉଥିଲେ, ତାହା ସେମାନଙ୍କୁ ବିସ୍ମିତ କରିଥିଲା । ପରେ ସେମାନଙ୍କ ମଧ୍ୟରୁ ଜଣେ ଅନ୍ୟ ଗୋଟିଏ ଜଟିଳ ପ୍ରଶ୍ନ ପଚାରିଲେ ।







ଲୋକମାନଙ୍କୁ ଦେଖାଇବା ପାଇଁ ଧର୍ମକର୍ମ କରୁଥିବା ବ୍ୟକ୍ତିମାନଙ୍କ ବିଷୟରେ ଯୀଶୁ ଲୋକମାନଙ୍କୁ ସାବଧାନ କରାଇ ଦେଲେ । ଶିକ୍ଷା ସମାପ୍ତ କରିବା ସମୟରେ ସେ ଦେଖିଲେ ଯେ ଜଣେ ଗର୍ବୀ ବ୍ୟକ୍ତି ମନ୍ଦିରର ଦାନ ପାତ୍ରରେ ବହୁ ପରିମାଣର ଅର୍ଥ ଦାନ କଲେ ।


ଏହାପରେ ଜଣେ ଦରିଦ୍ର ବିଧବା ଆସି ସେଥିରେ ଦୁଇଟି ଛୋଟ ମୁଦ୍ରା ପକାଇଲା ।
ଏହି ବିଧବାଟି ଅନ୍ୟ ସମସ୍ତଙ୍କ ଅପେକ୍ଷା ଅଧିକ ଦେଇଅଛି, କାରଣ ତା'ର ଯାହା ଥିଲା, ସେ ସବୁକିଛି ଈଶ୍ୱରଙ୍କୁ ଦେଇ ଦେଲା ।
ଏହି କଥା କହି ଯୀଶୁ ମନ୍ଦିର ପରିତ୍ୟାଗ କଲେ । ... ଏହା ଶେଷଥର ଥିଲା । ଯିରୂଶାଲମର ବାହାରେ ଜୀତ ପର୍ବତର ନିର୍ଜ୍ଜନ ସ୍ଥାନରେ ତାଙ୍କର କେତେକ ଶିଷ୍ୟ ଭବିଷ୍ୟତ୍ ବିଷୟରେ ତାଙ୍କୁ ପ୍ରଶ୍ନ କଲେ । ଯୀଶୁ କହିଲେ ଯେ ତାଙ୍କର ସୁସମାଚାର ସମଗ୍ର ଜଗତରେ ପ୍ରଚାରିତ ହେବ... ଆଉ ତା'ପରେ ଜଗତର ବିଚାର କରିବା ପାଇଁ ସେ ପୁନର୍ବାର ଜଗତକୁ ଆଗମନ କରିବେ ।


ଯୀଶୁ ଏବଂ ତାଙ୍କର ଶିଷ୍ୟମାନେ ବେଥନିଯାକୁ ଫେରିଗଲେ । ସେହିଦିନ ରାତିରେ ଯିହୁଦା ଗୋଟିଏ ଯୋଜନା ନେଇ ଯିରୁଶାଲମକୁ ଯାତ୍ରା କଲା । ଏହି ଯୋଜନା ତା' ମନରେ ସେହିଦିନ ଦେଖା ଦେଇଥିଲା, ଯେଉଁଦିନ ମରିୟମ ଯୀଶୁଙ୍କୁ ବହୁମୂଲ୍ୟ ତୈଳରେ ଅଭିଷିକ୍ତ କରିଥିଲେ ।
ମୁଁ ମହାଯାଜକଙ୍କୁ ଦେଖା କରିବାକୁ ଚାହେଁ ।
ଯିହୁଦା ଇଷ୍କୋରିୟଦ୍ ନାମକ ଜଣେ ବ୍ୟକ୍ତି ଆପଣଙ୍କ ସହିତ ଦେଖା କରିବାକୁ ଚାହୁଁଛି । ସେ ଜରୁରୀ ବାର୍ତ୍ତା ଦେବାକୁ ଚାହୁଁଛି ।
ଯିହୁଦା ଇଷ୍କୋରିୟୋଦ୍ ? ସେ ଯୀଶୁଙ୍କର ଜଣେ ଶିଷ୍ୟ । ତାକୁ ଡାକି ଆଣ ।
ମୁଁ ଜାଣେ ଯୀଶୁଙ୍କଠାରୁ ମୁକ୍ତି ପାଇବା ପାଇଁ ଆପଣ କେତେ ଚେଷ୍ଟା କରୁଛନ୍ତି । ଆପଣଙ୍କ ହସ୍ତରେ ତାଙ୍କୁ ଦେବାପାଇଁ ମୋତେ ଆପଣ କେତେ ଅର୍ଥ ଦେବେ ? .... ତାଙ୍କଠାରେ ବିଶ୍ୱାସ କରୁଥିବା ଲୋକ ସମୂହଠାରୁ ଯେତେବେଳେ ସେ ଦୂରରେ ଥିବେ, ସେତେବେଳେ ମୁଁ ତାଙ୍କୁ ଧରାଇ ଦେବି ।
ତିରିଶଟି ରୌପ୍ୟ ମୁଦ୍ରା ।

# ଗୋପନରେ—ଏକ ଉର୍ଦ୍ଧ୍ୱକୋଠରୀରେ

ଲୂକ ୨୨ : ୭-୧୩; ଯୋହନ ୧୩ : ୧-୨୦, ୨୭-୩୦;
ମାଥିଉ ୨୬ : ୨୧-୨୫










ଲୋକଟି ଅତିଶୀଘ୍ର ସେମାନଙ୍କୁ ଗୋଟିଏ ଉର୍ଦ୍ଧ୍ୱ କୋଠରୀ ଦେଖାଇଲେ ।
ମୋ ଗୃହରେ ଯୀଶୁ ନିସ୍ତାର ପର୍ବ ପାଳନ କଲେ ମୁଁ ସମ୍ମାନିତ ହେବି ।
ପିତର ଓ ଯୋହନ ଭୋଜ ନିମନ୍ତେ ପ୍ରସ୍ତୁତ ହେଲେ ଆଉ ସେହିଦିନ ସଂଧ୍ୟାରେ ଯୀଶୁ ଉର୍ଦ୍ଧ୍ୱକୋଠରୀରେ ନିଜର ୧୨ ଜଣ ଶିଷ୍ୟଙ୍କ ସହିତ ଯୋଗ ଦେଲେ । ସେମାନେ ବସିବା ପରେ ଯୀଶୁ ନଇଁ ପଡ଼ି ଗୋଟିଏ ଦାସ ସଦୃଶ ନିଜର ଶିଷ୍ୟମାନଙ୍କର ପାଦ ଧୋଇଦେଲେ ।
ନା' ପ୍ରଭୋ ! ଆପଣ ଯେ ମୋର ପାଦ ଧୋଇ ଦେବେ, ଏଥିପାଇଁ ମୋର ଯୋଗ୍ୟତା ନାହିଁ ।
ପିତର, ଯଦି ମୁଁ ତୁମର ପାଦ ଧୋଇ ଦେବି ନାହିଁ, ତେବେ ମୋ ରାଜ୍ୟରେ ତୁମର ସ୍ଥାନ ନାହିଁ ।


ଯୀଶୁ ସବୁ ଶିଷ୍ୟମାନଙ୍କର ପାଦ ଧୋଇ ଦେବା ପରେ ସେ ପୁନର୍ବାର ମେଜ ନିକଟରେ ବସି ପଡ଼ିଲେ ।
ଯଦି ମୁଁ ତୁମ୍ଭମାନଙ୍କର ଗୁରୁ ଓ ପ୍ରଭୁ ହୋଇ ତୁମ୍ଭମାନଙ୍କର ସେବା କରିଅଛି, ତେବେ ତୁମ୍ଭେମାନେ ମଧ୍ୟ ପରସ୍ପର ନିମନ୍ତେ ତାହା କରିବା ଉଚିତ । ଦାସ ନିଜ କର୍ତ୍ତାଠାରୁ ଶ୍ରେଷ୍ଠ ନୁହେଁ ।
କିଛି ସମୟ ପରେ ଯୀଶୁ ଗୋଟିଏ ଆଶ୍ଚର୍ଯ୍ୟ ଜନକ ବାକ୍ୟ କହିଲେ ।
ତୁମ୍ଭମାନଙ୍କ ମଧ୍ୟରୁ ଜଣେ ମୋ ପ୍ରତି ବିଶ୍ୱାସ ଘାତକତା କରିବାକୁ ଯାଉଛି ।
ଆପଣଙ୍କ ପ୍ରତି ବିଶ୍ୱାସଘାତକତା ? ସେ କ'ଣ ମୁଁ, ପ୍ରଭୋ !
ଯୀଶୁ ଉତ୍ତର ଦେଲେ ଯେ ସେହି ବ୍ୟକ୍ତି ବର୍ତ୍ତମାନ ତାଙ୍କ ସହିତ ଭୋଜନ କରୁଅଛି । ଯିହୁଦା ଆଗକୁ ନଇଁଲା ।
ସେ କ'ଣ ମୁଁ ?
ତୁମେ ଏହା କହିଅଛ । ଯିହୁଦା, ଯାହା କରିବାକୁ ଯାଉଛ, ତାହା ଶୀଘ୍ର କର ।
ହଠାତ୍ ବିଶ୍ୱାସଘାତକ ଯିହୁଦା ମେଜ ନିକଟରୁ ଉଠି ଚାଲିଗଲା । କିନ୍ତୁ ଅନ୍ୟ ଶିଷ୍ୟମାନେ ଏହାର କାରଣ ବୁଝି ପାରିଲେ ନାହିଁ ।

# ପ୍ରଭୁଭୋଜ

ଲୂକ ୨୨ :୧୭-୨୦; ଯୋହନ ୧୩ : ୩୩-୩୮ ; ୧୪
ମାଥିଉ ୨୬ : ୩୦, ୩୬-୫୬

ବିଶ୍ୱାସଘାତକ ଯିହୁଦା ଚାଲିଯିବାପରେ, ଯୀଶୁ ଖଣ୍ଡେ ରୋଟୀ ଉଠାଇ ଏହା ନିମନ୍ତେ ଈଶ୍ୱରଙ୍କୁ ଧନ୍ୟବାଦ ଦେଲେ । ଏହା ଭାଙ୍ଗି ଶିଷ୍ୟମାନଙ୍କୁ ଦେଲେ ଏବଂ କହିଲେ, ''ଏହା ହେଉଛି ମୋର ଶରୀର ।'' ସେମାନେ ରୋଟୀ ଭୋଜନ କଲା ଉତ୍ତାରେ ସେ ସେମାନଙ୍କୁ ଗୋଟିଏ ପାନପାତ୍ର ଦେଲେ ।




ଏହିପରି ଭାବରେ ଯୀଶୁ ଈଶ୍ୱର ଓ ମନୁଷ୍ୟମାନଙ୍କ ମଧ୍ୟରେ ଗୋଟିଏ ନୂତନ ନିୟମ ସ୍ଥାପନ କଲେ । ଲୋକମାନେ ଯୀଶୁଙ୍କ ନାମରେ ରୋଟୀ ଓ ଦ୍ରାକ୍ଷାରସ ଗ୍ରହଣ କରୁଥିବା ସମୟରେ ସେମାନେ ସ୍ମରଣ କରନ୍ତି ଯେ ନିଜ ପୁତ୍ରଙ୍କ ମାଧ୍ୟମରେ ଈଶ୍ୱର ପାପର ଦାସତ୍ୱରୁ ସେମାନଙ୍କୁ ଉଦ୍ଧାର କରିଛନ୍ତି ।


କିଛି କ୍ଷଣ ମଧ୍ୟରେ ମୁଁ ତୁମ୍ଭମାନଙ୍କୁ ପରିତ୍ୟାଗ କରିବି । ତୁମ୍ଭେମାନେ ମୋତେ ଆଉ ଅନୁସରଣ କରିପାରିବ ନାହିଁ । କିନ୍ତୁ ମୁଁ ଯିବା ପୂର୍ବରୁ, ତୁମ୍ଭମାନଙ୍କୁ ସ୍ମରଣ କରାଇ ଦେଉଛି ଯେ : ମୁଁ ଯେପରି ତୁମ୍ଭମାନଙ୍କୁ ପ୍ରେମ କରିଛି, ତୁମ୍ଭେମାନେ ସେହିପରି ଏକକୁ ଆରେକ ପ୍ରେମ କର ।
ପ୍ରଭୋ, ଆମେ କାହିଁକି ଆପଣଙ୍କର ଅନୁସରଣ କରିପାରିବୁ ନାହିଁ ? ଆପଣ ଜାଣନ୍ତି, ଆପଣଙ୍କ ନିମନ୍ତେ ମୁଁ ମୋର ପ୍ରାଣ ଦେଇପାରେ ।


ପିତର, ଆଜି କୁକୁଡ଼ା ଡାକିବା ପୂର୍ବରୁ ତୁମ୍ଭେ ମୋତେ ତିନିଥର ଅସ୍ୱୀକାର କରିବ ।
ମୋର ପ୍ରଭୁଙ୍କୁ ଅସ୍ୱୀକାର ? ଆଦୌ ନୁହେଁ । ତାଙ୍କୁ ଆଘାତ କରିବାକୁ ଚାହୁଁଥିବା ପ୍ରଥମ ବ୍ୟକ୍ତି ନିମନ୍ତେ ମୋ ଖଣ୍ଡା ପ୍ରସ୍ତୁତ ଅଛି ।


ଯୀଶୁ ଯେ ସେମାନଙ୍କୁ ଛାଡ଼ି ଚାଲିଯିବେ, ଏହି ଚିନ୍ତାରେ ଶିଷ୍ୟମାନେ ଭୟଭୀତ ହେଲେ ।
ଭୟ କର ନାହିଁ । ଈଶ୍ୱରଙ୍କଠାରେ ବିଶ୍ୱାସ କର; ମୋଠାରେ ମଧ୍ୟ ବିଶ୍ୱାସ କର । ଯଦି ତୁମ୍ଭେମାନେ ମୋତେ ପ୍ରେମ କର, ତେବେ ମୋର ଆଜ୍ଞା ପାଳନ କର । ଆଉ ତୁମ୍ଭମାନଙ୍କୁ ସାନ୍ତ୍ୱନା ଦେବା ପାଇଁ ତୁମ୍ଭମାନଙ୍କ ନିକଟକୁ ପବିତ୍ରାତ୍ମାଙ୍କୁ ପ୍ରେରଣ କରିବା ପାଇଁ ମୁଁ ଈଶ୍ୱରଙ୍କୁ ନିବେଦନ କରିବି । ସେ ତୁମ୍ଭମାନଙ୍କ ସହିତ ଚିରଦିନ ରହିବେ । ଆସ, ଯିବାର ସମୟ ଉପସ୍ଥିତ...


ଧୀରେ ଧୀରେ ସେମାନେ ଉର୍ଦ୍ଧ୍ୱ କୋଠରୀ ପରିତ୍ୟାଗ କରି ଜହ୍ନ କିରଣ ବିଚ୍ଛୁରିତ ରାସ୍ତା ଉପରେ ନଗରର ପୂର୍ବ ଦ୍ୱାର ଦେଇ ଜୀତପର୍ବତସ୍ଥିତ ଗେତ୍‌ସମନୀ ଉଦ୍ୟାନରେ ପହଞ୍ଚିଲେ ।
ପ୍ରବେଶ ଦ୍ୱାରରେ ଯୀଶୁ ଆଠ ଜଣ ଶିଷ୍ୟଙ୍କୁ ଅପେକ୍ଷା କରିବାକୁ କହି ଏବଂ ନିଜର ତିନି ଜଣ ଅତି ନିକଟତମ ଶିଷ୍ୟ, ପିତର, ଯାକୁବ ଏବଂ ଯୋହନଙ୍କୁ ନେଇ ଉଦ୍ୟାନ ମଧ୍ୟରେ ପ୍ରବେଶ କଲେ ।
ଏହା ମୋ ପାଇଁ ଗୋଟିଏ ଦୁଃଖର ରାତ୍ରି... ଏଠାରେ ଜାଗ୍ରତ ହୋଇ ରୁହ । ମୁଁ ଏକାକୀ ପ୍ରାର୍ଥନା କରିବାକୁ ଯାଉଛି ।
ହେ ମୋର ପିତା, ଯଦି ତୁମ୍ଭେ ଇଚ୍ଛା କର, ତେବେ ଏହି ଦୁଃଖ ମୋ ଠାରୁ ଦୂର କର; ମାତ୍ର ମୋହର ଇଚ୍ଛା ନୁହେଁ, ମାତ୍ର ତୁମ୍ଭର ଇଚ୍ଛା ସଫଳ ହେଉ ।
ଯେତେବେଳେ ଯୀଶୁ ଶିଷ୍ୟମାନଙ୍କ ନିକଟକୁ ଫେରିଲେ, ସେତେବେଳେ ସେମାନେ ଶୋଇ ପଡ଼ିଥିଲେ । ଆଉ ଦୁଇଥର ସେ ଉଦ୍ୟାନ ମଧ୍ୟକୁ ପ୍ରାର୍ଥନା କରିବାକୁ ଗଲେ ଏବଂ ପ୍ରତ୍ୟେକ ଥର ସେ ନିଜର ବନ୍ଧୁମାନଙ୍କୁ ଶୋଇଥିବା ଦେଖିଲେ । ସେମାନଙ୍କୁ ତୃତୀୟଥର ଜାଗ୍ରତ କରିବା ପରେ...
ଠ... ଯେଉଁ ବ୍ୟକ୍ତି ମୋ ସହିତ ବିଶ୍ୱାସଘାତକତା ରୁଅଛି, ସେ ନିକଟବର୍ତ୍ତୀ ।


ଯୀଶୁ କଥା କହୁଥିବା ସମୟରେ ଯିହୁଦା ଦଳେ ଲୋକଙ୍କୁ ଧରି ଉଦ୍ୟାନ ମଧ୍ୟକୁ ଆସିଲା । ତାର ଚୁକ୍ତି ଅନୁସାରେ, ସେ ଯୀଶୁଙ୍କୁ ଗୋଟିଏ ଚୁମ୍ବନ ଦେଇ ଚିହ୍ନାଇ ଦେଲା ।
ଗୁରୁ, ନମସ୍କାର !
ସୈନ୍ୟମାନେ ଯୀଶୁଙ୍କୁ ଧରିବା ସମୟରେ ପିତର ନିଜର ଖଣ୍ଡା ବାହାର କରି ଗୋଟିଏ ଦାସର କାନ କାଟିପକାଇଲେ ।
ପିତର, ଖଣ୍ଡା ରଖିଦିଅ । ତୁମେ କ'ଣ ଭାବୁଛ ଦୂତମାନଙ୍କର ଗୋଟିଏ ବାହିନୀ ପ୍ରେରଣ କରିବା ନିମନ୍ତେ ମୁଁ ଈଶ୍ୱରଙ୍କୁ ପ୍ରାର୍ଥନା କରିପାରିବି ନାହିଁ ?
ଯୀଶୁ ଶାନ୍ତ ଭାବରେ ବ୍ୟକ୍ତିଟିର କାନଟିକୁ ଛୁଇଁ ସୁସ୍ଥ କଲେ । ଯେତେବେଳେ ଶିଷ୍ୟମାନେ ଦେଖିଲେ ଯେ ଯୀଶୁ ନିଜକୁ ରକ୍ଷା କରିବାକୁ କୌଣସି ଚେଷ୍ଟା କରୁ ନାହାନ୍ତି, ସେତେବେଳେ ସେମାନେ ଜୀବନ ବିକଳରେ ଦୌଡ଼ି ପଳାଇଗଲେ । ଜଣେ ସେନାପତିଙ୍କର ନିର୍ଦ୍ଦେଶକ୍ରମେ ସୈନ୍ୟମାନେ ଯୀଶୁଙ୍କୁ ବାନ୍ଧି ପୁନର୍ବାର ଯିରୁଶାଲମକୁ ନେଇଗଲେ । ଏହି ସହରକୁ କିଛି ଦିନ ପୂର୍ବେ ସେ ବିଜୟର ସହିତ ଆଗମନ କରିଥିଲେ ।

# ବିଚାରିତ — ଏବଂ ଅସ୍ୱୀକୃତ ହେଲେ ।

ମାଥିଉ ୨୬ : ୫୭-୭୫; ଯୋହନ ୧୮ : ୨୮-୩୮ ; ଲୂକ ୨୩ ; ୬-୧୨ ରୁ ଉଦ୍ଧୃତ ।

ବନ୍ଦୀ କରିବା ପରେ, ଯୀଶୁଙ୍କୁ ମହାଯାଜକଙ୍କର ପ୍ରାସାଦ ମଧ୍ୟକୁ ଅଣାଗଲା । ମିଥ୍ୟାସାକ୍ଷୀମାନେ ତାଙ୍କ ବିରୁଦ୍ଧରେ ସାହସର ସହିତ ଅନେକ ଅଭିଯୋଗ ଆଣିଲେ । ... କିନ୍ତୁ ସେମାନେ କିଛି ପ୍ରମାଣ କରିପାରିଲେ ନାହିଁ । ଶେଷରେ ମହାଯାଜକ ତାଙ୍କୁ ପ୍ରଶ୍ନ କଲେ ।







ସଂଗେ ସଂଗେ ରକ୍ଷୀମାନେ ତାଙ୍କ ନିକଟକୁ ଚାଲି ଆସିଲେ... ତାଙ୍କ ଉପରେ ଛେପ ପକାଇଲେ ଓ ତାଙ୍କ ମୁଖରେ କନା ଘୋଡ଼ାଇ କିଏ ତାଙ୍କୁ ପ୍ରହାର କଲା ଏହା ପ୍ରମାଣ କରିବାକୁ ଦାବୀ କଲେ ।


ଯୀଶୁ ଏହିପରି ଅପମାନ ଭୋଗୁଥିବା ସମୟରେ, ତାଙ୍କ ପଛେ ପଛେ ଗୋପନରେ ଆସିଥିବା ପିତର ପ୍ରାସାଦର ପ୍ରାଙ୍ଗଣରେ ବସି ନିଆଁ ପୋଉଁ ଥିଲେ । ସେ କଥାବାର୍ତ୍ତା କରୁଥିବା ସମୟରେ, ଜଣେ ଦାସୀ ଅଟକି ଯାଇ ତାଙ୍କୁ ଚାହିଁ ରହିଲା...
ତୁମେ ମଧ୍ୟ ନାଜରିତର ଯୀଶୁଙ୍କ ସହିତ ଥିଲ ।
ମୁଁ ? ତୁମେ କ'ଣ କହୁଛ ମୁଁ ବୁଝିପାରୁ ନାହିଁ ।
କାଳେ ଆଉ କିଏ ଅଧିକ କିଛି ପଚାରିବ, ଏହି ଭୟରେ ପିତର ପ୍ରାଙ୍ଗଣର ବାହାରକ୍ ଚାଲିଗଲେ, କିନ୍ତୁ ସେଠାରେ...
ଏହି ବ୍ୟକ୍ତିଟି ଯୀଶୁଙ୍କ ସହିତ ଥିଲା ।
ଯୀଶୁ ? ମୁଁ ସେହି ଲୋକକୁ ଜାଣେ ନାହିଁ ।
କିଛି ସମୟ ପରେ କେତେକ ଲୋକ ପିତରଙ୍କ ନିକଟରେ ପହଞ୍ଚିଲେ ।
ସୈନିକମାନେ ଯୀଶୁଙ୍କୁ ନେଇଯାଉଥିବା ସମୟରେ ମୁଁ ତୁମକୁ ସେହି ଉଦ୍ୟାନରେ କ'ଣ ଦେଖି ନ ଥିଲି ?
ତୁମେ ଯୀଶୁଙ୍କ ସଦୃଶ ଜଣେ ଗାଲିଲୀ ଅଟ । ତୁମ ଚାଲିରୁ ତାହା ଜଣାପଡୁଛି ।

ତୃତୀୟଥର ପାଇଁ ପିତର ଯୀଶୁଙ୍କୁ ଜାଣି ନାହିଁ ବୋଲି କହିଲେ ଆଉ ଠିକ୍ ସେତେବେଳେ କୁକୁଡ଼ା ଡାକିଲା ! ଚକିତ ହୋଇ ପିତର ମୁଣ୍ଡ ଉଠାଇଲେ, ହଠାତ୍ ଯୀଶୁଙ୍କ ଚକ୍ଷୁ ସହିତ ତାଙ୍କର ଚକ୍ଷୁ ମିଳିତ ହେଲା । ସେତେବେଳେ ଯୀଶୁଙ୍କୁ ରାଜ ଦରବାରକୁ ନିଆ ଯାଉଥିଲା ।



ଲଜ୍ଜ୍ୟାରେ ପିତର ବାହାରକୁ ଦୌଡ଼ିଗଲେ ଓ ଅତି ଦୁଃଖରେ କ୍ରନ୍ଦନ କଲେ ।




ଶୁକ୍ରବାର ଦିନ ଅତି ପ୍ରତ୍ୟୁଷରୁ ଯିହୁଦୀ ମହାସଭାର ସଦସ୍ୟମାନେ ଯୀଶୁଙ୍କୁ ରୋମୀୟ ଶାସନକର୍ତ୍ତା ପିଲାତଙ୍କ ନିକଟକୁ ନେଇଗଲେ, କାରଣ ଜଣେ ମନୁଷ୍ୟକୁ ମୃତ୍ୟୁଦଣ୍ଡ ଦେବାର ଅଧିକାର ସେମାନଙ୍କର ନ ଥିଲା । ଚତୁରତାର ସହିତ ସେମାନେ ଯିହୁଦୀନିୟମ ଭଂଗ ଦୋଷରେ ନୁହେଁ ମାତ୍ର ରୋମ ସାମ୍ରାଜ୍ୟ ବିରୁଦ୍ଧରେ ରାଜଦ୍ରୋହ କରୁଥିବା ଅପରାଧରେ ତାଙ୍କୁ ଅଭିଯୁକ୍ତ କଲେ ! ପିଲାତ ଗୋପନରେ ଯୀଶୁଙ୍କୁ ପ୍ରଶ୍ନ କଲେ ଏବଂ ତାଙ୍କୁ ବାହାରେ ଅପେକ୍ଷା କରିଥିବା ଯାଜକ ଓ ଜନସମୂହଙ୍କ ନିକଟକୁ ଫେରାଇ ଆଣିଲେ ।




ଗାଲିଲୀ ନାମର ଉଲ୍ଲେଖ ହେବାରୁ ପିଲାତ ଯୀଶୁଙ୍କୁ ହେରୋଦଙ୍କ ନିକଟକୁ ପଠାଇ ଦେଲେ । କାରଣ ହେରୋଦ ଗାଲିଲୀର ଶାସକ ଥିଲେ ଓ ନିସ୍ତାର ପର୍ବ ହେତୁ ସେ ଯିରୂଶାଲମକୁ ଆସିଥିଲେ । ସେ କୌତୁହଳୀ ହୋଇ କିଛି ଆଶ୍ଚର୍ଯ୍ୟକର୍ମ ଦେଖାଇବା ନିମନ୍ତେ ଯୀଶୁଙ୍କୁ କହିଲେ । ଯୀଶୁ ନ ଦେଖାଇବାରୁ ହେରୋଦ ଓ ତାଙ୍କର ସୈନ୍ୟମାନେ ତାଙ୍କୁ ଉପହାସ କଲେ..ଏବଂ ଏହାପରେ ତାଙ୍କୁ ପିଲାତଙ୍କ ନିକଟକୁ ଫେରାଇ ଆଣିଲେ ।
ଅପରାଧୀ ନୁହେଁ ? ସେ ଯିହୂଦା ଓ ଗାଲିଲୀର ସମଗ୍ର ଅଞ୍ଚଳରେ ବିଦ୍ରୋହ ଆରମ୍ଭ କରିବାକୁ ଚେଷ୍ଟା କରୁଥିଲା ।

ପିଲାତ ସମସ୍ୟାରେ ପଡ଼ିଗଲେ । ସେ ବିଶ୍ୱାସ କରୁ ନ ଥିଲେ ଯେ ଯୀଶୁ ରାଜଦ୍ରୋହୀ ଥିଲେ । ''କିନ୍ତୁ ମୁଁ ଯଦି ତାଙ୍କୁ ଛାଡ଼ି ଦିଏ, ତେବେ ଯିହୁଦୀ ନେତାମାନେ ସମସ୍ୟା ସୃଷ୍ଟି କରିବେ । ରୋମ ସମ୍ରାଟ ମୋତେ ଦାୟୀ କରିବେ ।'' ମନକୁ ମନ ପିଲାତ ଏହା ଚିନ୍ତା କଲେ । ଶେଷରେ ନିଜର ବିବେକ ଦଂଶନରୁ ନିଜକୁ ରକ୍ଷା କରିବା ପାଇଁ ସେ ଗୋଟିଏ ଉପାୟ ପାଞ୍ଚିଲେ ।
ଲୋକମାନଙ୍କ ହାତରେ ନିଷ୍ପତ୍ତି କରିବାକୁ ଛାଡ଼ି ଦେବି !

# ମୃତ୍ୟୁ ଦଣ୍ଡରେ ଦଣ୍ଡିତ

ଯୋହନ ୧୮ : ୩୯-୧୯:୧୬; ମାଥିଉ ୨୭ : ୩-୧୦

ଯିହୁଦୀ ନେତାମାନେ ରୋମ ବିରୁଦ୍ଧରେ ରାଜଦ୍ରୋହ କରୁଥିବା ଅପରାଧରେ ଯୀଶୁଙ୍କୁ ଦୋଷୀ କଲେ । ରୋମୀୟ ଶାସନକର୍ତ୍ତା, ପିଲାତ ସେ ଅପରାଧୀ ବୋଲି ବିଶ୍ୱାସ କଲେ ନାହିଁ । କିନ୍ତୁ ସେ ଭୟ କଲେ ଯେ କ୍ରୁଦ୍ଧ ଯିହୁଦୀମାନେ ଯଦି କୌଣସି ସମସ୍ୟା ସୃଷ୍ଟି କରିବେ, ତାହା ରୋମ ସମ୍ରାଟଙ୍କ ନିକଟରେ ପହଞ୍ଚି ଯିବ । ନିସ୍ତାର ପର୍ବ ହେତୁ ଯିରୂଶାଲମରେ ପ୍ରବଳ ଜନ ସମାଗମ ହୋଇଥିଲା, ସେଥିପାଇଁ ହଠାତ୍, ସେ ଗୋଟିଏ ଉପାୟ ପାଞ୍ଚିଲେ : ଯୀଶୁ ମୃତ୍ୟୁଦଣ୍ଡ ପାଇବେ କିମ୍ବା ନାହିଁ - ଏହା ଲୋକମାନେ ନିର୍ଣ୍ଣୟ କରନ୍ତୁ । କିନ୍ତୁ ସେ ଜାଣି ନ ଥିଲେ ଯେ ଯାଜକମାନେ ଲୋକମାନଙ୍କୁ ଯୀଶୁଙ୍କ ବିରୁଦ୍ଧରେ ଉତ୍ତେଜିତ କରୁଥିଲେ ।




ପିଲାତ ଆଶ୍ଚର୍ଯ୍ୟ ହେଲେ । ଯୀଶୁଙ୍କୁ ରକ୍ଷା କରିବା ପାଇଁ ସେ ଆଉ ଥରେ ଚେଷ୍ଟା କଲେ ।
ତାହାଙ୍କୁ ପ୍ରହାର କର ।
ବନ୍ଦୀକୁ ଯଦି ଦଣ୍ଡିତ କରାଯାଏ, ତେବେ ହୁଏତ ଲୋକମାନେ ସନ୍ତୁଷ୍ଟ ହୋଇ ପାରନ୍ତି ।
ସେଥିପାଇଁ ଯୀଶୁଙ୍କୁ କୋରଡ଼ା ପ୍ରହାର କରାଗଲା । ଏହାପରେ ସୈନିକମାନେ କୌତୁକରେ ଗୋଟିଏ କଣ୍ଟାର ମୁକୁଟ ପ୍ରସ୍ତୁତ କରି ତାଙ୍କ ମସ୍ତକ ଉପରେ ରଖିଲେ ।
ହେ, ଯିହୁଦୀମାନଙ୍କର ରାଜା, ନମସ୍କାର !
ପାଶବିକ ଭାବରେ ପ୍ରହାରିତ ହୋଇଥିବା ଯୀଶୁଙ୍କୁ ଦେଖି କାଳେ ଲୋକମାନଙ୍କ ମନରେ ସହାନୁଭୂତି ଜାଗ୍ରତ ହେବ, ଏହି ଅଭିପ୍ରାୟରେ ପିଲାତ ତାଙ୍କୁ ସେମାନଙ୍କ ସମ୍ମୁଖକୁ ଆଣିଲେ ।
ଏହି ବ୍ୟକ୍ତିକୁ ଦେଖ !
ତାଙ୍କୁ କ୍ରୁଶରେ ଚଢ଼ାଅ !
ତାଙ୍କୁ କ୍ରୁଶରେ ଚଢ଼ାଅ !


ଏତେବେଳକୁ ଏପ୍ରକାର ଘୃଣା ଦେଖି ପିଲାତ ମଧ୍ୟ ବିବ୍ରତ ହୋଇଗଲେ । କିନ୍ତୁ ନିଜ ସ୍ଥିତିକୁ ଆଉ ଅଧିକ ବିପଦଗ୍ରସ୍ତ ନ କରିବାକୁ ସେ ଯୀଶୁଙ୍କୁ କ୍ରୁଶରେ ଚଢ଼ାଇବା ପାଇଁ ସମର୍ପଣ କଲେ । ଏଥିପାଇଁ, ଯୀଶୁଙ୍କ କ୍ରୁଶ ଉପରେ ଟାଙ୍ଗିବା ପାଇଁ ସେ ଗୋଟିଏ ଲେଖା ଲେଖିଲେ ।
ନାଜରିତର ଯୀଶୁ, ଯିହୁଦୀମାନଙ୍କର ରାଜା !
ଏହା ପିଲାତଙ୍କର ଆକ୍ରୋଶ ଥିଲା । ସେ ଜାଣିଥିଲେ ଯେ ଯେଉଁ ବ୍ୟକ୍ତିକୁ ଯିହୁଦୀ ନେତାମାନେ ମୃତ୍ୟୁ ଦଣ୍ଡ ଦେଉଛନ୍ତି, ତା'ର କ୍ରୁଶ ଉପରେ ଏହି ଲେଖାଟି ଦେଖି ସେମାନେ କ୍ରୋଧରେ ଜଳିଯିବେ ।


ନାଁ, ନାଁ, ତାହା ଲେଖନ୍ତୁ ନାହିଁ ଯେ ସେ ଯିହୁଦୀମାନଙ୍କର ରାଜା । ଲେଖନ୍ତୁ ଯେ ସେ କହୁଥିଲା "ମୁଁ ଯିହୁଦୀମାନଙ୍କର ରାଜା ଅଟେ ।
ଆମ୍ଭେ ଯାହା ଲେଖିଅଛୁ, ତାହା ଲେଖିଅଛୁ ।
ବନ୍ଦୀ ହେବା ସମୟଠାରୁ କ୍ରୁଶାର୍ପିତ ହେବା ପର୍ଯ୍ୟନ୍ତ ଯୀଶୁଙ୍କ ପାଇଁ ଅତି ଯନ୍ତ୍ରଣାଦାୟକ ସମୟ ଥିଲା ।
ସେହି ଅନ୍ଧକାର ସମୟ ମଧ୍ୟରେ ବିଶ୍ୱାସଘାତକ ଯିହୁଦା ଯାହା କରିଥିଲା, ତାହା ହୃଦୟଙ୍ଗମ କରିପାରିଲା, ଆଉ ସେ ମହାଯାଜକମାନଙ୍କ ନିକଟକୁ ଦୌଡ଼ିଲା...


ମୁଁ ପାପ କରିଅଛି... ମୁଁ ଜଣେ ନିର୍ଦ୍ଦୋଷ ବ୍ୟକ୍ତିଙ୍କ ପ୍ରତି ବିଶ୍ୱାସ-ଘାତକତା କରିଅଛି ।
ସେଥିରେ ଆମର କ'ଣ ଅଛି ?
ନିଅନ୍ତୁ ଆପଣଙ୍କ ମୁଦ୍ରା...ମୁଁ ଏହି କୁତ୍ସିତ ମୁଦ୍ରା ମୋ ନିକଟରେ ରଖିବି ନାହିଁ ।
ନିଜ ଅପରାଧ ବୋଧ ଏତେ ଅସହ୍ୟ ହେଲା ଯେ ସେ ବାହାରି ଯାଇ ବେକରେ ଫାଶି ଦେଇ ଆତ୍ମହତ୍ୟା କଲା ।
କିନ୍ତୁ ଅର୍ଥ ଫେରାଇ ଦେବା ଦ୍ୱାରା ଯେଉଁ ବ୍ୟକ୍ତିଙ୍କ ପ୍ରତି ସେ ବିଶ୍ୱାସଘାତକତା କରିଥିଲା, ତାଙ୍କ ପ୍ରାଣ ବଞ୍ଚାଇ ପାରିଲା ନାହିଁ । ଯୀଶୁ ବର୍ତ୍ତମାନ ରୋମୀୟ ସୈନିକମାନଙ୍କ ହସ୍ତରେ ଥିଲେ..ସେମାନେ ତାଙ୍କ ସ୍କନ୍ଧ ଉପରେ ଏକ ଓଜନିଆ କ୍ରୁଶ ରଖି ସେହି ରାସ୍ତା ଦେଇ ନେଇ ଯାଉଥିଲେ, ଯାହା କାଲଭରୀ ନାମକ ପର୍ବତ ଦିଗକୁ ଯାଉଥିଲା ।

# ଜଣେ ରାଜା କ୍ରୁଶାର୍ପିତ ହେଲେ

ଲୂକ ୨୩ : ୨୬-୪୬; ଯୋହନ ୧୯ : ୨୫-୨୭

ପାଲେଷ୍ଟାଇନ୍‌ର ସମଗ୍ର ଅଞ୍ଚଳରୁ ଆସିଥିବା ଆନନ୍ଦିତ ଉଲ୍ଲସିତ ଜନତା ନିସ୍ତାର ପର୍ବର ଭୋଜ ନିମନ୍ତେ ଯିରୁଶାଲମରେ ଏକତ୍ରିତ ହୋଇଥିଲେ । କିନ୍ତୁ ଶୁକ୍ରବାର ଦିନ ସକାଳେ ଗୋଟିଏ ଶୀତଳ ପବନ ସଦୃଶ ଆଶ୍ଚର୍ଯ୍ୟଜନକ ସମ୍ବାଦ ସହର ମଧ୍ୟରେ ବ୍ୟାପିଗଲା : ନାଜରିତର ଯୀଶୁ ରାଜଦ୍ରୋହ ଅପରାଧରେ କ୍ରୁଶାର୍ପିତ ହେବାକୁ ଯାଉଛନ୍ତି ।

ପର୍ବତ ଦିଗକୁ ଯାଇଥିବା ରାସ୍ତାରେ ବିଭିନ୍ନ ପ୍ରକାର ଲୋକଙ୍କର ପ୍ରବଳ ଭିଡ଼ ହେଲା - ଯୀଶୁଙ୍କୁ ହତ୍ୟା କରାଉଥିବା ଯାଜକ ଓ ଫାରୂଶୀମାନେ; ପାପ କ୍ଷମାକାରୀ ଓ ସୁସ୍ଥତା ଦାନକାରୀ ବ୍ୟକ୍ତିଙ୍କ ନିମନ୍ତେ ରୋଦନ କରୁଥିବା ସ୍ତ୍ରୀମାନେ ଏବଂ କ୍ରୁଶ ବହନ କରି ଯାଉଥିବା ଜଣେ ଅପରାଧୀକୁ ଦେଖିବା ନିମନ୍ତେ ଆଗ୍ରହୀ ଲୋକମାନେ ରାସ୍ତାର ଦୁଇ ପାର୍ଶ୍ୱରେ ଠିଆ ହୋଇଥିଲେ ।






ପ୍ରାୟ ଦିନ ନ'ଘଣ୍ଟା ସମୟରେ ଯୀଶୁ ଓ କ୍ରୁଶାର୍ପିତ ହେବାକୁ ଯାଉଥିବା ଅନ୍ୟ ଦୁଇଜଣ ଚୋର କାଲବରୀରେ ପହଞ୍ଚିଲେ । ଆଉ ସେଠାରେ ଈଶ୍ୱରଙ୍କ ପୁତ୍ରଙ୍କୁ ଗୋଟିଏ କ୍ରୁଶରେ କଣ୍ଟାବିଦ୍ଧ କରାଗଲା । ତାଙ୍କ ମସ୍ତକ ଉପରେ, ''ନାଜରିତର ଯୀଶୁ, ଯିହୂଦୀମାନଙ୍କ ରାଜା'' ବୋଲି ଲେଖା ଯାଇଥିବା ଲେଖାଟିକୁ ଝୁଲାଇ ଦିଆଗଲା ।




ଯୀଶୁ ରୋମୀୟ ସୈନିକମାନଙ୍କ ନିମନ୍ତେ ସେ ରୋମୀୟ ଆଇନ ଅନୁସାରେ ମୃତ୍ୟୁଦଣ୍ଡରେ ଦଣ୍ଡିତ ଅପରାଧୀମାନଙ୍କ ମଧ୍ୟରୁ ଜଣେ ଥିଲେ ।
ଏହି ବସ୍ତ୍ରଟିକୁ କିପରି ବଣ୍ଟନ କରିବା ?
ଏହାକୁ ନ ଚିରି, ଚାଲ ଏହା ପାଇଁ ଗୁଲିବାଣ୍ଟ କରିବା ।
ଯୀଶୁଙ୍କର ବନ୍ଧୁମାନେ ଏସବୁ ଲକ୍ଷ୍ୟ କରୁଥିଲେ ଏବଂ ଯେଉଁମାନେ ତାଙ୍କୁ ହତ୍ୟାକରିବାର ଷଡଯନ୍ତ୍ର କରିଥିଲେ, ସେମାନେ ଉପହାସ କରୁଥିଲେ ।
ଯଦି ତୁ ଇଶ୍ରାୟେଲର ରାଜା, ତେବେ କ୍ରୁଶରୁ ଓହ୍ଲାଇ ଆସ । ତା'ହେଲେ ଆମେ ବିଶ୍ୱାସ କରିବୁ ।
ଯଦି ତୁ ଖ୍ରୀଷ୍ଟ, ତେବେ ନିଜକୁ ଏବଂ ଆମକୁ ରକ୍ଷା କର ।



ମରିବା ସମୟରେ ଏହିପରି କହିବାକୁ ତୋତେ ଭୟ ଲାଗୁନାହିଁ ? ଆମେ ଆମର ଅପରାଧ ନିମନ୍ତେ ଶାସ୍ତି ଭୋଗୁଛୁ, ମାତ୍ର ଏହି ବ୍ୟକ୍ତି କିଛି ଦୋଷ କରିନାହାନ୍ତି ।
ପ୍ରଭୋ, ଆପଣ ନିଜ ରାଜ୍ୟରେ ପ୍ରବେଶ କରିବା ସମୟରେ ମୋତେ ସ୍ମରଣ କରିବେ ।
ତୁମ୍ଭେ ଆଜି ମୋ ସହିତ ପାର ଦୀଶରେ ଉପସ୍ଥିତ ହେବ ।
ଏହାପରେ ଯୀଶୁ ନିଜ ମାତାଙ୍କ ପ୍ରତି ଦୃଷ୍ଟିପାତ କଲେ । ଦୁଃଖ ସମୟରେ ସୁଦ୍ଧା ସେ ତାଙ୍କ ନିମନ୍ତେ ଚିନ୍ତିତ ଥିଲେ, କାରଣ ଅନେକଙ୍କ ଦୃଷ୍ଟିରେ ସେ ଜଣେ ଅପରାଧୀର ମାତା ଥିଲେ ।
ଯୋହନ, ଦୟାକରି,ମୋ ମା'ଙ୍କ ଯତ୍ନ ନେବ ।
ଯୋହନ, ମରିୟମଙ୍କୁ ନିଜ ଗୃହକୁ ନେଇଗଲେ...ଏବଂ ନିଜ ମା'ଭଳି ତାଙ୍କର ଯତ୍ନ ନେଲେ ।
ଦିନ ୧୨ ଘଣ୍ଟା ସମୟରେ ପ୍ରାୟ ତିନି ଘଣ୍ଟା ପର୍ଯ୍ୟନ୍ତ ସମଗ୍ର ଦେଶ ଉପରେ ଅନ୍ଧକାର ଘୋଟିଗଲା ।
ଏହାପରେ ଯୀଶୁ ଉଚ୍ଚ ସ୍ୱରରେ ଈଶ୍ବରଙ୍କୁ ଡାକିଲେ ।
ପିତଃ, ଆପଣଙ୍କ ହସ୍ତରେ ମୁଁ ମୋର ଆତ୍ମା ସମର୍ପଣ କରୁଅଛି ।
ଏହା କହିବା ପରେ, ସେ ମୃତ୍ୟୁବରଣ କଲେ । ଭୂମିକମ୍ପ ହେଲା, ଆଉ ଯିରୂଶାଲମରେ...




ଏହାର ଉତ୍ତର ଥିଲା - କାଲଭରୀ ନାମକ ପର୍ବତ ଉପରେ ଜଗତର ପାପ ନିମନ୍ତେ ଈଶ୍ୱରଙ୍କ ପୁତ୍ର ନିଜର ଜୀବନ ଦେଇଥିଲେ । ମନ୍ଦିରର ପର୍ଦ୍ଦା ଆଉ ଈଶ୍ୱରଙ୍କ ଉପସ୍ଥିତିରୁ ମନୁଷ୍ୟକୁ ପୃଥକ କରିବ ନାହିଁ, କାରଣ ପୁତ୍ର ଯୀଶୁ ପିତା ଈଶ୍ୱରଙ୍କ ନିକଟକୁ ଯିବାର ଦ୍ୱାର ଉନ୍ମୁକ୍ତ କରିଛନ୍ତି ।

ସହରର ବାହାରେ ଯୀଶୁଙ୍କୁ କ୍ରୁଶାର୍ପିତ କରିଥିବା ରୋମୀୟ କର୍ମଚାରୀ ସୁଦ୍ଧା ଏହିସବୁ ଘଟଣା ଦେଖି ଭୟଭୀତ ହେଲେ । ଭକ୍ତିର ସହିତ ସେ ସେହି ବ୍ୟକ୍ତି ପ୍ରତି ଦୃଷ୍ଟିପାତ କଲେ, ଯିଏ ଶତ୍ରୁମାନଙ୍କୁ କ୍ଷମା କରିଥିଲେ ।







ଯିରୁଶାଲମରେ ଆରାମଥୀୟ ଯୋଷେଫ, ଯିଏ ଯିହୁଦୀ ମହାସଭାର ଜଣେ ସଦସ୍ୟ ଥିଲେ ଏବଂ ଯୀଶୁଙ୍କର ଜଣେ ଗୁପ୍ତ ଶିଷ୍ୟ ଥିଲେ, ସେ ସାହସର ସହିତ ପିଲାତଙ୍କ ନିକଟକୁ ଗଲେ ।




ସମ୍ମାନର ସହିତ, ଯୋଷେଫ କ୍ରୁଶ ଉପରୁ ଯୀଶୁଙ୍କ ଶରୀର ନେଲେ । ଏହାପରେ ସେ ଓ ତାଙ୍କର ବନ୍ଧୁ ନୀକଦୀମ ଏହାକୁ ସୂକ୍ଷ୍ମ ବସ୍ତ୍ରରେ ଗୁଡ଼ାଇ ଯୋଷେଫଙ୍କ ଉଦ୍ୟାନସ୍ଥିତ ସମାଧିରେ ରଖିଲେ ।
ତା'ପରଦିନ ଅତି ପ୍ରତ୍ୟୁଷରେ, ଯାଜକ ଓ ଫାରୂଶୀମାନେ ମଧ୍ୟ ପିଲାତଙ୍କ ନିକଟକୁ ଗଲେ ।
ଆମର ମନେ ଅଛି, ଯୀଶୁ କହୁଥିଲା ଯେ ସେ ତିନିଦିନ ପରେ ମୃତ୍ୟୁରୁ ଉଠିବ । ସେଥିପାଇଁ ସମାଧିକୁ ମୁଦ୍ରାଙ୍କିତ କରି ଜଗି ରହିବା ନିମନ୍ତେ ଆପଣ ନିଜର ସୈନ୍ୟମାନଙ୍କୁ ଆଦେଶ ଦିଅନ୍ତୁ, ଯେପରିକି ତା'ର ଶିଷ୍ୟମାନେ ଶରୀରକୁ ଚୋରି କରି ଦାବୀ କରିପାରିବେ ନାହିଁ ଯେ ଯୀଶୁ ଠିକ୍ କଥା କହିଥିଲେ ।
ଆବଶ୍ୟକ ଅନୁଯାୟୀ ସୈନ୍ୟମାନଙ୍କୁ ନେଇଯାଅ ଓ ତୃତୀୟ ଦିନ ପର୍ଯ୍ୟନ୍ତ ଜଗିରୁହ ।
ଏହିପରି ଭାବରେ ସମାଧିକୁ ମୁଦ୍ରାଙ୍କିତ କରାଗଲା ଏବଂ ରୋମୀୟ ସୈନିକମାନେ ଏହାକୁ ଜଗି ରହିଲେ ।
ନିଜକୁ ଈଶ୍ୱରଙ୍କ ପୁତ୍ର ବୋଲି କହୁଥିବା ବ୍ୟକ୍ତି ସମ୍ବନ୍ଧରେ ଶୁଣିବା ଆମ ପାଇଁ ଶେଷ ହେଲା ।

# ପ୍ରଭୁ ପୁନରୁତ୍ଥିତ ହେଲେ

ମାର୍କ ୧୬:୧-୭; ଯୋହନ ୨୦:୨-୧୮; ମାଥିଉ ୨୮:୧୧-୧୫;
ଲୂକ ୨୪:୧୩-୩୨

କ୍ରବାର ... ଯିରୁଶାଲମର ଠିକ୍ ବାହାରେ ... ନାଜରିତର ଯୀଶୁ କ୍ରୁଶାର୍ପିତ ହେଲେ ଏବଂ ସମାଧିସ୍ଥ ହେଲେ । ଯାଜକ ଓ ଫାରୁଶୀମାନଙ୍କର ଅନୁରୋଧ କ୍ରମେ ସମାଧିକୁ ମୁଦ୍ରାଙ୍କିତ କରାଗଲା ଓ ସୈନିକମାନେ ଏହାକୁ ଜଗି ରହିଲେ ।



ଦ୍ର ତୃତୀୟ ଦିବସର ପ୍ରତ୍ୟୁଷରେ ପୃଥିବୀ ଖୁବ୍ ଜୋର୍‌ରେ କମ୍ପିଲା । ଈଶ୍ୱରଙ୍କର ଜଣେ ଦୂତ ଓହ୍ଲାଇ ଆସି ଓଜନିଆ ପଥରଟିକୁ ଗଡ଼ାଇଦେଲେ । ସୈନ୍ୟମାନେ ଭୟଭୀତ ହୋଇ ଭୂମିରେ ପଡ଼ିଗଲେ । ଉଠିବା ମାତ୍ରେ ସେମାନେ ଦୌଡ଼ି ଦୌଡ଼ି ସହର ମଧ୍ୟକୁ ପଳାୟନ କଲେ ।



ସେମାନେ ଭାବିଲେ ଯେ କେଉଁମାନେ ଯୀଶୁଙ୍କ ଶରୀର ଚୋରି କରି ନେଇଗଲେ । ମରିୟମ ପିତର ଓ ଯୋହନଙ୍କୁ ଏହା କହିବା ପାଇଁ ଦୌଡ଼ିଲେ । କିନ୍ତୁ ଅନ୍ୟମାନେ ସମାଧି ମଧ୍ୟରେ ପ୍ରବେଶ କଲେ ... ଜଣେ ଦୂତଙ୍କୁ ସେଠାରେ ବସିଥିବା ଦେଖି ...




ସହରରେ ମରିୟମଙ୍କ ସମ୍ବାଦପାଇ ପିତର ଓ ଯୋହନ ଏତେ ବିସ୍ମିତ ହୋଇଥିଲେ ଯେ ସେମାନେ ତାଙ୍କ ଆଗେ ଆଗେ ଦୌଡ଼ି ସମାଧିରେ ପହଞ୍ଚିଲେ ..




ମରିୟମ ଉଦ୍ୟାନରେ ପହଞ୍ଚିବା ବେଳକୁ ଅନ୍ୟମାନେ ଯାଇ ସାରିଥିଲେ । ଦୁଃଖରେ ସେ ସେହି ବ୍ୟକ୍ତିର ସ୍ୱର ଚିହ୍ନିପାରି ନ ଥିଲେ, ଯିଏ ତାଙ୍କୁ ପ୍ରଶ୍ନ କରୁଥିଲେ ।



ଧୀର ସ୍ୱରରେ ଯୀଶୁ ଡାକିଲେ, "ମରିୟମ" । ସେ ଫେରି ନିଜର ପୁନରୁତ୍ଥିତ ପ୍ରଭୁଙ୍କୁ ଦେଖିଲେ ।







ସୈନ୍ୟମାନେ ମିଥ୍ୟା କଥା ପ୍ରଚାର କରିବା ସମୟରେ ଯୀଶୁ ନିଜର ଦୁଇଶିଷ୍ୟଙ୍କ ସହିତ ଇମ୍ମାୟୁ ପଥରେ ଯୋଗ ଦେଇଥିଲେ । ସେମାନେ ତାଙ୍କ ସହିତ କଥାବାର୍ତ୍ତା କରୁଥିଲେ, ମାତ୍ର ସେମାନେ ତାଙ୍କୁ ଚିହ୍ନିପାରି ନ ଥିଲେ ।





# ବନ୍ଦଦ୍ୱାର ଭିତରେ

## ଲୂକ ୨୪:୩୩-୪୩; ଯୋହନ ୨୦:୧୯-୨୧:୬







ହଁ, ଆମେ ଜାଣିଛୁ ଯେ ମଗଦଲିନୀ ମରିୟମ ତାଙ୍କୁ ଦେଖିଛନ୍ତି ଏବଂ ପିତର ମଧ୍ୟ ଦେଖିଛନ୍ତି ।
ହଁ, ମୁଁ ତାଙ୍କୁ ଅସ୍ୱୀକାର କରିଥିଲେ ସୁଦ୍ଧା ସେ ମୋ ନିକଟକୁ ଆସିଥିଲେ
ହଠାତ୍, ଯୀଶୁ ସେହି କୋଠରୀ ମଧ୍ୟରେ ଆବିର୍ଭାବ ହେଲେ । କିନ୍ତୁ ପ୍ରେରିତମାନେ ଗୋଟିଏ ଭୂତ ଦେଖୁଛନ୍ତି ବୋଲି ମନେକଲେ ।
ତୁମ୍ଭେମାନେ କାହିଁକି ଭୟ କରୁଅଛ ? ଏ ତ ମୁଁ ଅଟେ... ମୋର ହସ୍ତ ଓ ପଦ ଦେଖ ।
ହେ ପ୍ରଭୁ, ଆପଣ ପ୍ରକୃତରେ ଆସିଅଛନ୍ତି ।
ମୁଁ ଯେ ବାସ୍ତବ ଅଟେ, ଏହା ତୁମ୍ଭମାନଙ୍କୁ ଦେଖାଇବା ନିମନ୍ତେ ମୋତେ କିଛି ଖାଦ୍ୟ ଦିଅ ଓ ମୁଁ ତାହା ଭୋଜନ କରିବି ।
ଶିଷ୍ୟମାନେ ଥୋମାଙ୍କୁ ଦେଖା କରିବାକୁ ଦୌଡିଲେ ।
ଯୀଶୁ ଉଠିଅଛନ୍ତି! ଆମେ ତାଙ୍କୁ ଦେଖିଅଛୁ ।
ମୁଁ ତାଙ୍କର କଣ୍ଟାବିଦ୍ଧ ହସ୍ତ ନ ଦେଖିବା ପର୍ଯ୍ୟନ୍ତ ବିଶ୍ୱାସ କରିବି ନାହିଁ ।


ଗୋଟିଏ ସପ୍ତାହ ପରେ ଥୋମା ଶିଷ୍ୟମାନଙ୍କ ଗହଣରେ ଥିବା ସମୟରେ ସେହି ଉର୍ଦ୍ଧ୍ୱ କୋଠରୀରେ ଯୀଶୁ ପୁନର୍ବାର ଦେଖାଦେଲେ ।
ଥୋମା, ମୋର ହସ୍ତ ଓ କକ୍ଷ ଦେଶ ସ୍ପର୍ଶ କର ।


ମୋର ପ୍ରଭୁ ! ମୋର ଈଶ୍ୱର !
ଥୋମା, ତୁମେ ଦେଖିବାରୁ ବିଶ୍ୱାସ କରିଅଛ; ମାତ୍ର ଯେଉଁମାନେ ମୋତେ ନ ଦେଖି ବିଶ୍ୱାସ କରିଅଛନ୍ତି, ସେମାନେ ଧନ୍ୟ ।
ଯୀଶୁ ପୁନର୍ବାର ସେମାନଙ୍କ ଦୃଷ୍ଟି ଗୋଚରରୁ ଅନ୍ତର୍ହିତ ହେଲେ ।


ଯୀଶୁ ଦେଇଥିବା ଏକ ଆଦେଶ ଅନୁସାରେ, ଶିଷ୍ୟମାନେ ଗାଲିଲୀର ଉତ୍ତରକୁ ଗଲେ । ଦିନେ ସଂନ୍ଧ୍ୟାରେ ସେମାନେ ମାଛ ଧରୁଥିଲେ । ସେମାନେ ରାତିସାରା ମାଛ ଧରିବାକୁ ଚେଷ୍ଟା କଲେ, ମାତ୍ର କିଛି ଧରିପାରିଲେ ନାହିଁ । ସକାଳେ ସେମାନେ ଗୋଟିଏ ବ୍ୟକ୍ତିଙ୍କୁ ଦୂରରେ କୂଳ ଉପରେ ଠିଆ ହୋଇଥିବା ଦେଖିଲେ ।
ନୌକାର ଡାହାଣ ପଟେ ଜାଲ ବିଛାଅ ।


ସେମାନେ ଆଜ୍ଞା ପାଳନ କଲେ...ଆଉ ଜାଲଟି ମାଛରେ ଏପରି ପରିପୂର୍ଣ୍ଣ ହେଲା ଯେ ସେମାନେ ଏହାକୁ ଟାଣି ପାରିଲେ ନାହିଁ ।

# ଶେଷ ଆଜ୍ଞା

## ଯୋହନ ୨୧:୭-୧୮ ; ମାଥିଉ ୨୮:୧୬-୨୦; ଲୂକ ୨୪:୪୪-୫୧







ଭୋଜନ ସମାପ୍ତ କରିବା ପରେ ଯୀଶୁ ପିତରଙ୍କ ପ୍ରତି ଦୃଷ୍ଟିପାତ କଲେ ।
ପିତର, ତୁମେ କ'ଣ ମୋତେ ପ୍ରେମ କର ?
ହଁ, ପ୍ରଭୋ, ଏହା ଆପଣ ଜାଣନ୍ତି ।
ଆଉ ଦୁଇଥର ଯୀଶୁ ପିତରଙ୍କୁ ସେହି ସମାନ ପ୍ରଶ୍ନ ପଚାରିଲେ ଆଉ ପ୍ରତ୍ୟେକଥର ପିତର ନିଜର ବିଶ୍ୱସ୍ତତା ଘୋଷଣା କଲେ । ଏହାପରେ ଯୀଶୁ ତାଙ୍କୁ ଗୋଟିଏ ବଡ଼ କାର୍ଯ୍ୟ ଦେଲେ ।
ପିତର, ମୋର ଅନୁଗାମୀମାନଙ୍କର ଯତ୍ନ ନିଅ ।
କିଛି ଦିନ ପରେ, ଯୀଶୁ ଏକାସାଂଗରେ ୫୦୦ ଲୋକଙ୍କୁ ଦେଖାଦେଲେ । ସେମାନେ ଯୀଶୁଙ୍କ ଆଦେଶ କ୍ରମେ ଗାଲିଲୀ ସମୁଦ୍ର ନିକଟରେ ଥିବା ଗୋଟିଏ ପର୍ବତର ପାଦଦେଶରେ ଏକତ୍ରିତ ହୋଇଥିଲେ । ସେ ସେମାନଙ୍କୁ ଗୋଟିଏ ମହାନ୍ ଆଜ୍ଞା ପ୍ରଦାନ କଲେ :
ତୁମ୍ଭେମାନେ ସମଗ୍ର ଜାତି ନିକଟକୁ ଯାଇ ଶିକ୍ଷାଦିଅ, ପିତା, ପୁତ୍ର ଓ ପବିତ୍ରଆତ୍ମାଙ୍କ ନାମରେ ବାପ୍ତିସ୍ମ ଦିଅ । ମୁଁ ତୁମ୍ଭମାନଙ୍କୁ ଯେଉଁ ଯେଉଁ ଆଜ୍ଞା ଦେଇଅଛି ସେଗୁଡ଼ିକୁ ପାଳନ କରିବାକୁ ସେମାନଙ୍କୁ ଶିକ୍ଷାଦିଅ । ଆଉ ଦେଖ, ଯୁଗାନ୍ତ ପର୍ଯ୍ୟନ୍ତ ସଦାସର୍ବଦା ମୁଁ ତୁମ୍ଭମାନଙ୍କ ସଂଗେ ସଂଗେ ଅଛି ।


ଏହାପରେ ଶିଷ୍ୟମାନେ ଯିରୂଶାଲମକୁ ଫେରି ଆସିଲେ । ସେଠାରେ ଯୀଶୁ ସେମାନଙ୍କ ସହିତ ସାକ୍ଷାତ୍ କରି ବୁଝାଇଲେ - କିପରି ନିଜର ମୃତ୍ୟୁ ଓପୁନରୁତ୍ଥାନ ଦ୍ୱାରା ସେ ଜଗତର ତ୍ରାଣକର୍ତ୍ତା ହେବା ନିମେନ୍ତ ଈଶ୍ୱର କରିଥିବା ଯୋଜନାକୁ ସଫଳ କରିଥିଲେ । ଏହି କାର୍ଯ୍ୟ କରିଚାଲିବା ନିମନ୍ତେ ସେ ସେମାନଙ୍କୁ ଦାୟିତ୍ୱ ଦେଲେ ''କିନ୍ତୁ ଈଶ୍ୱରଙ୍କ ପବିତ୍ରାତ୍ମାଙ୍କ ଶକ୍ତି ତୁମ୍ଭମାନଙ୍କ ନିକଟକୁ ନ ଆସିବା ପର୍ଯ୍ୟନ୍ତ ଯିରୂଶାଲମରେ ରହିଥାଅ ।'' - ସେ କହିଥିଲେ ।
ପୁନରୁତ୍ଥାନର ୪୦ ତମ ଦିବସରେ ଯୀଶୁ ଶିଷ୍ୟମାନଙ୍କୁ ନେଇ ବେଥନିୟା ନିକଟସ୍ଥ ଜୀତ ପର୍ବତକୁ ଗଲେ ଏବଂ ସେମାନଙ୍କୁ ଆଶୀର୍ବାଦ କରୁ କରୁ ସ୍ୱର୍ଗାରୋହଣ କଲେ ।

# ଆପଣ କିପରି ଈଶ୍ୱରଙ୍କର ସୁନ୍ଦର ପରିବାରର ଅଂଶବିଶେଷ ହୋଇପାରିବେ ?

ଈଶ୍ୱର ପରିବାରଗୁଡ଼ିକୁ ଭଲ ପାଆନ୍ତି । ଏହି ଜଗତ ସୃଷ୍ଟି କରିବା ପରେ ସେ ଜଣେ ପୁରୁଷ ଓ ଜଣେ ସ୍ତ୍ରୀକୁ ନେଇ ପ୍ରଥମ ପରିବାର ସୃଷ୍ଟି କରିଥିଲେ ।ସେମାନଙ୍କ ନାମ ଥିଲା ଆଦମ ଓ ହବା । ସେମାନଙ୍କ ପ୍ରଥମ ଗୃହ ଗୋଟିଏ ସୁନ୍ଦର ବାସସ୍ଥଳୀ ଏଦନ ଉଦ୍ୟାନରେ ଥିଲା ।




ଈଶ୍ୱର ଉତ୍ତମ ଈଶ୍ୱର ଅଟନ୍ତି ଏବଂ ସେ କେବଳ ଉତ୍ତମ ବିଷୟ ଆଦମ ଓ ହବାଙ୍କ ପ୍ରତି ଘଟୁ ବୋଲି ସେ ଚାହିଁଥିଲେ ।ସେମାନେ କଣକରିବା ଉଚିତ ଓ କଣ ନ କରିବା ଉଚିତ - ଏହା ଈଶ୍ୱର ସେମାନଙ୍କୁ କହିଥିଲେ । ଈଶ୍ୱର ଆଜ୍ଞାବହ ହେବା କିମ୍ବା ଅନାଜ୍ଞାବହ ହେବା - ଏହା ମନୋନୟନ କରିବାକୁ ଆଦମ ଓ ହବାଙ୍କର କ୍ଷମତା ଥିଲା ।



ଶୟତାନ ଈଶ୍ୱରଙ୍କୁ ଘୃଣା କରୁଥିଲା । ସେ ସର୍ପ ବେଶରେ ଆଦମ ଓ ହବାଙ୍କର ଉଦ୍ୟାନଗୃହ ମଧ୍ୟକୁ ଆସିଲା । ଶୟତାନ ହବାଙ୍କୁ କହିଲା ଯେ ଈଶ୍ୱର ସେମାନଙ୍କୁ ସତ୍ୟ କହି ନାହାନ୍ତି । ଆଉ ହବା ଫଳ ବିଷୟରେ ଶୟତାନ ଯାହା କହୁଥିଲା, ତାହା ବିଶ୍ୱାସ କଲେ । ଆଦମ ଜାଣିଥିଲେ, ସେ ଏହା ଖାଇବା ଉଚିତ ନ ଥିଲା, ମାତ୍ର ଅବାଧ୍ୟ ହେବା ପାଇଁ ସେ ନିଷ୍ପତ୍ତି ନେଲେ ।

ଯେତେବେଳେ ଆଦମ ଓ ହବା ଈଶ୍ୱରଙ୍କର ଅବାଧ ହେଲେ, ସେତେବେଳେ କିଛି ଭୟଙ୍କର ଘଟଣା ଘଟିଲା । ସେମାନେ ଭୟଭୀତ ହୋଇ ଈଶ୍ୱରଙ୍କଠାରୁ ଲୁଚିବା ପାଇଁ ଚେଷ୍ଟା କଲେ । ଈଶ୍ୱର ସେମାନଙ୍କୁ କହିଲେ ଯେ ସେମାନେ ପାପ କରିଥିବାରୁ ସେମାନଙ୍କୁ ଏଦନ ଉଦ୍ୟାନ ପରିତ୍ୟାଗ କରିବାକୁ ହେବ, ଗୋଟିଏ ସୁଖୀ ଜଗତ ହେବା ପରିବର୍ତ୍ତେ ପୃଥିବୀ ଗୋଟିଏ ଦୁଃଖର ସ୍ଥାନ ହୋଇଗଲା । ପ୍ରେମ ବଦଳରେ, ଘୃଣା ଦେଖାଦେଲା ଏବଂ ଲୋକମାନେ ଏକକୁ ଆରେକ ହତ୍ୟାକରିବାକୁ ଲାଗିଲେ ।







କଇନ ଓ ହେବଲ ଆଦମ ଓ ହବାଙ୍କର ଦୁଇ ପୁତ୍ର ଥିଲେ । ଈଶ୍ୱର ସେମାନଙ୍କୁ କହିଥିଲେ ଯେ ଯଦି ସେମାନେ ପାପ କ୍ଷମା ଚାହାଁନ୍ତି, ତେବେ ଗୋଟିଏ ନିଖୁନ୍ତ ପଶୁକୁ ବଳି ଭାବରେ ଉତ୍ସର୍ଗ କରିବାକୁ ହେବ । କୟିନ ସୁନ୍ଦର ଫଳ ଉତ୍ପନ୍ନ କରୁଥିଲା ଏବଂ ସେ ତାହା ଈଶ୍ୱରଙ୍କୁ ଉତ୍ସର୍ଗ କଲା, କିନ୍ତୁ କୟିନ ଈଶ୍ୱରଙ୍କ ନିର୍ଦ୍ଦେଶ ମାନି ନ ଥିବାରୁ ଈଶ୍ୱର ଅସନ୍ତୁଷ୍ଟ ହେଲେ । ଈଶ୍ୱର ହେବଲର ବଳିଦାନ ଗ୍ରହଣ କଲେ ମାତ୍ର ତାର ନୈବେଦ୍ୟକୁ ଅଗ୍ରାହ୍ୟ କଲେ । ସେଥିପାଇଁ ସେ ଈର୍ଷାଳୁ ଓ କ୍ରୁଦ୍ଧ ହୋଇ ହେବଲକୁ ହତ୍ୟା କଲେ ।

ଲୋକମାନେ ମନ୍ଦକାର୍ଯ୍ୟ କରିଚାଲିଲେ ଏବଂ ଶେଷରେ ଜଗତ ଏତେ ଅବାଧ ହେଲା ଯେ ଈଶ୍ୱର ଗୋଟିଏ ବ୍ୟକ୍ତିର ପରିବାରକୁ ଛାଡିଦେଇ ସମଗ୍ର ଜଗତକୁ ଧ୍ୱଂସ କରିବାକୁ ନିଷ୍ପତ୍ତି ନେଲେ । ସେହିବ୍ୟକ୍ତି, ନୋହ ଈଶ୍ୱରଙ୍କୁ ପ୍ରେମ କରୁଥିଲେ ଏବଂ ଈଶ୍ୱରଙ୍କ ଆଜ୍ଞାବହ ହେବାକୁ ଚେଷ୍ଟା କରୁଥିଲେ । ସେଥିପାଇଁ ଈଶ୍ୱର ଗୋଟିଏ ବଡ଼ଜାହାଜ ନିର୍ମାଣ କରିବାକୁ କହିବାରୁ ନୋହ ତାହା ନିର୍ମାଣ କଲେ ଓ ବନ୍ୟା ସମୟରେ ରକ୍ଷା ପାଇଲେ ।



ଶହ ଶହ ବର୍ଷ ଧରି ଈଶ୍ୱରଙ୍କୁ ପ୍ରେମ କରୁଥିବା ବ୍ୟକ୍ତିମାନେ ପାପକ୍ଷମା ନିମନ୍ତେ ପଶୁ ଉତ୍ସର୍ଗ କରି ତାଙ୍କର ଆଜ୍ଞା ବହ ହୋଇଥିଲେ । କିନ୍ତୁ ଅଧିକାଂଶ ଲୋକ ଈଶ୍ୱରଙ୍କର ଅବାଧ ହୋଇ ନିଜ ନିଜ ହସ୍ତନିର୍ମିତ ଦେବତାମାନଙ୍କୁ ପୂଜା କରୁଥିଲେ । ସେହି ଦେବତାମାନଙ୍କୁ ସେମାନେ ଧାତୁ କିମ୍ବା କାଷ୍ଠରେ ନିର୍ମାଣ କରୁଥିଲେ ।



ଅବ୍ରାହାମ ଓ ତାଙ୍କର ସ୍ତ୍ରୀ, ସାରା ଈଶ୍ୱରଙ୍କୁ ପ୍ରେମ କରୁଥିଲେ । ସେମାନଙ୍କର କୌଣସି ସନ୍ତାନ ସନ୍ତତି ନ ଥିଲେ; ଏହି ବନ୍ଧ୍ୟାତ୍ୱକୁ ସେହି ସମୟରେ ଗୋଟିଏ ଭୟଙ୍କର ସମସ୍ୟା ଭାବରେ ଗ୍ରହଣ କରାଯାଉଥିଲା । ଈଶ୍ୱର କହିଥିଲେ ଯଦିଓ ସେମାନେ ବୃଦ୍ଧ-ପ୍ରାୟ ୯୦ ବର୍ଷ ବୟସ୍କ-ତଥାପି ସେ ସେମାନଙ୍କୁ ଗୋଟିଏ ପୁତ୍ର ଦେବେ ଏବଂ ଏହି ପୁତ୍ର ଇସ୍‌ହାକ୍‌ଙ୍କର ସନ୍ତାନମାନେ ଗୋଟିଏ ବିଖ୍ୟାତ ଜାତି ହେବେ ।

ଅବ୍ରାହାମ ଇସ୍‌ହାକଙ୍କୁ ପ୍ରେମ କରୁଥିଲେ, କିନ୍ତୁ ଦିନେ ଈଶ୍ୱର ଅବ୍ରାହାମ୍‌ଙ୍କର ବିଶ୍ୱାସକୁ ପରୀକ୍ଷା କରିବାକୁ ଚାହିଁଲେ । ସେ ତାଙ୍କ ଜୀବନରେ ପ୍ରଥମ କିମ୍ବା ନୁହେଁ ଏହା ସେ ଦେଖିବାକୁ ଚାହୁଁଥିଲେ । ଗୋଟିଏ ବେଦୀ ଉପରେ ନିଜର ଏକମାତ୍ର ପୁତ୍ରଙ୍କୁ ଉତ୍ସର୍ଗ କରିବା ନିମନ୍ତେ ସେ ଅବ୍ରାହାମ୍‌ଙ୍କୁ କହିଲେ । ଅବ୍ରାହାମ ଈଶ୍ୱରଙ୍କ ଉପରେ ଏତେ ବିଶ୍ୱାସ ରଖିଥିଲେ ଯେ ସେ ବାଧ୍ୟ ହେବାକୁ ଇଚ୍ଛା କଲେ କିନ୍ତୁ ଏହାପରେ ଈଶ୍ୱର ତାଙ୍କୁ ଅଟକାଇ ଦେଲେ ଏବଂ ପୁତ୍ର ବଦଳରେ ଗୋଟିଏ ପଶୁ ଉତ୍ସର୍ଗ କରିବା ନିମନ୍ତେ ଅବ୍ରାହାମଙ୍କୁ କହିଲେ । ଏହାର ଦୁଇହଜାର ବର୍ଷ ପରେ ଈଶ୍ୱରଙ୍କର ଏକମାତ୍ର ପୁତ୍ର, ଯୀଶୁ ସେହି ସମାନ ସ୍ଥାନରେ କ୍ରୁଶାର୍ପିତ ହୋଇଥିଲେ ।








କିଶାନରେ ଯେତେବେଳେ ଦୁର୍ଭିକ୍ଷ ପଡ଼ିଲା, ଅବ୍ରାହାମଙ୍କର ବଂଶଧରମାନେ ମିସରକୁ ପଳାୟନ କଲେ । ସେଠାରେ ଏବ୍ରୀୟମାନେ ୪୦୦ ବର୍ଷ ଧରି ବାସ କଲେ । ମିସରୀୟମାନେ ସେମାନଙ୍କ ବିରୁଦ୍ଧରେ ଉଠି ସେମାନଙ୍କୁ ଦାସ ଭାବରେ ବଳପୂର୍ବକ କାର୍ଯ୍ୟ କରାଇବାରୁ ଲୋକମାନେ ଈଶ୍ୱରଙ୍କ ସାହାଯ୍ୟ ନିମନ୍ତେ କ୍ରନ୍ଦନ କଲେ । ସେମାନଙ୍କର କ୍ରନ୍ଦନ ଶୁଣି ଦାସତ୍ୱରୁ ରକ୍ଷା କରିବାକୁ ସେ ମୋଶାଙ୍କୁ ପ୍ରେରଣ କଲେ ।




ଛୋଟବେଳେ ମୋଶାଙ୍କର ମା' ତାଙ୍କୁ ଗୋଟିଏ ଟୋକେଇରେ ଲୁଚାଇରଖି ଜଳରେ ଭସାଇ ଦେଇଥିଲେ । ତାଙ୍କୁ ମିସରୀୟ ରାଜକୁମାରୀ ବଞ୍ଚାଇଥିଲେ । ଅନେକ ବର୍ଷ ପରେ ଈଶ୍ୱର ମୋଶାଙ୍କୁ ଗୋଟିଏ ଜ୍ୱଳନ୍ତ ବୁଦା ମଧ୍ୟରୁ ଆହ୍ୱାନ କରି ଫାରୋଙ୍କ ନିକଟକୁ ପ୍ରେରଣ କରିଥିଲେ । ଏହାପରେ ଈଶ୍ୱର ଏବଂ ଫାରୋଙ୍କ ମଧ୍ୟରେ ଶକ୍ତି ଓ ଇଚ୍ଛାର ଗୋଟିଏ ପ୍ରତିଦ୍ୱନ୍ଦିତା ଚାଲିଲା ।




ଏହା ପରେ ଗୋଟିଏ ଅତି ପ୍ରସିଦ୍ଧ ଘଟଣା ଘଟିଲା । ଈଶ୍ୱର ଲୋକମାନଙ୍କୁ ମିସରରୁ ବାହାର କରି ଆଣିଲେ । ଏହାକୁ ସ୍ମରଣ କରିବା ପାଇଁ ଆଜି ପର୍ଯ୍ୟନ୍ତ ନିସ୍ତାର ପର୍ବ ପାଳିତ ହେଉଛି । ସମଗ୍ର ମିସରରେ ଜ୍ୟେଷ୍ଠପୁତ୍ରମାନଙ୍କର ମୃତ୍ୟୁ ହେବ ବୋଲି ମୋଶା କହିଲେ । କିନ୍ତୁ ନିଜ ନିଜ ପରିବାରକୁ କିପରି ରକ୍ଷା କରାଯାଇପାରିବ, ତାହା ମଧ୍ୟ ସେ ଜଣାଇଲେ ।
ଆମକୁ ଛାଡ଼ିଦେବାର ପ୍ରତିଜ୍ଞାକୁ ଫାରୋ ୯ ଥର ଭଂଗ କରିଛନ୍ତି । ଏହିଥର ସେ କ'ଣ କରିବେ ?
ନିଶ୍ଚିତ ଭାବରେ ଏହା ଆମକୁ ଦାସତ୍ୱରୁ ମୁକ୍ତି ଦେବ ।
ତୁମେ କାହିଁକି ଆମ ଦ୍ୱାର ବନ୍ଧରେ ମେଷଶାବକର ରକ୍ତ ଲଗାଉଛ ?
ଈଶ୍ୱର ମୋଶାଙ୍କୁ କହିଛନ୍ତି ଯେ ରକ୍ତ ଚିହ୍ନ ଦେଖିଲେ ମୃତ୍ୟୁ ଦୂତ ସେହି ଗୃହ ଅତିକ୍ରମ କରି ଚାଲିଯିବେ ।
ସେହି ଦିନ ସଂଧ୍ୟାରେ ପ୍ରତ୍ୟେକ ଏବ୍ରୀୟ ମିସର ପରିତ୍ୟାଗ କରିବାକୁ ପ୍ରସ୍ତୁତ ହୋଇଗଲେ । ସେମାନେ ଗୋଟିଏ ନିସ୍ତାର ଭୋଜ ଖାଇଲେ କାରଣ ମୃତ୍ୟୁ ଦୂତ ସେମାନଙ୍କ ଗୃହଗୁଡ଼ିକୁ ଅତିକ୍ରମ କରି ଚାଲି ଯାଇଥିଲେ ।



ପରଦିନ ପ୍ରଭାତରେ ଫାରୋ ଏବ୍ରୀୟମାନଙ୍କୁ ଯିବା ପାଇଁ ଅନୁମତି ଦେଲେ । ଏହାପରେ, ସେ ପୁନର୍ବାର ମନ ପରିବର୍ତ୍ତନ କଲେ ଏବଂ ମୋଶା ଓ ଲୋକମାନଙ୍କ ପଛରେ ନିଜର ସୈନ୍ୟ ପ୍ରେରଣ କଲେ । ଏବ୍ରୀୟମାନେ ମିସରୀୟ ସୈନ୍ୟ ଓ ଲୋହିତ ସାଗର ମଧ୍ୟରେ ରହିଗଲେ । ଏହାପରେ ଗୋଟିଏ ଆଶ୍ଚର୍ଯ୍ୟଜନକ ଘଟଣା ଘଟିଲା । ଲୋହିତ ସାଗର ମଧ୍ୟରେ ଗୋଟିଏ ପଥ ଦେଖାଗଲା ଓ ଏବ୍ରୀୟମାନେ ଶୁଷ୍କପଥ ଦେଇ ଲୋହିତ ସାଗର ଅତିକ୍ରମ କଲେ । ଏହି ଘଟଣା ଯୁଗଯୁଗ ଧରି ଈଶ୍ୱରଙ୍କ ନିମନ୍ତେ ପ୍ରଶଂସା ଆଣିଦେଲା । ଏହିି ଘଟଣାକୁ ପ୍ରସ୍ଥାନ ଯାତ୍ରା କୁହାଯାଏ । ଈଶ୍ୱର କିପରି ନିଜର ପରିବାରକୁ ରକ୍ଷା କରନ୍ତି, ନିସ୍ତାର ଭୋଜ ଓ ପ୍ରସ୍ଥାନ ଯାତ୍ରା ଏହାର ଦୃଷ୍ଟାନ୍ତ ଅଟେ । ପାପର ଦାସତ୍ୱରୁ ମୁକ୍ତି ପାଇ ତାଙ୍କ ପରିବାରର ଏକ ସଦସ୍ୟ ହେବା ନିମନ୍ତେ ପ୍ରତ୍ୟେକ ବ୍ୟକ୍ତିକୁ ଈଶ୍ୱର କିପରି ଏକ ପଥ ଦେଖାନ୍ତି - ଏହି ଘଟଣାଗୁଡ଼ିକ ତାର ନିଦର୍ଶନ ଅଟେ ।

୧୫୦୦ ବର୍ଷପରେ, ଯୀଶୁ ପ୍ରତ୍ୟେକ ବର୍ଷ ନିସ୍ତାର ଭୋଜ ପାଳନ କରୁଥିଲେ ଏବଂ ଠିକ୍ ତାଙ୍କର କ୍ରୁଶାର୍ପିତ ହେବା ପୂର୍ବରୁ ଯୀଶୁ ନିଜ ଶିଷ୍ୟମାନଙ୍କ ସହିତ ଏହି ପର୍ବ ପାଳନ କରୁଥିଲେ । ଯାହାକୁ ''ଶେଷ ରାତ୍ରଭୋଜ'' କୁହାଯାଏ ।



ପ୍ରସ୍ଥାନ ଯାତ୍ରାପରେ, ଈଶ୍ୱର ମୋଶାଙ୍କୁ ପର୍ବତ ଉପରକୁ ଡାକି ନେଲେ ଓ ତାଙ୍କୁ ଦଶଆଜ୍ଞା ପ୍ରଦାନ କଲେ । ଲୋକମାନେ କିପରି ଜୀବନ ଯାପନ କରିବା ଉଚିତ - ଏହା ସମ୍ବନ୍ଧରେ ଏହି ଦଶ ଆଜ୍ଞା ଈଶ୍ୱରଙ୍କ ନିର୍ଦ୍ଦେଶ ଥିଲା ଏବଂ ଈଶ୍ୱରଙ୍କ ଉଚ୍ଚ ଆଦର୍ଶ ଅନୁସାରେ ବଞ୍ଚିବା ଯେ ଅସମ୍ଭବ, ଏହା ଲୋକମାନଙ୍କୁ ଦର୍ଶାଇବା ନିମନ୍ତେ ଏଗୁଡ଼ିକ ପରିମାପକ ଦଣ୍ଡଥିଲା । ଏଗୁଡ଼ିକ ମଧ୍ୟରୁ ପ୍ରତ୍ୟେକ ବ୍ୟକ୍ତି ଅନ୍ତତଃ ଗୋଟିଏ ଆଜ୍ଞା ଉଲ୍ଲଙ୍ଘନ କରିଥାନ୍ତି । ଏହି ଆଜ୍ଞାକୁ ଲଙ୍ଘନ କରିବାକୁ ଈଶ୍ୱର ''ପାପ'' ବୋଲି କହନ୍ତି ।





ଈଶ୍ୱର ନିଜ ଲୋକଙ୍କ ପାଇଁ ବାରମ୍ବାର କାର୍ଯ୍ୟ କରୁଥିଲେ ସୁଦ୍ଧା ସେମାନେ ଈଶ୍ୱରଙ୍କ ବିରୁଦ୍ଧରେ ଅଭିଯୋଗ କରୁଥିଲେ ଏବଂ ତାଙ୍କର ଅବାଧ ହେଉଥିଲେ । ଦିନେ ସେମାନଙ୍କୁ ଦଣ୍ଡ ଦେବା ପାଇଁ ଈଶ୍ୱର ସେମାନଙ୍କ ମଧ୍ୟକୁ ବିଷଧର ସର୍ପସବୁ ପ୍ରେରଣ କଲେ, ଆଉ ଅନେକ ଲୋକ ସର୍ପଦଂଶନ ଯୋଗୁ ମୃତ୍ୟୁ ମୁଖରେ ପଡ଼ିଲେ ।

ଏହାପରେ ଲୋକମାନେ ସେମାନଙ୍କର ପାପ ନିମନ୍ତେ କ୍ଷମା ମାଗିଲେ ଏବଂ ଈଶ୍ୱର ମୋଶାଙ୍କୁ କହିଲେ, ଏହି ସର୍ପଗୁଡ଼ିକ ମଧ୍ୟରୁ ଗୋଟିକର ଏକ ପିତ୍ତଳ ପ୍ରତିମୂର୍ତ୍ତୀ ନିର୍ମାଣ କରି ଗୋଟିଏ ସ୍ତମ୍ଭ ଉପରେ ଝୁଲାଇଦିଅ, ସର୍ବଦ୍ୱାରା ଦଂଶିତ ହୋଇଥିବା ଯେ- କୌଣସି ବ୍ୟକ୍ତି ଏହାପ୍ରତି ଦୃଷ୍ଟିପାତ କରିବା ମାତ୍ରେ ବଞ୍ଚିବ ।'' ବିଶ୍ୱାସ କିପରି ଲୋକମାନଙ୍କୁ ସେମାନଙ୍କ ପାପରୁ ମୁକ୍ତ କରିପାରେ, ତାହାର ଏକ ଦୃଷ୍ଟାନ୍ତ ଭାବରେ ଏହି କାହାଣୀ କୁହାଯାଇଛି ।






ଇସ୍ରାଏଲ ଲୋକମାନେ ଅନେକଥର ସତ୍ୟ ଈଶ୍ୱରଙ୍କର ଅନାଜ୍ଞାବହ ହୋଇ ସେମାନଙ୍କ ଚତୁପାର୍ଶ୍ୱରେ ଥିବା ଅନ୍ୟ ଦେଶୀୟମାନଙ୍କର ଦେବତାମାନଙ୍କୁ ପୂଜ କରୁଥିଲେ । ନିଜ ନିଜ ପାପରୁ କ୍ଷମା ପାଇବାକୁ ଏବଂ ଈଶ୍ୱରଙ୍କ ସହିତ ଏକ ଉତ୍ତମ ସଂପର୍କ ମଧ୍ୟକୁ ପୁନର୍ବାର ଫେରି ଆସିବାକୁ ଲୋକମାନଙ୍କ ପାଇଁ ଏକ ଉପାୟ ଥିଲା ଗୋଟିଏ ନିଖୁନ୍ତ ପଶୁର ବଳିଦାନ ।

ଅନେକ ବର୍ଷପରେ ରାଜା ଦାଉଦଙ୍କ ପୁତ୍ର ଶଲୋମନଙ୍କୁ ଈଶ୍ୱରଙ୍କ ନିମନ୍ତେ ଗୋଟିଏ ସ୍ଥାୟୀ ଗୃହ ବା ମନ୍ଦିର ନିର୍ମାଣ କରିବାକୁ ଆଦେଶ ମିଳିଲା । ଏହି ମନ୍ଦିରରେ ଈଶ୍ୱରଙ୍କ ଉଦ୍ଦେଶ୍ୟରେ ପ୍ରତିଦିନ ବଳି ଉତ୍ସର୍ଗ କରାଯାଉଥିଲା । ଯେପରିକି ଲୋକମାନଙ୍କୁ ପାପକ୍ଷମା ମିଳିପାରିବ । ଯଦିଓ ମନ୍ଦିରଟିକୁ ଅନେକ ଥର ଧ୍ୱଂସ କରାଯାଇଥିଲା ଓ ପୁନଃ ନିର୍ମାଣ କରାଯାଇଥିଲା, ତଥାପି ଏହି ସ୍ଥାନକୁ ଆସି ଯୀଶୁ ନିଜ ପିତାଙ୍କର ଉପାସନା କରୁଥିଲେ ।



ରାଜା ଦାଉଦ ଓ ଯୀଶୁଙ୍କ ମଧ୍ୟରେ ୧୦୦୦ ବର୍ଷ ସମୟ ବ୍ୟବଧାନରେ, ଇସ୍ରାଏଲର ଲୋକମାନେ, ପ୍ରାୟ ଇଶ୍ୱରଙ୍କର ଅବାଧ ହେଉଥିଲେ । ବର୍ଷ ବର୍ଷ ଧରି ଇଶ୍ୱରଙ୍କ ଭାବବାଦୀମାନେ ପାପ ପରିତ୍ୟାଗ କରି ଇଶ୍ୱରଙ୍କ ପ୍ରତି ଫେରିବାକୁ ଲୋକମାନଙ୍କୁ କହୁଥିଲେ । ସେମାନେ ଏହି ଭାବବାଣୀ ମଧ୍ୟ କହିଚାଲିଥିଲେ ଯେ ଇଶ୍ୱର ''ମସିହ'' ଭାବରେ ଆସିବେ ।




ଇସ୍ରାଏଲର ଲୋକମାନେ ଆମ ସମସ୍ତଙ୍କ ସଦୃଶ, କାରଣ ଆମେ ସମସ୍ତେ ଭୁଲ୍ କରିଅଛୁ । ଏହି ଭୁଲ୍ କାର୍ଯ୍ୟ ଏବଂ ଚିନ୍ତାକୁ ପାପ କୁହାଯାଏ । ବାଇବଲ କହେ ଯେ ପ୍ରତ୍ୟେକେ ଇଶ୍ୱରଙ୍କ ବିରୁଦ୍ଧରେ ବିଦ୍ରୋହ କରି ପାପ ପୂର୍ଣ୍ଣ ଭାବରେ ବଞ୍ଚିଛନ୍ତି । ଆମର ପାପସବୁ ଆମକୁ ଇଶ୍ୱରଙ୍କ ପରିବାର ଦୂରେଇ ଦେଇଛି ।

କି କିନ୍ତୁ ଇଶ୍ୱର ଚାହାଁନ୍ତି ଆମେ ତାଙ୍କ ପରିବାରର ସଦସ୍ୟ ହେଉ । ଆମ ନିଜ ଚେଷ୍ଟାରୁ - କିମ୍ବା ଯେତେ କଠୋର ପରିଶ୍ରମ କଲେ ସୁଦ୍ଧା ଇଶ୍ୱରଙ୍କ ପରିବାରରେ ଆମେ ଗୋଟିଏ ସ୍ଥାନ ଅର୍ଜନ କରିପାରିବୁ ନାହିଁ । କିନ୍ତୁ ଇଶ୍ୱର ଆମକୁ ଅତ୍ୟନ୍ତ ପ୍ରେମ କରୁଥିବାରୁ ଓ ଆମେ ତାଙ୍କର ନିକଟବର୍ତ୍ତୀ ହେଉ ବୋଲି ଚାହୁଁ ଥିବାରୁ ତାଙ୍କ ନିକଟରେ ଗୋଟିଏ ବିଶେଷ ଯୋଜନା ଥିଲା । ଇଶ୍ୱର ମନୁଷ୍ୟଜାତିର ଅଂଶ ବିଶେଷ  ହେବା ପାଇଁ ନିଷ୍ପତ୍ତି ନେଲେ । ତାଙ୍କ ପୁତ୍ର, ଯୀଶୁ, ଜଣେ ମାନବପିତା ବିନା ଗୋଟିଏ ମାନବ ଶିଶୁ ଭାବରେ ଜନ୍ମ ହେବେ ।




ଦିନେ ଗାବ୍ରୀଏଲ ଦୂତ ମରିୟମ ନାମକ ଜଣେ କୁମାରୀଙ୍କ ନିକଟକୁ ଆସିଲେ । ନାଜରିତର ବଢ଼େଇ, ଯୋଷେଫଙ୍କ ସହିତ ତାଙ୍କର ବିବାହ ନିର୍ବନ୍ଧ ହୋଇଥିଲା । ଦୂତ ତାହାଙ୍କୁ କହିଲେ ଯେ ମାନବ ପିତା ବିନା ଜନ୍ମ ହେବାକୁ ଯାଉଥିବା ତାଙ୍କ ପୁତ୍ର ସଂପୂର୍ଣ୍ଣ ଭାବରେ ପବିତ୍ର - ନିଷ୍ପାପ ହେବେ । ଯୀଶୁଙ୍କ ବାଲ୍ୟଜୀବନର ଅନେକ ଘଟଣା ସେହି ବିଷୟକୁ ସମର୍ଥନ କରିଥିଲା, ଯାହା ଦୂତ ମରିୟମଙ୍କୁ କହିଥିଲେ ।












ଯୀଶୁ ୩୩ ବର୍ଷ ଧରି ନିଷ୍ପାପ ଜୀବନ ଅତିବାହିତ କଲେ । ଶେଷ ତିନିବର୍ଷ ଧରି ଲୋକମାନଙ୍କୁ ନିଜ ପିତା ଈଶ୍ୱରଙ୍କ ବିଷୟରେ କହି, ସେମାନେ କିପରି ଜୀବନ ଯାପନ କରିବା ଉଚିତ, ତାହା ଦେଖାଇ ଏବଂ ମହା ଆଶ୍ଚର୍ଯ୍ୟକର୍ମ ଦ୍ୱାରା ଈଶ୍ୱରଙ୍କ ଶକ୍ତି ପ୍ରଦର୍ଶନ କରି ଓ ପାପ କ୍ଷମାକରି ସେ ସମଗ୍ର ଦେଶରେ ଲୋକମାନଙ୍କର ସେବା କଲେ ।









ବନ୍ଦୀ ହେବା ପୂର୍ବ ରାତ୍ରିରେ ଯୀଶୁ ନିଜ ଶିଷ୍ୟମାନଙ୍କ ସହିତ ନିସ୍ତାର ପର୍ବର ଭୋଜ ପାଳନ କଲେ । ୧୪୦୦ ବର୍ଷପୂର୍ବେ ମୋଶାଙ୍କ ଦ୍ୱାରା ଆରମ୍ଭ କରାଯାଇଥିବା ଏହି ଭୋଜ ପ୍ରଥାକୁ ଯୀଶୁ ଗୋଟିଏ ଉର୍ଦ୍ଧ୍ୱ କୋଠରୀରେ ପାଳନ କରିଥିଲେ । କିନ୍ତୁ ଏହାପରେ ଯୀଶୁ ଗୋଟିଏ ନୂତନ ପ୍ରଥା ଆରମ୍ଭ କଲେ । ସେ ପୁନର୍ବାର ବୁଝାଇ ଥିଲେ ଯେ ଜଗତର ପାପ ଦୂର କରିବା ନିମନ୍ତେ ସେ ନିଜର ପ୍ରାଣ ଦେବେ । ଯୀଶୁ ରୋଟୀ ଓ ଦ୍ରାକ୍ଷାରସକୁ ନିଜ ବଳିଦାନର ଏକ ଦୃଷ୍ଟାନ୍ତ ଭାବରେ ବ୍ୟବହାର କରିଥିଲେ । ସେ ପୁଣିଥରେ ବୁଝାଇଥିଲେ ଯେ ଲୋକମାନେ ପ୍ରତ୍ୟେକ ସ୍ଥାନରେ କରିଥିବା ସମସ୍ତ ଭୁଲ୍ କାର୍ଯ୍ୟର ଦଣ୍ଡ ସହ୍ୟ କରିବା ନିମନ୍ତେ କ୍ରୁଶ ଉପରେ ତାଙ୍କର ମୃତ୍ୟୁବରଣ ଈଶ୍ୱରଙ୍କ ଯୋଜନା ଅଟେ ।






ଯୀଶୁ କେବଳ ନିଜର ମୃତ୍ୟୁ ସମ୍ବନ୍ଧରେ ଭାବବାଣୀ କହି ନ ଥିଲେ, ମାତ୍ର ସେ ଏହି ଭାବବାଣୀ ମଧ୍ୟ କହିଥିଲେ ଯେ ତାଙ୍କୁ ମୃତ୍ୟୁରୁ ଉଠାଯିବ । ସେ ଶିଷ୍ୟମାନଙ୍କୁ ଭରସା ଦେଇଥିଲେ : "ମୁଁ ପୁନରୁତ୍ଥିତ ହେବା ପରେ ଗାଲିଲୀକୁ ଯିବି ଓ ସେଠାରେ ତୁମ୍ଭମାନଙ୍କୁ ସାକ୍ଷାତ୍ କରିବି । ଯୀଶୁ ଆହୁରି ମଧ୍ୟ କହିଥିଲେ, "ଭାବବାଦୀମାନେ ମୋ ବିଷୟରେ ଯାହା ଲେଖିଥିଲେ, ତାହା ସବୁ ସଫଳ ହେବ ।"

ଏହାର କିଛି ଦିନ ପରେ ଯୀଶୁ ବନ୍ଦୀ ହେଲେ । ଯେଉଁ ଯୀଶୁ ଝଡ଼କୁ ଶାନ୍ତ କରିଥିଲେ, ଲାଜାରଙ୍କୁ ମୃତ୍ୟୁରୁ ଉଠାଇଥିଲେ ଓ ୫୦୦୦ କ୍ଷୁଧିତ ଲୋକଙ୍କୁ ଭୋଜନ କରାଇଥିଲେ, ସେ ବନ୍ଦୀତ୍ୱରୁ, ପ୍ରହାରରୁ ଓ କ୍ରୁଶରେ କଣ୍ଟାବିଦ୍ଧ ହେବାରୁ ନିଜକୁ ସୈନିକମାନଙ୍କ ହସ୍ତରୁ ବଞ୍ଚାଇ ପାରିଥାନ୍ତେ । କିନ୍ତୁ ଯୀଶୁ ନିହତ ହେବା ନିମନ୍ତେ ଅନୁମତି ଦେଇଥିଲେ କାରଣ ସେ ଆମର ଦଣ୍ଡ ନିଜେ ସହ୍ୟ କରୁଥିଲେ ।

ବିଚାର ସମୟରେ ପିଲାତ ଘୋଷଣା କରିଥିଲେ ଯେ ଯୀଶୁ କୌଣସି ଭୁଲ୍ କରିନାହାନ୍ତି, ମାତ୍ର ଜନତାଙ୍କୁ ଖୁସି କରିବାକୁ ସେ ଯୀଶୁଙ୍କୁ କ୍ରୁଶରେ ମୃତ୍ୟୁବରଣ କରିବାକୁ ଦଣ୍ଡାଦେଶ ଦେଇଥିଲେ ।




ଯୀଶୁ ମୃତ୍ୟୁବରଣ କରିବା ପରେ ନିକଟସ୍ଥ ଗୋଟିଏ କବରରେ ତାଙ୍କୁ ସମାଧି ଦିଆଗଲା । ଏହାକୁ ଗୋଟିଏ ବଡ଼ ପଥର ଦ୍ୱାରା ବନ୍ଦ କରାଗଲା ଓ ସୈନିକମାନେ ଜଗିରହିଲେ, କାରଣ ଯୀଶୁଙ୍କୁ ହତ୍ୟା କରିଥିବା ନେତାମାନେ ସ୍ମରଣ କରିଥିଲେ ଯେ, ଯୀଶୁ ପୁନରୁତ୍ଥିତ ହେବେ ବୋଲି କହିଥିଲେ । କିନ୍ତୁ ତୃତୀୟ ଦିବସ, ଅର୍ଥାତ୍, ରବିବାର ସକାଳେ, କେତେ ଜଣ ସ୍ତ୍ରୀ ସମାଧି ନିକଟକୁ ଗଲେ । ହଠାତ୍ ଗୋଟିଏ ଭୂମିକମ୍ପ ହେଲା ଆଉ ପ୍ରଭୁଙ୍କର ଜଣେ ଦୂତ ପଥରକୁ ଗୋଟିଏ ପାର୍ଶ୍ୱକୁ ଗଡ଼ାଇ ଦେଲେ । ସେହି ଦୂତ ସ୍ତ୍ରୀମାନଙ୍କୁ କହିଲେ, ''ଭୟକର ନାହିଁ ! ... ସେ ଏଠାରେ ନାହାନ୍ତି । କାରଣ ସେ ଯେପରି କହିଥିଲେ, ସେହିପରି ଉଠିଅଛନ୍ତି । ତାଙ୍କ ଶରୀର ଯେଉଁଠାରେ ଥିଲା, ସେଠାକୁ ଆସି ଦେଖ । ... ବର୍ତ୍ତମାନ ଶୀଘ୍ର ଯାଇ ତାଙ୍କର ଶିଷ୍ୟମାନଙ୍କୁ କୁହ ଯେ, ସେ ମୃତ୍ୟୁରୁ ଉଠିଅଛନ୍ତି ଏବଂ ସେମାନଙ୍କୁ ଦେଖା କରିବାକୁ ଗାଲିଲୀକୁ ଯାଉଛନ୍ତି ।



ପାପ ନିମନ୍ତେ ଯୀଶୁ ଦେଇଥିବା ପାଉଣା ପ୍ରାପ୍ତ ହେବା ନିମନ୍ତେ ତାଙ୍କଠାରେ ବିଶ୍ୱାସ କରିବାକୁ ଆପଣ ମନ ମଧ୍ୟରେ ନିଷ୍ପତ୍ତି ନେବା ଉଚିତ । ଯଦି ଆମେ ପ୍ରକାଶ୍ୟରେ ଘୋଷଣା କରିବା ଯେ ଯୀଶୁ ଆମର ପାପ କ୍ଷମା ନିମନ୍ତେ ମୃତ୍ୟୁବରଣ କରିଥିଲେ, ଏବଂ ବିଶ୍ୱାସ କରିବା ଯେ ଈଶ୍ୱର ତାଙ୍କୁ ମୃତ୍ୟୁରୁ ଉଠାଇଥିଲେ, ତେବେ ଆମ ପାପ କ୍ଷମା କରି ସେଗୁଡ଼ିକୁ ଭୁଲିଯିବା ନିମନ୍ତେ ଈଶ୍ୱର ପ୍ରତିଜ୍ଞା କରିଛନ୍ତି । ଏହା କରିବା ସମୟରେ ଆମେ ଈଶ୍ୱରଙ୍କ ପରିବାରର ସଦସ୍ୟ ହୋଇଯାଉ । ପବିତ୍ରଆତ୍ମା ଆମଠାରେ ବାସ କରିବାକୁ ଆସନ୍ତି ଏବଂ ଗୋଟିଏ ଖ୍ରୀଷ୍ଟିୟ ଜୀବନ ଅତିବାହିତ କରିବା ନିମନ୍ତେ ଆମକୁ ସାମର୍ଥ୍ୟ ଦିଅନ୍ତି । ଦିନେ, ଈଶ୍ୱରଙ୍କ ସହିତ ଚିରଦିନ ନିମନ୍ତେ ଆମେ ସ୍ୱର୍ଗକୁ ଯିବା ।

ବୋଧହୁଏ ପାପ ସ୍ୱୀକାର କରିବା ନିମନ୍ତେ ଆପଣ ଆଦୌ ଗୋଟିଏ ବିବେକୀ ନିଷ୍ପତ୍ତି ନେଇ ନାହାନ୍ତି, ଈଶ୍ୱରଙ୍କୁ ପାପକ୍ଷମା ମାଗିନାହାନ୍ତି ଏବଂ ତାଙ୍କର ଗୌରବ ଜନକ ଜୀବନ ଅତିବାହିତ କରି ନାହାନ୍ତି । ବର୍ତ୍ତମାନ ଏହି ପ୍ରାର୍ଥନା କରିବେ କି ?

**"ଯୀଶୁ, ମୁଁ ବିଶ୍ୱାସ କରେ ଆପଣ ଈଶ୍ୱରଙ୍କ ପୁତ୍ର ।**
**ମୁଁ ବିଶ୍ୱାସ କରେ ଯେ ଆପଣ ମୋ ପାପ ସହିତ ଆମ ସମସ୍ତଙ୍କର ପାପ ନିମନ୍ତେ ଦଣ୍ଡ ସହ୍ୟ କରିବାକୁ ଏହି ପୃଥିବୀକୁ ଆସିଥିଲେ ।**
**ମୁଁ ବିଶ୍ୱାସ କରେ ଯେ ଆପଣ ମୃତ୍ୟୁବରଣ କରି ପୁନରୁତ୍ଥିତ ହୋଇଥିଲେ ଏବଂ ଆଜି ମଧ୍ୟ ଜୀବିତ ଅଟନ୍ତି ।**
**ଯୀଶୁ, ମୋର ପାପ କ୍ଷମା କରିବାକୁ ଓ ଆପଣଙ୍କ ସୁନ୍ଦର ପରିବାରର ଗୋଟିଏ ସଦସ୍ୟ କରିବାକୁ ମୁଁ ପ୍ରାର୍ଥନା କରୁଅଛି ।**
**ଆପଣ ଆସି ମୋ ମଧ୍ୟରେ ରୁହନ୍ତୁ ଓ ମୋର ପ୍ରଭୁ ହୁଅନ୍ତୁ ।**
**ଆମେନ୍" ।**

**ମୁଁ ବିଶ୍ୱାସ କରୁଛି ! ମୁଁ ଯୀଶୁଙ୍କୁ ମୋର ତ୍ରାଣକର୍ତ୍ତା ହେବା ନିମନ୍ତେ ପ୍ରାର୍ଥନା କରିଅଛି ।**

______________________________

(ନାମ) (ତାରିଖ)

ଆପଣ ନେଇଥିବା ନିଷ୍ପତ୍ତିଟିକୁ ବୁଝିବାରେ ସାହାଯ୍ୟ କରିବା ନିମନ୍ତେ ନିମ୍ନରେ କେତୋଟି ପଦ ଦିଆଯାଇଛି ।

ଯୋହନ ୩:୧୬
୧ ଯୋହନ ୫:୧୧, ୧୨
ଯୋହନ ୧:୧୨
ରୋମୀୟ ୩:୨୩
ରୋମୀୟ ୫:୮
ରୋମୀୟ ୬:୨୩
ରୋମୀୟ୧୦:୯, ୧୦
୨ କରିନ୍ଥୀୟ ୫:୧୭

ଆପଣ ଖ୍ରୀଷ୍ଟଙ୍କର ପରିତ୍ରାଣଦାନ ଗ୍ରହଣ କରିବା ପରେ, ବାଇବଲ ପଢ଼ନ୍ତୁ ଓ ପ୍ରାର୍ଥନାରେ ଈଶ୍ୱରଙ୍କ ସହିତ କଥାବାର୍ତ୍ତା କରନ୍ତୁ । ଅତିଶୀଘ୍ର, ଆପଣ ତାଙ୍କର ନିକଟବର୍ତ୍ତୀ ହେବେ ଏବଂ ସଂପୂର୍ଣ୍ଣ ଜୀବନ ଉପଭୋଗ କରିବାକୁ ଆରମ୍ଭ କରିବେ । ଈଶ୍ୱରଙ୍କ ସୁନ୍ଦର ପରିବାର ଜଣେ ସଦସ୍ୟ ହୁଅନ୍ତୁ ବୋଲି ସେ ଇଚ୍ଛା କରିଥିଲେ !



**The Life of Christ**
*Illustrated* - **Oriya**

*Cook Communications*
*Ministries International*

**G G Enterprises**
*gg.amar@RMB.sril.in*